

প্রিয়াংশঙ্ক বিস্ফোরক অর্দ্ধশতক


▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-313 ♦TUESDAY ♦12 MAY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୧୩ ♦ମଙ୍ଗଳବାର ♦୧୨ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ । ବଛା ବଛା ମଡେଲ ପାଇଁ ସଞ୍ଚୟ 27 ଏପ୍ରିଲ ରୁ 31 ମଇ 2026 ପର୍ଯ୍ୟନ୍ତ ଅଛି । ପ୍ରଯୁଜ୍ୟ ଅଫର୍‌ଗୁଡ଼ିକ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । E-comm ଅଫର୍‌ଗୁଡ଼ିକ ଯଥାଯୋଗ୍ୟ E-comm ପାର୍ଟନର୍ ଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । E-comm ଅଫର୍‌ଗୁଡ଼ିକ ପ୍ରତି ପାର୍ଟନର୍‌ଙ୍କ କ୍ଷେତ୍ରରେ ଭିନ୍ନ ହୋଇପାରେ । ଉଦ୍ଧୃତ ESRP ଗୁଡ଼ିକ ବେସ୍ ଭାରିଆଣ୍ଟ'ର ଅଟେ । ଅଫର୍ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ନିକଟସ୍ଥ ଡୀଲର୍‌ଶିପ୍ କୁ ଆସନ୍ତୁ । ପଲ୍‌ସର୍ 125 ନିଅନ୍ ଲାଗି ₹2 000 ଛାଡ଼ ।

**Authorised Dealers for Bajaj Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016,** • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

## ଧରାପଡ଼ିଲେ ଶୁଭେନ୍ଦୁଙ୍କ ପିଏ ହତ୍ୟାକାରୀ

କୋଲକାତା, ୧୧।୫(ଏଜେନ୍ସି): ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅତି ନିକଟତର ସହଯୋଗୀ ତଥା ପୂର୍ବତନ ବ୍ୟକ୍ତିଗତ ସହକାରୀ (ପିଏ) ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ବିହାର ଏବଂ ଉତ୍ତର ପ୍ରଦେଶରୁ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୋମବାର ଗିରଫ ଅଭିଯୁକ୍ତମାନଙ୍କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବାରାସାତ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସେମାନଙ୍କୁ ମେ ୨୪ ପର୍ଯ୍ୟନ୍ତ ୧୩ ଦିନିଆ ପୁଲିସ ହେପାଜତକୁ ପଠାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ବକ୍ସରରୁ ମୟଙ୍କ ରାଜ ମିଶ୍ର ଓ ବିକ୍କି ମୌର୍ଯ୍ୟ ଏବଂ ଉତ୍ତର ପ୍ରଦେଶର ଅଯୋଧ୍ୟାରୁ ରାଜ ସିଂହ। ପୋଲିସ ସନ୍ଦେହ କରୁଛି ଯେ ରାଜ ସିଂହ ଜଣେ ପେଶାଦାର ସାର୍ପସୁଟର। ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦୁଇ ଦିନ ପରେ, ଅର୍ଥାତ ମେ ୬ ତାରିଖ ରାତି ପ୍ରାୟ ୧୦:୩୦ ସମୟରେ, ମଧ୍ୟମଗ୍ରାମ ଅଞ୍ଚଳରେ ଚନ୍ଦ୍ରନାଥ ରଥଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ୪୨ ବର୍ଷୀୟ ଚନ୍ଦ୍ରନାଥ ନିଜ ସ୍କର୍ପିଓ ଗାଡ଼ିରେ ଫେରୁଥିବା ବେଳେ ଏକ ରୁପେଲି ରଙ୍ଗର ନିସାନ ମାଇକ୍ରା କାର୍ ଏବଂ ଦୁଇଟି ବାଇକ୍‌ରେ ଆସିଥିବା ଦୁର୍ବୃତ୍ତମାନେ ତାଙ୍କ ରାସ୍ତା ଅବରୋଧ କରିଥିଲେ। ଏହାପରେ ତାଙ୍କ ଉପରକୁ ୬ ରୁ ୧୦ ରାଉଣ୍ଡ ଗୁଳି ଚଳାଯାଇଥିଲା। ସେଥିରୁ ତାଙ୍କ ଶରୀରରେ ତିନୋଟି ଗୁଳି ବାଜିଥିଲା। ଏହି ଆକ୍ରମଣରେ ତାଙ୍କ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଅଭିଯୁକ୍ତମାନେ ହତ୍ୟା ପରେ ଫେରାର ହେବା ସମୟରେ ବାଲି ଟୋଲ୍ ପ୍ଲାଜା ଅତିକ୍ରମ କରିଥିଲେ। ଏହି ସମୟରେ ଜଣେ ଅଭିଯୁକ୍ତ ୟୁପିଆଇ ମାଧ୍ୟମରେ ଟୋଲ୍ ଫି ପୈଠ କରିଥିଲେ। ଏହି ଡିଜିଟାଲ୍ କାରବାର ସହିତ ଜଡ଼ିତ ମୋବାଇଲ୍ ନମ୍ବର ମାଧ୍ୟମରେ ପୋଲିସ ଅଭିଯୁକ୍ତମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାରେ ସକ୍ଷମ ହୋଇଥିଲା। ଏହା ସହିତ ସିସିଟିଭି ଫୁଟେଜ୍ ମଧ୍ୟ ଅଭିଯୁକ୍ତମାନଙ୍କ ପରିଚୟ ପ୍ରମାଣିତ କରିବାରେ ସାହାଯ୍ୟ କରିଛି।



## ନୋବେଲ ବିଜେତା ନର୍ଗିସ ମୋହମ୍ମଦୀଙ୍କୁ ଜାମିନ

ତେହେରାନ, ୧୧।୫(ଏଜେନ୍ସି): ଇରାନର ପ୍ରତିଷ୍ଠିତ ମାନବାଧିକାର କର୍ମୀ ତଥା ୨୦୨୩ ନୋବେଲ ଶାନ୍ତି ପୁରସ୍କାର ବିଜେତା ନର୍ଗିସ ମୋହମ୍ମଦୀଙ୍କୁ ଗୁରୁତର ସ୍ୱାସ୍ଥ୍ୟାବସ୍ଥା କାରଣରୁ ଜେଲରୁ ତେହେରାନର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମାଗତ ଅବନତି ଘଟୁଥିବାରୁ ଇରାନ କର୍ତ୍ତୃପକ୍ଷ ତାଙ୍କ ସଜା ସ୍ଥଗିତ ରଖିବାକୁ ଅନୁମତି ଦେଇ ଜାମିନ ପ୍ରଦାନ କରିଛନ୍ତି। ୫୪ ବର୍ଷୀୟା ନର୍ଗିସ ବର୍ତ୍ତମାନ ତେହେରାନ ପାର୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜେଲରେ ସେ ପ୍ରାୟ ୨୦ କିଲୋଗ୍ରାମ ଓଜନ ହରାଇଛନ୍ତି। ଏପରିକି ତାଙ୍କୁ କଥା କହିବାରେ ମଧ୍ୟ କଷ୍ଟ ଅନୁଭୂତ ହେଉଛି। ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚଳିତ ବର୍ଷ ସେ ଦୁଇଥର ହୃଦଘାତର ଶିକାର ହୋଇଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟ ଜଟିଳ ଅବସ୍ଥାରେ ରହିଛି। ନର୍ଗିସଙ୍କ ଭାଇ ହମିଦ୍‌ରେଜା କହିଛନ୍ତି ଯେ, ଏହି ଜାମିନ ତାଙ୍କ ପାଇଁ ନିଶ୍ଚିତ ମୃତ୍ୟୁରୁ ଏକ ସାମୟିକ ମୁକ୍ତି ସଦୃଶ। ଅନ୍ୟପଟେ, ପ୍ୟାରିସରେ ରହୁଥିବା ତାଙ୍କ ସ୍ୱାମୀ ତଘି ରାହମାନୀ କହିଛନ୍ତି ଯେ, ନର୍ଗିସଙ୍କୁ କେବେବି ସେହି ଜେଲର ପରିବେଶକୁ ଫେରାଇ ନିଆଯିବା ଉଚିତ ନୁହେଁ। ଇରାନରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଏବଂ ମାନବାଧିକାର ସୁରକ୍ଷା ପାଇଁ ନର୍ଗିସ ଦଶନ୍ଧିରୁ ଅଧିକ ସମୟ ଜେଲରେ କାଟିଛନ୍ତି। ୨୦୨୧ରୁ ସେ ୧୩ ବର୍ଷର ଜେଲ ଦଣ୍ଡ ଭୋଗୁଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ଅତିରିକ୍ତ ସଜା ଶୁଣାଯାଇଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ପ୍ରାୟ ୧୮ ବର୍ଷର ସଜା ବାକି ରହିଛି।

## କାଠମାଣ୍ଡୁରେ ଟର୍କିସ୍ ବିମାନରେ ନିଆଁ; ଅଳ୍ପକେ ବର୍ତ୍ତିଲେ ୨୮୮ ଯାତ୍ରୀ

କାଠମାଣ୍ଡୁ, ୧୧।୫(ଏଜେନ୍ସି): ନେପାଳର ସବୁଠାରୁ ବ୍ୟସ୍ତବହୁଳ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୋମବାର ସକାଳେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଟଳିଯାଇଛି। ଇସ୍ତାନବୁଲରୁ ଆସୁଥିବା ଟର୍କିସ୍ ଏୟାରଲାଇନ୍ସର ଉଡ଼ାଜାହାଜ ଅବତରଣ କରୁଥିବା ସମୟରେ ଏହାର ଚକରେ ନିଆଁ ଲାଗିଯାଇଥିଲା। ଫଳରେ ବିମାନବନ୍ଦରରେ କିଛି ସମୟ ପାଇଁ ଅନ୍ତର୍ଜାତୀୟ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟା ୪୫ରେ ବିମାନଟି ରନୱେକୁ ସ୍ପର୍ଶ କରିବା ସମୟରେ ଏହି ଅଘଟଣ ଘଟିଥିଲା। ବିମାନରେ ୨୭୭ ଜଣ ଯାତ୍ରୀ ଏବଂ ୧୧ ଜଣ କର୍ମଚାରୀ ଥିଲେ। ଯାତ୍ରୀଙ୍କ ମଧ୍ୟରେ କିଛି ଜାତିସଂଘ ଅଧିକାରୀ ମଧ୍ୟ ସାମିଲ ଥିଲେ। ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ବିମାନଟି ଅବତରଣ କରିବା ସମୟରେ ଧୂଆଁ ଏବଂ ନିଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ନିଆଁ ଲାଗିବା ପରେ ତୁରନ୍ତ ଜରୁରୀକାଳୀନ ଦ୍ୱାର ଖୋଲାଯାଇ ଯାତ୍ରୀମାନଙ୍କୁ ବିମାନରୁ ବାହାରକୁ ଅଣାଯାଇଥିଲା। ନେପାଳ ନାଗରିକ ବିମାନ ଚଳାଚଳ ପ୍ରାଧିକରଣର ସୂଚନା ଅଧିକାରୀ କହିଛନ୍ତି ଯେ, ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଛି ଏବଂ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ଉଦ୍ଧାର କାର୍ଯ୍ୟ ସମୟରେ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ଇରାନର ଶାନ୍ତି ପ୍ରସ୍ତାବ ସମ୍ପୂର୍ଣ୍ଣ ଅଗ୍ରହଣୀୟ: ଟ୍ରମ୍ପ

ୱାସିଂଟନ, ୧୧।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବର ଜବାବକୁ କଡ଼ା ଭାଷାରେ ପ୍ରତ୍ୟାଖ୍ୟାନ କରିଛନ୍ତି। ପାକିସ୍ତାନ ମାଧ୍ୟମରେ ଆସିଥିବା ଏହି ଜବାବକୁ ଟ୍ରମ୍ପ ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି ଅଭିହିତ କରିବା ସହ ତେହେରାନକୁ ସାମରିକ ପରିଣତି ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍



ସୋସିଆଲରେ ଏକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି, "ମୁଁ ଇରାନର ତଥାକଥିତ ପ୍ରତିନିଧିମାନଙ୍କ ଜବାବ ପଢ଼ିଛି। ଏହା ମୋତେ ଆଦୌ ପସନ୍ଦ ଆସିନାହିଁ। ଏହା ସମ୍ପୂର୍ଣ୍ଣ ଅଗ୍ରହଣୀୟ।" ବୋଲି କହିଛନ୍ତି। ଅନ୍ୟପଟେ, ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆମେରିକାର ପ୍ରସ୍ତାବକୁ ଇରାନ ଏକ 'ଆତ୍ମସମର୍ପଣ' ସହ ସମାନ ବୋଲି କହିଛି ଏବଂ ଏହାକୁ ଏକପାଖିଆ ବୋଲି କହି ଗ୍ରହଣ କରିବାକୁ ମନା କରିଦେଇଛି। ଏକ ଟେଲିଭିଜନ ସାକ୍ଷାତକାରରେ ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ପୂର୍ବରୁ ହିଁ ବଡ଼ ପରାଜୟର ସମ୍ମୁଖୀନ ହୋଇସାରିଛି। ସେ କହିଛନ୍ତି ଯେ ଆମେରିକୀୟ ସେନା ଇରାନ ମଧ୍ୟରେ ଥିବା ସେମାନଙ୍କ ଲକ୍ଷ୍ୟର ପ୍ରାୟ ୭୦ ପ୍ରତିଶତ ଶେଷ କରିସାରିଛନ୍ତି। ଯଦି ଆଲୋଚନା ବିଫଳ ହୁଏ, ତେବେ ବାକି ଥିବା ସମସ୍ତ ଲକ୍ଷ୍ୟକୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଥିସହିତ ଇରାନର ସମୃଦ୍ଧ ୟୁରାନିୟମ ଭଣ୍ଡାର ଉପରେ ଆମେରିକାର ଏୟାର ଫୋର୍ସ ତୀକ୍ଷ୍ଣ ନଜର ରଖିଥିବା ଟ୍ରମ୍ପ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକା ଇରାନକୁ ତାର ସମସ୍ତ ୟୁରାନିୟମ ଦେଶ ବାହାରକୁ ପଠାଇବାକୁ ଚାପ ପକାଉଥିବା ବେଳେ ଇରାନ ଏହାକୁ ନିଜର ସାର୍ବଭୌମ ଅଧିକାର ବୋଲି କହି ମନା କରିଆସୁଛି।

## ଷ୍ଟାଲିନଙ୍କୁ ଭେଟିଲେ ବିଜୟ



ଚେନ୍ନାଇ, ୧୧।୫(ଏଜେନ୍ସି): ତାମିଲନାଡୁର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ମୁଖ୍ୟ ଏମକେ. ଷ୍ଟାଲିନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ବିଜୟଙ୍କର ଏହା ଷ୍ଟାଲିନଙ୍କ ସହ ପ୍ରଥମ ସାକ୍ଷାତ। ଦଶନ୍ଧି ଦଶନ୍ଧି ଧରି ତାମିଲନାଡୁ ରାଜନୀତିରେ ଚାଲିଆସିଥିବା ଡିଏମକେ ଏବଂ ଏଆଇଏଡିଏମକେର ଦ୍ୱିପାକ୍ଷିକ ଆଧିପତ୍ୟକୁ ଭାଙ୍ଗି ବିଜୟ ଏକ ଐତିହାସିକ ବିଜୟ ହାସଲ କରିଛନ୍ତି। ଚେନ୍ନାଇର ଆଲୱାରପେଟ୍ ସ୍ଥିତ ଷ୍ଟାଲିନଙ୍କ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଷ୍ଟାଲିନ ଏବଂ ତାଙ୍କ ପୁତ୍ର ଉଦୟନିଧି ବିଜୟଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଉଭୟ ନେତା ପରସ୍ପରକୁ ଅଭିବାଦନ ଜଣାଇବା ସହ ଆଲିଙ୍ଗନ କରିଥିଲେ। ଏହି ସାକ୍ଷାତ ସମୟରେ ବିଜୟ ଏକ କଳା ରଙ୍ଗର ସୁଟ୍ ପିନ୍ଧିଥିବାର ଦେଖାଯାଇଥିଲା। ସୂଚନାଯୋଗ୍ୟ, ବିଜୟ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳର ସମର୍ଥନରେ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରିଛନ୍ତି। ସାକ୍ଷାତ ପରେ ଷ୍ଟାଲିନ ଏକ୍ସ ମାଧ୍ୟମରେ ବିଜୟଙ୍କୁ ଅଭିନନ୍ଦନ ଜଣାଇବା ସହ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ଦେଇଛନ୍ତି। ରାଜ୍ୟର ଆର୍ଥିକ ଅବସ୍ଥା ପାଇଁ ପୂର୍ବ ସରକାରଙ୍କୁ ଦାୟୀ ନ କରି ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଉପରେ ଧ୍ୟାନ ଦେବାକୁ ସେ ବିଜୟଙ୍କୁ କହିଛନ୍ତି।

# କଂଗ୍ରେସର କେରଳ ଚିନ୍ତା

### ୭ ଦିନ ପରେ ହୋଇପାରୁନି କଂଗ୍ରେସ ନେତା ନିଷ୍ପତ୍ତି



ନୂଆଦିଲ୍ଲୀ, ୧୧।୫: ଅନ୍ୟ ୪ଟି ରାଜ୍ୟ ସହିତ କେରଳ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ଏବେ ବି ଅନିଶ୍ଚିତତା ଘେରରେ ରହିଛି। ପଶ୍ଚିମ ବଙ୍ଗ ଓ ତାମିଲନାଡୁରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିସାରିଲେଣି ଏବଂ ଆସାମ ତଥା ପୁଡୁଚେରୀରେ ନେତା ନେତା ନିର୍ବାଚନ ସରିଲାଣି। ଆସାମରେ ହିମନ୍ତ ବିଶ୍ୱଶର୍ମା ଏବଂ ପୁଡୁଚେରୀରେ ରଙ୍ଗାସ୍ୱାମୀ ମୁଖ୍ୟମନ୍ତ୍ରୀ ହେବେ। ସମ୍ଭବତଃ ଆସନ୍ତାକାଲି ସେମାନେ ଶପଥ ଗ୍ରହଣ କରିବେ। କିନ୍ତୁ ଗୋଟିଏ ମାତ୍ର ରାଜ୍ୟ କେରଳ ଜିତିଥିବା କଂଗ୍ରେସ ନେତା ବାଛିପାରୁ ନାହିଁ। ମୁଖ୍ୟମନ୍ତ୍ରୀ ହେବା ଲାଗି ଅନେକ ବରିଷ୍ଠ ନେତା ଜୋରଦାର ଲବି ଚଳାଇଥିବାରୁ ହାଇକମାଣ୍ଡଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ନେତା ବାଛିବା ଲାଗି ନବନିର୍ବାଚିତ ବିଧାୟକମାନେ ହାଇକମାଣ୍ଡଙ୍କ କ୍ଷମତା ପ୍ରଦାନ କରିଛନ୍ତି। କିନ୍ତୁ ରାଜ୍ୟରେ କ୍ଷମତା ପାଇଁ କନ୍ଦଳ ଏମିତି ଜୋର ଧରିଛି ଯେ ହାଇକମାଣ୍ଡ ନିଷ୍ପତ୍ତି ନେଇ ପାରୁ ନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ କେରଳରେ ମୁଖ୍ୟମନ୍ତ୍ରୀ ହେବାଲାଗି କଂଗ୍ରେସର ଅନେକ ଦାବିଦାର ଥିଲେ ମଧ୍ୟ ଏବେ ଦୁଇ ଜଣଙ୍କୁ ନେଇ ବେଶି ଚର୍ଚ୍ଚା ଚାଲିଛି। ଏମାନେ ହେଲେ କେସି ବେଣୁଗୋପାଳ ଏବଂ ଭିଡି ସତୀଶନ। ଏହି ଦୌଡ଼ରେ ଅନ୍ୟତମ ବରିଷ୍ଠ ନେତା ରମେଶ ଚେନିତ୍ଥଲା ଥିଲେ ମଧ୍ୟ ତାଙ୍କୁ ବାଚସ୍ପତି କରିବା ଲାଗି ହାଇକମାଣ୍ଡ ଆଶ୍ୱାସନା ଦେଇଛନ୍ତି। ଆଶ୍ୱାସନା ପାଇବା ପରେ ସେ ଏବେ ନିରବ ରହିଥିବା ବେଳେ ବେଣୁଗୋପାଳ ଏବଂ ସତୀଶନଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ବେଣୁଗୋପାଳ ହେଉଛନ୍ତି ଗାନ୍ଧୀ ପରିବାର ଏବଂ ବିଶେଷ କରି ରାହୁଲଙ୍କ ଅତି ବିଶ୍ୱସ୍ତ। କିନ୍ତୁ ବେଣୁଗୋପାଳଙ୍କୁ ତୀବ୍ର ବିରୋଧ କରୁଛନ୍ତି ସତୀଶନ। ସତୀଶନ ସ୍ପଷ୍ଟ କରିଦେଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ପଦ ଛଡ଼ା ତାଙ୍କୁ ଅନ୍ୟ କୌଣସି ଦାୟିତ୍ୱ ଗ୍ରହଣୀୟ ନୁହେଁ। ରାହୁଲଙ୍କ ପକ୍ଷରୁ କୁହାଯାଇଥିଲା ଯେ ବେଣୁଗୋପାଳ ମୁଖ୍ୟମନ୍ତ୍ରୀ ହେଲେ ସତୀଶନଙ୍କୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ। କିନ୍ତୁ ସେ ମାନିବାକୁ ପ୍ରସ୍ତୁତ ନୁହନ୍ତି।

ଅନ୍ୟପକ୍ଷରେ ବେଣୁଗୋପାଳଙ୍କୁ ନେଇ ମଧ୍ୟ ହାଇକମାଣ୍ଡ ଚିନ୍ତାରେ ଅଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ କରାଗଲେ ରାଜ୍ୟରେ ପୁଣି ଦୁଇଟି ଉପନିର୍ବାଚନ ହେବ। ବେଣୁଗୋପାଳ ଲୋକସଭା ସାଂସଦ ଥିବାରୁ ମୁଖ୍ୟମନ୍ତ୍ରୀ ହେଲେ ତାଙ୍କୁ ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ପୁଣି ସେ ଲୋକସଭା ସଭ୍ୟ ପଦରୁ ଇସ୍ତଫା ଦେବେ। ତେଣୁ ଉଭୟ ଲୋକସଭା ଏବଂ ବିଧାନସଭା ଆସନରେ ସାନି ନିର୍ବାଚନ ହେବ। ଏସଂପର୍କରେ ହାଇକମାଣ୍ଡ ବେଣୁଗୋପାଳଙ୍କୁ ବୁଝାଉଛନ୍ତି। କିନ୍ତୁ ସେ ମୁଖ୍ୟମନ୍ତ୍ରୀ ହେବାକୁ ଜିଦ୍ ଧରିଥିବାରୁ ହାଇକମାଣ୍ଡ ଅଡୁଆରେ ପଡ଼ିଯାଇଛନ୍ତି। କେରଳରେ କର୍ଣ୍ଣାଟକ ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। କର୍ଣ୍ଣାଟକରେ ମଧ୍ୟ ସିଦ୍ଧରମେୟା ଏବଂ ଶିବକୁମାରଙ୍କ ମଧ୍ୟରେ ଏମିତି ଛକାପଞ୍ଝା ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ସତର୍କବାଣୀ ପରେ କେନ୍ଦ୍ରର ଆଶ୍ୱାସନା

## ପେଟ୍ରୋଲ-ଡିଜେଲର ଅଭାବ ନାହିଁ

ନୂଆଦିଲ୍ଲୀ, ୧୧।୫(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଦେଶରେ ପେଟ୍ରୋଲ, ଡିଜେଲ, ଏଲପିଜି କିମ୍ବା ଅଶୋଧିତ ତୈଳର କୌଣସି ଅଭାବ ନାହିଁ ବୋଲି ସୋମବାର କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପେଟ୍ରୋଲ ସଞ୍ଚୟ ଆହ୍ୱାନ ପରେ ସୃଷ୍ଟି ହୋଇଥିବା ଆଶଙ୍କାକୁ ଦୂର କରି ସରକାର ଜନସାଧାରଣଙ୍କୁ ଆତଙ୍କିତ ନହେବାକୁ ଏବଂ ପ୍ୟାନିକ ବାଇଙ୍ଗ ବା ଆତଙ୍କିତ ହୋଇ କ୍ରୟ କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ପଶ୍ଚିମ ଏସିଆର ସ୍ଥିତି ସମ୍ପର୍କରେ ଆୟୋଜିତ ଏକ ଆନ୍ତଃ-ମନ୍ତ୍ରଣାଳୟ ବିବରଣୀରେ ସରକାରୀ ଅଧିକାରୀମାନେ କହିଛନ୍ତି ଯେ, ଭାରତ ପାଖରେ ପର୍ଯ୍ୟାପ୍ତ ପରିମାଣର ଜାଳେଣି ଗଚ୍ଛିତ ଅଛି ଏବଂ ଆଞ୍ଚଳିକ ସଂଘର୍ଷର ପ୍ରଭାବକୁ ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ସମ୍ପର୍କରେ ଅଧିକାରୀମାନେ କହିଛନ୍ତି ଯେ, ଅନାବଶ୍ୟକ ଯାତ୍ରା କମ କରିବା ଏବଂ ପେଟ୍ରୋଲ ସଞ୍ଚୟ କରିବା ପାଇଁ ଦିଆଯାଇଥିବା ଆହ୍ୱାନକୁ କେବଳ ଶକ୍ତି ସଂରକ୍ଷଣ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ। ବିଶ୍ୱସ୍ତରୀୟ ଅନିଶ୍ଚିତତା ସମୟରେ ଦେଶର ଅର୍ଥନୈତିକ ବୋଝ ହ୍ରାସ କରିବା ଏବଂ ଦାୟିତ୍ୱବାନ ଭାବେ ପେଟ୍ରୋଲ ବ୍ୟବହାର କରିବାକୁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଏହି ବାର୍ତ୍ତାର ମୁଖ୍ୟ ଲକ୍ଷ୍ୟ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ, ଭାରତ ନିଜର ଶକ୍ତି ସଂରକ୍ଷଣ ଏବଂ ଯୋଗାଣ ପ୍ରୟାସର ଅଂଶସ୍ୱରୂପ ଏକାଧିକ ଦେଶରୁ ଶକ୍ତି ସଂଗ୍ରହ କରିବାକୁ ଚେଷ୍ଟା କରୁଛି। ଜାହାଜ ଚଳାଚଳ ସମ୍ପର୍କରେ ସୂଚନା ଦେଇ ବନ୍ଦର ଏବଂ ଜାହାଜ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀ ଓପେଶ ଶର୍ମା କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୧୦ଟି ଭାରତୀୟ ପତାକାଧାରୀ ଜାହାଜ ହରମୁଜ ପ୍ରଣାଳୀ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି। ଅବଶିଷ୍ଟ ୧୩ଟି ଜାହାଜକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି ଏବଂ ସେଥିରେ ଥିବା କ୍ରୁ ସଦସ୍ୟମାନଙ୍କ କଲ୍ୟାଣ ଉପରେ ସରକାର ପ୍ରତିଦିନ ନଜର ରଖିଛନ୍ତି।

## ଖାଲି ହୋଇଯାଉଛି କି ବୈଦେଶିକ ମୁଦ୍ରା ଭଣ୍ଡାର?

ନୂଆଦିଲ୍ଲୀ, ୧୧।୫(ଏଜେନ୍ସି): ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ଚାପକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ପରାମର୍ଶ ଦେଇଛନ୍ତି। ଦେଶର ଚଳନ୍ତି ଖାତା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍)କୁ ନିୟନ୍ତ୍ରଣ କରିବା ଏବଂ ଅର୍ଥନୀତିକୁ ବାହ୍ୟ ଝଟକାରୁ ରକ୍ଷା କରିବା ପାଇଁ ଅନାବଶ୍ୟକ ସୁନା କ୍ରୟ, ବିଦେଶ ଭ୍ରମଣ ଏବଂ ଇନ୍ଧନ ବ୍ୟବହାର କମାଇବାକୁ ସେ ଆହ୍ୱାନ କରିଛନ୍ତି। ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କାରେ ଅନ୍ତର୍ଜାତୀୟ



ବଜାରରେ ବ୍ରେଣ୍ଟ କ୍ରୁଡ୍ ଅଏଲ୍ ଦର ବ୍ୟାରେଲ ପିଛା ୧୨୬ ଅତିକ୍ରମ କରିଛି। ଭାରତ ନିଜର ଅଶୋଧିତ ତୈଳ ଆବଶ୍ୟକତାର ୮୫ ପ୍ରତିଶତରୁ ଅଧିକ ଆମଦାନୀ କରିଥାଏ। ଅର୍ଥନୀତିଜ୍ଞଙ୍କ ମତରେ, ଦେଶ ରପ୍ତାନି ତୁଳନାରେ ଆମଦାନୀ ପାଇଁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ ହେଲେ, ଚଳନ୍ତି ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଏ। ଆରବିଆଇ ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୬ର ଅକ୍ଟୋବର-ଡିସେମ୍ବରରେ ଏହି ନିଅଣ୍ଟ ୧୩.୨ ବିଲିୟନ ଡଲାରରେ ପହଞ୍ଚିଛି। ତୈଳ ପରେ ସୁନା ହେଉଛି ଭାରତର ଦ୍ୱିତୀୟ ସର୍ବାଧିକ ଆମଦାନୀ ଦ୍ରବ୍ୟ, ଯାହା ସିଏଡି ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଫେବୃଆରୀ ମଧ୍ୟରେ ସୁନା ଆମଦାନୀ ପ୍ରାୟ ୨୯ ପ୍ରତିଶତ ବୃଦ୍ଧି ପାଇ ୬୯ ବିଲିୟନ ଡଲାରରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ପରିବାରଗୁଡ଼ିକୁ ଅନ୍ତତଃ ପକ୍ଷେ ବର୍ଷେ ଯାଏଁ ବିବାହ କିମ୍ବା ଅନ୍ୟାନ୍ୟ ଉତ୍ସବ ପାଇଁ ଅନାବଶ୍ୟକ ସୁନା କିଣିବା ସ୍ଥଗିତ ରଖିବାକୁ ଅନୁରୋଧ କରିଛନ୍ତି। ସେପଟେ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ଏବଂ ତୈଳ ଦର ବୃଦ୍ଧିର ପ୍ରଭାବ ଶେୟାର ବଜାର ଉପରେ ତୁରନ୍ତ ଦେଖିବାକୁ ମିଳିଛି। ସୋମବାର କାରବାର ଆରମ୍ଭରୁ ସେନସେକ୍ସ ୧୦୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଥିବାବେଳେ ଗହଣା ଶିଳ୍ପ ସହ ଜଡ଼ିତ କମ୍ପାନୀ ଯଥା ଟାଇଟନ୍ ର ଶେୟାର ମୂଲ୍ୟରେ ମଧ୍ୟ ହ୍ରାସ ଘଟିଛି। ବିଶେଷଜ୍ଞଙ୍କ ମତରେ, ସରକାରଙ୍କ ଏହି ପଦକ୍ଷେପ ଏକ ସଙ୍କଟକାଳୀନ ପରିଚାଳନାର ଅଂଶବିଶେଷ।

## ବିଏସ୍‌ଏଫ୍‌କୁ ବେଙ୍ଗଲ ସୀମାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ

କୋଲକାତା, ୧୧।୫(ଏଜେନ୍ସି): ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆଜି ତାଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରେ କଡ଼ା ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଭାରତ-ବାଂଲାଦେଶ ସୀମାରେ ବାଡ଼ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ଜମି ହସ୍ତାନ୍ତର ପ୍ରକ୍ରିୟା ଆସନ୍ତା ୪୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ବିଜେପି ନିର୍ବାଚନ ସମୟରେ ଦେଇଥିବା ପ୍ରମୁଖ ପ୍ରତିଶ୍ରୁତିକୁ ପୂରଣ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଶୁଭେନ୍ଦୁ କହିଛନ୍ତି ଯେ, ଜମି ହସ୍ତାନ୍ତର ପ୍ରକ୍ରିୟା ଆଜିଠାରୁ ହିଁ ଆରମ୍ଭ ହେବ। ପଶ୍ଚିମବଙ୍ଗର ବାଂଲାଦେଶ ସହିତ ୪, ୦୯୭ କିଲୋମିଟର ସୀମା ରହିଛି ଏବଂ ପ୍ରାୟ ୮୫୦ କିଲୋମିଟର ଅଞ୍ଚଳ ଏବେ ମଧ୍ୟ ଅସୁରକ୍ଷିତ ରହିଛି। ପୂର୍ବତନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ସମୟରେ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ସୀମା ବାଡ଼ କାର୍ଯ୍ୟ ବହୁ ବର୍ଷ ଧରି ଅଟକି ରହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ଥରେ ଜମି ହସ୍ତାନ୍ତର ସରିଲେ ବିଏସଏଫ୍ ସୀମାକୁ ସମ୍ପୂର୍ଣ୍ଣ ସିଲ୍ କରିବ, ଯାହାଫଳରେ ଅନୁପ୍ରବେଶ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ସୀମା ସୁରକ୍ଷା ବ୍ୟତୀତ, ନୂତନ ସରକାର ରାଜ୍ୟରେ ସମସ୍ତ ଅଟକି ରହିଥିବା କେନ୍ଦ୍ରୀୟ ଯୋଜନାକୁ ତୁରନ୍ତ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଆୟୁଷ୍ମାନ ଭାରତ ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ୩.୦ ସାମିଲ ରହିଛି। ପୂର୍ବ ସରକାର କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ବନ୍ଦ କରି ଲୋକଙ୍କୁ ସୁବିଧାରୁ ବଞ୍ଚିତ ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଜୁନ୍ ୧ରୁ ବଙ୍ଗଳାରେ ଆୟୁଷ୍ମାନ ଭାରତ, ମହିଳାଙ୍କ ପାଇଁ ମାଗଣା ବସ୍ ଯାତ୍ରା**



## ଭାରତକୁ ଧମକାଇଲେ ପାକିସ୍ତାନ ସେନା ମୁଖ୍ୟ

ଇସଲାମାବାଦ, ୧୧।୫(ଏଜେନ୍ସି): ଭାରତର ଅପରେସନ୍ ସିନ୍ଦୂରରେ ପାକିସ୍ତାନୀ ସେନା ପରାସ୍ତ ହେବାର ବର୍ଷେ ପରେ ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶଲ ଆସିମ ମୁନିର ପୁଣି ଥରେ ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଛନ୍ତି। ରାୱଲପିଣ୍ଡି ସ୍ଥିତ ଜେନେରାଲ ହେଡକ୍ୱାର୍ଟର୍ସ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁନିର କହିଛନ୍ତି ଯେ, ଯଦି ଭାରତ ଭବିଷ୍ୟତରେ କୌଣସି ଦୁଃସାହସ କରେ, ତେବେ ଏହାର ପରିଣାମ ଅତ୍ୟନ୍ତ ବ୍ୟାପକ, ବିପଜ୍ଜନକ ଏବଂ ଯନ୍ତ୍ରଣାଦାୟକ ହେବ। ମୁନିର ଅଭିଯୋଗ କରିଛନ୍ତି ଯେ, ଗତବର୍ଷର ସାମରିକ ସଂଘର୍ଷ ସମୟରେ ଭାରତ ପାକିସ୍ତାନର ସାର୍ବଭୌମତ୍ୱକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସେହି ସଂଘର୍ଷରେ ପାକିସ୍ତାନର ରଣନୀତି ଭାରତ ଅପେକ୍ଷା ଶ୍ରେଷ୍ଠ ଥିଲା। ପାକିସ୍ତାନ ସମ୍ପୂର୍ଣ୍ଣ ସାମରିକ ଶକ୍ତି ସହ ଏହାର ଜବାବ ଦେଇଥିଲା। ଏହି ସଂଘର୍ଷକୁ ସେ କେବଳ ଏକ ପାରମ୍ପରିକ ଯୁଦ୍ଧ ନୁହେଁ, ବରଂ ଦୁଇଟି ବିଚାରଧାରା ମଧ୍ୟରେ ଏକ ନିର୍ଣ୍ଣାୟକ ଯୁଦ୍ଧ ବୋଲି ବର୍ଣ୍ଣନା କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମେ ୭ରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିର ଉପରେ ଏୟାରଷ୍ଟ୍ରାଇକ କରାଯାଇ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ଯଦିଓ ପାକିସ୍ତାନ ପାଲଟା ଆକ୍ରମଣ ପାଇଁ ଚେଷ୍ଟା କରିଥିଲା, କିନ୍ତୁ ଭାରତୀୟ ସେନା ସେଗୁଡ଼ିକୁ ବିଫଳ କରିଦେଇଥିଲେ। ତେବେ ଏହା ପୂର୍ବରୁ ମଧ୍ୟ ମୁନିର ଏଭଳି ଉତ୍ତେଜନାମୂଳକ ଧମକ ଦେଇଛନ୍ତି। ଗତ ଡିସେମ୍ବର ମାସରେ ମଧ୍ୟ ସେ ଭାରତକୁ ଚେତାବନୀ ଦେଇଥିଲେ। ସିନ୍ଧୁ ନଦୀ ଉପରେ ଥିବା ଭାରତୀୟ ବନ୍ଧଗୁଡ଼ିକୁ ଟାର୍ଗେଟ କରାଯାଇପାରେ ବୋଲି କହିଥିଲେ। ପାକିସ୍ତାନର ଏହି ବାରମ୍ବାର ଧମକ ଉଭୟ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରୁଛି।

## ଦିଲ୍ଲୀରେ ଦୁଇ ମହିଳାଙ୍କୁ ଜାତିଗତ ଆକ୍ଷେପ ଓ ଶାରୀରିକ ନିର୍ଯାତନା; ୪ ଅଭିଯୁକ୍ତ ଚିହ୍ନଟ

ନୂଆଦିଲ୍ଲୀ, ୧୧।୫(ଏଜେନ୍ସି): ଦେଶର ରାଜଧାନୀରେ ପୁଣିଥରେ ଉତ୍ତର-ପୂର୍ବ ଭାରତର ମହିଳାଙ୍କୁ ସୁରକ୍ଷା ଓ ସମ୍ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦକ୍ଷିଣ-ପୂର୍ବ ଦିଲ୍ଲୀର ନେହେରୁ ପ୍ଲେସ ଅଞ୍ଚଳରେ ଉତ୍ତର-ପୂର୍ବ ଭାରତର ଦୁଇଜଣ ମହିଳାଙ୍କୁ ଜାତିଗତ ଆକ୍ଷେପ, ଆକ୍ରମଣ ଏବଂ ଅସଦାଚରଣ କରାଯାଇଥିବା ଭଳି ଏକ ଅଭିଯୋଗ ହୋଇଛି। ଏହି ଘଟଣାରେ ଦିଲ୍ଲୀ ପୁଲିସ ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ସୂଚନା ଅନୁଯାୟୀ, ମଇ ୧୦ ତାରିଖ ସକାଳ ପ୍ରାୟ ୭ଟାରେ ନେହେରୁ ପ୍ଲେସସ୍ଥିତ ଏକ ଚା' ଦୋକାନରେ ଏହି ଦୁଇ ମହିଳା ଚା' ପିଉଥିଲେ। ସେହି ସମୟରେ ଦୁଇଜଣ ବ୍ୟକ୍ତି ସେମାନଙ୍କୁ ଦେଖି ଅଶ୍ଳୀଳ ମନ୍ତବ୍ୟ ଦେବା ସହ ଜାତିଗତ ଆକ୍ଷେପ କରିଥିଲେ। ପରେ ଏହି ବିବାଦ ବଢ଼ିଥିଲା ଏବଂ ଅନ୍ୟ କିଛି ବ୍ୟକ୍ତି ମଧ୍ୟ ସେମାନଙ୍କ ସହ ସାମିଲ ହୋଇ ମହିଳାଙ୍କୁ ଘେରି ଯାଇଥିଲେ। ପୀଡିତାଙ୍କ ଅଭିଯୋଗ ଅନୁସାରେ, ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ପୋଷାକ ଚିରି ଦେଇ ମାରପିଟ୍ କରିଥିଲେ। ଏପରିକି ସେମାନେ ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଜଣେ ବ୍ୟକ୍ତି ବାଉଁଶ ବାଡ଼ିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହାସହ ଅଭିଯୁକ୍ତମାନେ ସେମାନଙ୍କ ପଥ ଅବରୋଧ କରିବା ସହ ଘଟଣା ବିଷୟରେ କାହାକୁ କହିଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ଖବର ପାଇ କାଲକାଜି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନେକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଆଧାରରେ ୪ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଗିରଫଦାରୀ ହୋଇନଥିଲେ ମଧ୍ୟ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-313 ◆TUESDAY ◆12 MAY 2026 ◆PAGE-12 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୩୧୩ ◆ମଙ୍ଗଳବାର ◆୧୨ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଦୁବାଇରେ ବିଶ୍ୱର ପ୍ରଥମ ଏଆଇ ସ୍ମାର୍ଟ ବସ୍ ଷ୍ଟେସନ ଉଦ୍‌ଘାଟିତ



■ ଦୁବାଇ, ୧୧।୫ (ଏଜେନ୍ସି): ସ୍ମାର୍ଟ ସିଟି ଦିଗରେ ଦୁବାଇ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଦୁବାଇର ରୋଡ୍ ଆଣ୍ଡ ଟ୍ରାନ୍ସପୋର୍ଟ ଅଥରିଟି ପକ୍ଷରୁ ମଲ୍ ଅଫ୍ ଦି ଏମିରେଟ୍ସ ଠାରେ ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ଏଆଇ ଚାଳିତ ସ୍ମାର୍ଟ ବସ୍ ଷ୍ଟେସନର ଶୁଭାରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ଷ୍ଟେସନରେ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ୨୪ ଘଣ୍ଟିଆ ଡିଜିଟାଲ୍ ସେବାର ବ୍ୟବସ୍ଥା ରହିଛି। ଏହି ଷ୍ଟେସନଟି ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ସଜ୍ଜିତ। ଏହାର ବିଶେଷତ୍ୱ ମଧ୍ୟରେ ଏଆଇ କ୍ୟାମେରା ଓ ମନିଟରିଂ ରହିଛି। ଷ୍ଟେସନରେ ଏଆଇ-ଚାଳିତ କ୍ୟାମେରା ଲଗାଯାଇଛି। ଏହା ଭିଡ଼ ନିୟନ୍ତ୍ରଣ କରିବା ସହ ଯାତ୍ରୀଙ୍କ ଯାତାୟାତ ଏବଂ ସୁରକ୍ଷା ଉପରେ ନଜର ରଖିବ। ସେହିପରି ରିଅଲ୍-ଟାଇମ୍ ସୂଚନା ପାଇଁ ବଡ଼ ଡିଜିଟାଲ୍ ସ୍କ୍ରିନ୍ ମାଧ୍ୟମରେ ବସ୍ ଆସିବା ସମୟ, ମେଟ୍ରୋ ସମୟସୂଚୀ ଏବଂ ଟ୍ୟାକ୍ସି ଉପଲବ୍ଧତା ବିଷୟରେ ସିଧାସଳଖ ଅପଡେଟ୍ ମିଳିପାରିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ଆପ୍ ଏବଂ ଷ୍ଟେସନରେ ଥିବା ଇଣ୍ଟରଆକ୍ଟିଭ୍ କିଓସ୍କ ରହିଛି। ଏହା ମାଧ୍ୟମରେ ଯାତ୍ରା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ। ଭବିଷ୍ୟତରେ ଦୁବାଇକୁ ବିଶ୍ୱର ଏକ ଅଗ୍ରଣୀ ସ୍ମାର୍ଟ ସିଟି ଭାବେ ଗଢିତୋଳିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ରହିଛି।

# ବଙ୍ଗୋପସାଗରରେ ଲଘୁଚାପ

**ଓଡ଼ିଶା ଉପରେ ପ୍ରଭାବ ହୀନ**

**ମୌସୁମୀକୁ ବାଟ କଢ଼ାଇ ଆଣିବ**

■ ଭୁବନେଶ୍ୱର, ୧୧।୫ (ସମିସ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଶ୍ୱର୍ବର୍ତ୍ତୀ ଶ୍ରୀଲଙ୍କା ଉପକୂଳ ନିକଟରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଯଦିଓ ଏହି ଲଘୁଚାପର ପ୍ରଭାବ ସିଧାସଳଖ ଓଡ଼ିଶା ଉପରେ ରହିବ ନାହିଁ। ମାତ୍ର ଲଘୁଚାପ କ୍ଷେତ୍ରରୁ ଜଡ଼ିତ ଏକ ଟ୍ରଫଲାଇନ୍ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ମୁଖ୍ୟତଃ ଏହା କାଳବୈଶାଖୀ ଜନିତ ବର୍ଷା ସଦୃଶ ଅନୁଭୂତ ହେବ।

ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ବଙ୍ଗୋପସାଗର ଅଞ୍ଚଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ପାଇଁ ପାଗ ଅନୁକୂଳ ହେଉଛି। ଏହି ଲଘୁଚପା ମୌସୁମୀ ବାୟୁକୁ ଭିଡ଼ି ଆଣିବାରେ ସହାୟକ ହେଉଥିବାରୁ ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି। ବିଶେଷ କରି ଯାଜପୁର ଜିଲ୍ଲାରେ କାଳବୈଶାଖୀ ▶ପୃଷ୍ଠା-୧୧

# ପୁଣି ସୁପ୍ରିମକୋର୍ଟ ଗଲେ ମମତା

## ୩୧ଟି ନିର୍ବାଚନମଣ୍ଡଳୀରେ ଫଳାଫଳକୁ ପ୍ରଭାବିତ କରିଛି ଏସ୍ଆଇଆର୍



**ବିଜେପିର ବିଜୟ ବ୍ୟବଧାନ ଠାରୁ ଭୋଟ-କାଟ୍ ଅଧିକ**

**ନିର୍ବାଚନ କମିସନଙ୍କ ବିରୋଧ ସତ୍ତ୍ୱେ ଶୁଣାଣି କରିବେ ଅଦାଲତ**

**ଏସ୍ଆଇଆର୍ ଟ୍ରିବ୍ୟୁନାଲ ପାଇଁ ଧାର୍ଯ୍ୟ ହୋଇପାରେ ସମୟସୀମା**

■ ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ପୁଣି ଥରେ ସୁପ୍ରିମ କୋର୍ଟରେ ପହଞ୍ଚିଛନ୍ତି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ଅଭିଯୋଗ କରିଛନ୍ତି ଯେ ବିବାଦୀୟ ଏସ୍ଆଇଆର୍ ଯୋଗୁଁ ତାଙ୍କ ଦଳ ରାଜ୍ୟ ବିଧାନସଭା ନିର୍ବାଚନରେ ପରାସ୍ତ ହୋଇଛି। ୩୧ଟି ବିଧାନସଭା ନିର୍ବାଚନମଣ୍ଡଳୀର ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି ଯେ ଏସ୍ଆଇଆର୍ ପ୍ରକ୍ରିୟାରେ ଯେତେ ଭୋଟରମାନଙ୍କ ନାମ କଟିଛି ତାଠାରୁ କମ୍ ବ୍ୟବଧାନରେ ତାଙ୍କ ପାର୍ଟିର ପ୍ରାର୍ଥୀ ବିଜେପି ଠାରୁ ହାରିଛନ୍ତି। ଅର୍ଥାତ ଏହିସବୁ ନିର୍ବାଚନମଣ୍ଡଳୀରେ ତାଙ୍କ ପ୍ରାର୍ଥୀଙ୍କ ପରାଜୟ ବ୍ୟବଧାନ ଏସ୍ଆଇଆର୍ ବେଳେ କଟିଥିବା ଭୋଟରମାନଙ୍କ ସଂଖ୍ୟା ଠାରୁ କମ୍। ଏହି ଭୋଟର କଟିନଥିଲେ ତାଙ୍କ ପ୍ରାର୍ଥୀ ନିର୍ବାଚିତ ହୋଇଥାଆନ୍ତେ ବୋଲି ଯୁକ୍ତି କରିଛନ୍ତି। ତେବେ ଏସଂପର୍କରେ ସାନି ପିଟିସ ଦଖଲ କରିବା ନିମନ୍ତେ ସୁପ୍ରିମ କୋର୍ଟ ମମତା ବାନାର୍ଜୀଙ୍କୁ ପରାମର୍ଶ ଦେଇଛନ୍ତି। ମମତାଙ୍କ ଏହି ପିଟିସନକୁ ନିର୍ବାଚନ କମିସନ ବିରୋଧ କରିବାରୁ ଅଦାଲତ କହିଲେ ଯେ ସତ୍ୟପାଠ ମାଧ୍ୟମରେ ସେ ତାଙ୍କର ପକ୍ଷ ରଖନ୍ତୁ।

ଟିଏମ୍‌ସି ସୁପ୍ରିମୋ ମମତାଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଆଜି ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ କହିଲେ ଯେ ଉପରୋକ୍ତ ୩୧ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଏମିତି ଗୋଟିଏ ଆସନ ରହିଛି ଯେଉଁଠାରେ କି ଟିଏମସି ପ୍ରାର୍ଥୀ ମାତ୍ର ୮୬୨ ଭୋଟରେ ହାରିଯାଇଛନ୍ତି। ଏଠାରେ ଏସ୍ଆଇଆର୍ ବେଳେ ୫ ହଜାରରୁ ଅଧିକ ଲୋକଙ୍କ ନାମ କଟାଯାଇଥିଲା। ସେ ଆହୁରି କହିଲେ ଯେ ବିଧାନସଭା ନିର୍ବାଚନରେ ବିଜେପି ଏବଂ ଟିଏମସି ମଧ୍ୟରେ ଭୋଟ ବ୍ୟବଧାନ ୩୨ ଲକ୍ଷ ଥିବା ବେଳେ ଏସ୍ଆଇଆର୍ ବେଳେ ତାଲିକାରୁ ବାଦ୍ ପଡ଼ିଛନ୍ତି ୩୫ ଲକ୍ଷରୁ ଅଧିକ ଭୋଟର ଏବଂ ସେମାନେ ଏହା ବିରୋଧରେ ଟ୍ରିବ୍ୟୁନାଲରେ ପିଟିସନ ଦାଖଲ କରିଛନ୍ତି। ଟ୍ରିବ୍ୟୁନାଲରେ ଯେଉଁଭଳି ବିଚାର ପ୍ରକ୍ରିୟା ଚାଲିଛି, ସେଥିରେ ଆବେଦନ ଉପରେ ନିଷ୍ପତ୍ତି ନେବାଲାଗି ଆହୁରି ୪ରୁ ୫ ବର୍ଷ ଲାଗିଯିବ।

ବାନାର୍ଜୀଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଲେ ଯେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ସଂଖ୍ୟା ଯଦି ବିଜେପି ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନ ଠାରୁ ଅଧିକ, ତାହାହେଲେ ଟିଏମ୍‌ସି ଏସଂପର୍କରେ ସାନି ପିଟିସନ ଦାଖଲ କରିପାରିବ। ଟିଏମସିର ପିଟିସନକୁ ବିରୋଧ କରି ନିର୍ବାଚନ କମିସନଙ୍କ ପକ୍ଷରୁ ଆଡଭୋକେଟ କହିଥିଲେ ଏହାର ସମାଧାନ କେବଳ ନିର୍ବାଚନ ପିଟିସନ ଦ୍ୱାରା ହିଁ ସମ୍ଭବ। ପ୍ରଧାନ ବିଚାରପତିଙ୍କ ବେଞ୍ଚ କହିଲେ ଯେ ସତ୍ୟପାଠ ମାଧ୍ୟମରେ କମିସନ ତାଙ୍କର ଯୁକ୍ତି ରଖନ୍ତୁ। ଟ୍ରିବ୍ୟୁନାଲ ଦ୍ୱାରା ଏସ୍ଆଇଆର୍ ସଂକ୍ରାନ୍ତ ପିଟିସନ ସମାଧାନରେ ବିଳମ୍ବକୁ ନେଇ ଆବେଦନକାରୀ ଚିନ୍ତା ପ୍ରକଟ ▶ପୃଷ୍ଠା-୧୧

# ତେଲ ମାଡ଼ରେ ଟଙ୍କା ଦୁର୍ବଳ

■ ନୂଆଦିଲ୍ଲୀ,୧୧।୫(ଏଜେନ୍ସି): ବଢ଼ିବାରେ ଲାଗିଛି ମଧ୍ୟ ପ୍ରାଚ୍ୟ ସଙ୍କଟ। ଏଥିରେ ଗୁରୁତର ଭାବେ ପ୍ରଭାବିତ ହେଲାଣି ଭାରତୀୟ ବଜାର। କାରଣ ଯୁଦ୍ଧ ଅସ୍ଥିରତାରେ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବାରେ ଲାଗିଛି। କାରଣ ହଠାତ୍ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ ବୃଦ୍ଧି ଆଜି ଭାରତୀୟ ବାଣିଜ୍ୟ କାରବାର ଉପରେ ବୃହତ୍ ପ୍ରଭାବ ପକାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ନୂଆ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ତେଲ ଦର ବଢ଼ିବା ଯୋଗୁ ସୋମବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଘଟି ଏହା ଐତିହାସିକ ରେକର୍ଡ ସ୍ତରକୁ ଖସିଆସିଛି। ଶୁକ୍ରବାରର ପୂର୍ବ ବନ୍ଦ ୯୪.୪୮ ଟଙ୍କା ତୁଳନାରେ ଆଜି ଭାରତୀୟ ମୁଦ୍ରା ମୂଲ୍ୟରେ ୪୦ ପଇସା ହ୍ରାସ ଘଟିଛି। ଟଙ୍କା ମୂଲ୍ୟରେ ହ୍ରାସ ଭାରତର ଆମଦାନୀ ବିଲ୍ରେ ବୃଦ୍ଧି ଘଟାଇବ। ଏହାର ପ୍ରଭାବରେ ଅଗାମୀ ଦିନରେ ମୁଦ୍ରାସ୍ଫୀତି ହୁ ହୁ ହୋଇ ବଢ଼ିବ, ଯାହା ବଜାର ଦରକୁ ଆହୁରି ମହଙ୍ଗା କରିବ। ସୋମବାର ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟରେ ୩%ରୁ ଅଧିକ



**ପୁଞ୍ଜି ବଜାର ଧରାଶାୟୀ**

**୧ ଡଲାର=୯୪.୮୮ ଟଙ୍କା**

ବୃଦ୍ଧି ଘଟି ଏହା ପ୍ରାୟ ୧୦୪.୫୦ ଡଲାର ପ୍ରତି ବ୍ୟାରେଲରେ ପହଞ୍ଚିଛି। ବ୍ୟବସାୟୀମାନେ କହିଛନ୍ତି ଯେ, ହରମୁଜ୍ ପ୍ରଣାଳୀ ପୁନଃ ଖୋଲିବା ନେଇ ଅନିଶ୍ଚିତତା ଜାରି ରହିବା ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ଜାରି ରହିଛି।

ଆହୁରିମଧ୍ୟ ଇରାନ୍ ଯୁଦ୍ଧ ଯୋଗୁ ଆଜି ସପ୍ତାହର ପ୍ରଥମ କାରବାର ଦିବସରେ ଭାରତୀୟ ସେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳର ବର୍ଦ୍ଧିତ ମୂଲ୍ୟ ଏବଂ ଦୁର୍ବଳ ହେଉଥିବା ଭାରତୀୟ ମୁଦ୍ରା ଘରୋଇ ପୁଞ୍ଜି ବଜାରରୁ ▶ପୃଷ୍ଠା-୧୧

# ଚାଷୀ ମାଗିଲେ ଇଚ୍ଛାମୃତ୍ୟୁ



■ ଭେଡେନ, ୧୧।୫ (ସମିସ): ଧାନ ବିକି ନ ପାରିବାରୁ ଇଚ୍ଛା ମୃତ୍ୟୁ ମାଗିଲେ ଚାଷୀ। ବରଗଡ଼ ଜିଲ୍ଲା ଭେଡେନ୍ ବ୍ଲକ୍‌ରେ ଘଟିଥିବା ଏଭଳି ଏକ ଘଟଣା ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

**ଧାନ ବିକ୍ରି କରିପାରିଲେନି**

ଚାଷୀଜଣଙ୍କ ହେଲେ, ତାଲମେଣ୍ଡା ଗ୍ରାମର ରୋହିତ ଭୋଇ। ଆଜି ବ୍ଲକ୍ ଅଫିସ୍‌ରେ ଚାଲିଥିବା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ସେ ଇଚ୍ଛାମୃତ୍ୟୁ ପାଇଁ ଜିଲ୍ଲାପାଳଙ୍କୁ ଆବେଦନ କରିଛନ୍ତି।

ରୋହିତଙ୍କ କହିବା କଥା, ଗତ ଖରିଫ ଋତୁରେ ପ୍ରଶାସନର ଅବହେଳା ଯୋଗୁଁ ସେ ଧାନ ବିକି ପାରିନାହାନ୍ତି। ଏବେ ବି ମଣ୍ଡିରେ ତାଙ୍କର ବସ୍ତାବସ୍ତା ଧାନ ପଡ଼ି ରହିଛି। ଧାନଗଣ୍ଡାକ ବିକିବା ପାଇଁ ସେ ଦୀର୍ଘ ଦିନ ହେଲା ଖରା-ବର୍ଷାରେ ଧାରଣା ଦେଇଥିଲେ। କିନ୍ତୁ ତାଙ୍କ କଥା କେହି ଶୁଣୁନାହାନ୍ତି। ଧାନ ବିକ୍ରି ହୋଇପାରୁନଥିବାରୁ ତାଙ୍କ ପରିବାରର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏପରିକି, ବୃଦ୍ଧ ବାପା-ମା'ଙ୍କ ପାଇଁ ଔଷଧ ମଧ୍ୟ କିଣିପାରୁନାହାନ୍ତି। ▶ପୃଷ୍ଠା-୧୧

# ନୟାଗଡ଼ରେ ଆକ୍ରୋଶର ନିଆଁ

## ଯୁବକଙ୍କୁ ହାଣି ଖଣ୍ଡଖଣ୍ଡ କରିଦେଲେ ପଥର ମାଫିଆ



**ଦେହସାରା ୫୦ ଖଣ୍ଡା ଚୋଟ**

**ହାତ, ପାପୁଲି ହାଣି ଅଲଗା କରିଦେଲେ**

■ ନୟାଗଡ଼/ଓଡ଼ଗାଁ, ୧୧।୫ (ସମିସ): ଯୁବକଙ୍କୁ ହାଣି ଖଣ୍ଡଖଣ୍ଡ କରିଦେଲେ ପଥର ମାଫିଆ। ଶରୀରରୁ ହାତ ଏବଂ ହାତରୁ ପାପୁଲିକୁ କାଟି ଅଲଗା କରିଦେଇଛନ୍ତି। ଖାଲି ସେତିକି ନୁହେଁ, ଦେହ ସାରା ୫୦ରୁ ଊର୍ଦ୍ଧ୍ୱ ଖଣ୍ଡା ଚୋଟ। ଶରୀରର ଏମିତି କୌଣସି ଅଙ୍ଗ ନାହିଁ, ଯାହାକୁ ଦୁର୍ବୃତ୍ତମାନେ ଛାଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଏପରି ଏକ ଛାତିଥରା ହତ୍ୟାକାଣ୍ଡ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତକ ହେଲେ, ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ଖେଳପଡ଼ିଆ ସାହିର ଅଜିତ କୁମାର ସାହୁ। ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥର କଦଳୀବନ୍ଧ ନିକଟରେ ରବିବାର ବିଳମ୍ବିତ ରାତିରେ ଏହି ବର୍ବରକାଣ୍ଡ ଘଟିଛି। ମାଙ୍କଡ଼ା ପଥର ଚୋରାଚାଲାଣକୁ ବିରୋଧ କରିବାରୁ ଅଜିତଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ପଦାକୁ ଆସିବା ପରେ ନ୍ୟାୟ ଦାବିରେ ପରିବାର ଓ ସ୍ଥାନୀୟ ଲୋକ ରାତି ୩ଟାରୁ ଆଜି ଦିନ ୧୧ଟା ପର୍ଯ୍ୟନ୍ତ ପାଖାପାଖି ୮ ଘଣ୍ଟା ଧରି ୨୧ ନମ୍ବର ରାଜ୍ୟ ▶ପୃଷ୍ଠା-୧୧

# ଯୁବକଙ୍କୁ ହତ୍ୟା ପରେ ଜାଳିଦେଲେ



■ ଗଣିଆ, ୧୧।୫ (ସମିସ): ଯୁବକଙ୍କୁ ହତ୍ୟା କରି ଜାଳିଦେଲେ ଦୁର୍ବୃତ୍ତ। ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅଞ୍ଚଳରେ ଏହି ଲୋମଟାଙ୍କୁରା ଘଟଣା ଘଟିଛି। ମୃତ ଯୁବକ ହେଲେ, ଖଣ୍ଡପଡ଼ା ଥାନା ଢୋଲମରା ନିକଟସ୍ଥ କନ୍ଧମିରିଗି ଗ୍ରାମର ରୁଷିଆ ପ୍ରଧାନଙ୍କ ପୁଅ ସଞ୍ଜୟ ପ୍ରଧାନ। ଆଜି ଅପରାହ୍ଣରେ ରାସ୍ତାକଡ଼ରୁ ତାଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଶବଟି ସେମିତି ରାସ୍ତାକଡ଼ରେ ପଡ଼ି ରହିଥିଲା। ଯୁବକଙ୍କ ଡାହାଣ ହାତରେ ସଞ୍ଜୟ ଲେଖା ହୋଇଥିବା ବେଳେ ସେ ଗୋଟିଏ କଙ୍କଣ ପିନ୍ଧିଛନ୍ତି। ବେକରେ ଗୋଟିଏ ରୁପା ଚେନ୍ ମଧ୍ୟ ପଡ଼ିଛି। ମୃତଦେହ ପଡ଼ିଥିବା ଅନତି ଦୂରରେ ରାସ୍ତା ଉପରେ ଗୋଟିଏ ଚପଲ ପଡ଼ିଥିବା ବେଳେ ପେଟ୍ରୋଲ ବୋତଲ ମଧ୍ୟ ପଡ଼ିଛି। ସଞ୍ଜୟଙ୍କ ଶରୀରର ସମସ୍ତ ଅଂଶ ପୋଡ଼ି ଯାଇଛି। ମୃତଦେହ ପଡ଼ିଥିବା ସ୍ଥାନରେ ପିନ୍ଧିଥିବା ସାର୍ଟର ଟୁକୁଡା ଏବଂ ଗଞ୍ଜିର ଟୁକୁଡା ପଡ଼ି ରହିଛି।

ମିଳିଥିବା ସୂଚନାନୁଯାୟୀ, ସଞ୍ଜୟ ଭୁବନେଶ୍ୱରରେ କାମ କରୁଥିଲେ। ସେଠାରୁ ଗତକାଲି ଦିନ ୧୦ଟା ବେଳେ ▶ପୃଷ୍ଠା-୧୧

**ଧାମନଗରରେ ଶିଶୁବିକ୍ରି ଘଟଣା**

# ଉଦ୍ଧାର ହେଲା ଶିଶୁକନ୍ୟା

**ଶିଶୁ ଶିଶୁମଙ୍ଗଳ କମିଟି ନିର୍ଦ୍ଦେଶରେ 'ଆଶିୟାନା'ରେ ଭର୍ତ୍ତି**

■ ଧାମନଗର, ୧୧।୫(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ଗୁମୁଗଡ଼ ଛକ ନିକଟରେ ଡମଆଡ଼ି ଗାଁର ଏକ ଆଦିବାସୀ ଦମ୍ପତି ଅଭାବ ଅନଟନରେ ପଡ଼ି ସେମାନଙ୍କ ୪ବର୍ଷର ଝିଅକୁ ମାତ୍ର ୧୫ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଏହି ଘଟଣା ପଦାକୁ ଆସିବା ପରେ ପୁଲିସ୍ ୨୪ଘଣ୍ଟା ମଧ୍ୟରେ ଶିଶୁଟିକୁ ଉଦ୍ଧାର କରିଛି। ଶିଶୁଟିକୁ ଧାମନଗର ଛକରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଉଦ୍ଧାର ଶିଶୁକୁ ଜିଲ୍ଲା ଶିଶୁ ସୁରକ୍ଷା କମିଟି ନିର୍ଦ୍ଦେଶରେ 'ଆସିୟାନା'ରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଡମଆଡ଼ିରେ ରହୁଥିବା ବନ୍ଧୁଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କାଳୀ ମୁଣ୍ଡା ଅତ୍ୟନ୍ତ ଗରିବ ଶ୍ରେଣୀର। ମାଗିଯାଚି ପରିବାର ଚଳାନ୍ତି। ଆର୍ଥିକ ଅନଟନରୁ ସେମାନେ ନିଜର ୪ବର୍ଷର ଝିଅ ରାନୁ ମୁଣ୍ଡାକୁ ୧୫ ହଜାର ଟଙ୍କାରେ ବିକି ଦେଇଥିଲେ। ଶନିବାର ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ହାତକୁ ସେମାନେ ନିଜର ଶିଶୁକନ୍ୟାକୁ ଟେକି ଦେଇଥିଲେ। ଏହି ଘଟଣା ଗତକାଲି ପଦାକୁ ଆସିବା ପରେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ରଶ୍ମିତା ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶୁଭଶ୍ରୀ ପଡ଼ିଆରୀ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁଆ ଓ କାଳୀଙ୍କୁ ପଚରାଉଚରା କରିଥିଲେ। ପରେ ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲିଙ୍କ ଉପସ୍ଥିତିରେ ଥାନାଧିକାରୀ ସୁବ୍ରଜିତ ଦାଶ ସଦଳବଳେ ଧାମନଗର ଛକରେ ବିଭିନ୍ନ ଗାଡ଼ି ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା। ରାତି ୯ଟା ପରେ ବିକ୍ରି ଶିଶୁକୁ ପୁଲିସ ଉଦ୍ଧାର କରି ଭଦ୍ରକ ଶିଶୁମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁ ସୁରକ୍ଷା କମିଟି ନିର୍ଦ୍ଦେଶରେ ଆସିୟାନା ମୁକ୍ତାଶ୍ରୟ କେନ୍ଦ୍ରରେ ଝିଅଟିକୁ ଆଶ୍ରୟ ଦେଇ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

**ରାଜ୍ୟରେ ବଢୁଛି ଭିଡ଼ ହିଂସା**

# ଆଇନକୁ ଭୟ ନାହିଁ, ପୁଲିସକୁ ଡର ନାହିଁ

**ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲଙ୍କୁ ପିଟିପିଟି ହତ୍ୟା**

**ଓଡ଼ଗାଁରେ ଗୋଡ଼େଇ ଗୋଡ଼େଇ ଯୁବକଙ୍କୁ ଖଣ୍ଡାରେ ହତ୍ୟା**

**ରାୟଗଡ଼ା ନାଗାବଳୀ କୂଳରେ ଯୁବକଙ୍କୁ ଗୁଳି କରି ହତ୍ୟା**

**କେନ୍ଦ୍ରାପଡ଼ାର ଖରିନାସୀରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ**

**ବଲାଙ୍ଗୀରରେ ଜଣେ ଯୁବକଙ୍କୁ ଗୁଳି କରି ମାରିଲେ ଦୁର୍ବୃତ୍ତ**

■ ଭୁବନେଶ୍ୱର,୧୧।୫(ସମିସ): ପୁଲିସକୁ ଡ଼ର ନାହିଁ, ଆଇନକୁ ଭୟ ନାହିଁ। ଖୋଦ୍ ପୁଲିସ ଉପସ୍ଥିତିରେ ଲୋକେ ଆଇନକୁ ହାତକୁ ନେଉଛନ୍ତି; ଅପରାଧୀ ଆତଙ୍କରାଜ ଚଳାଉଛନ୍ତି। ଅନେକ କ୍ଷେତ୍ରରେ ପୁଲିସ ନିରବଦ୍ରଷ୍ଟା ସାଜିଛି, କେତେକ ଘଟଣାରେ ପୁଲିସର ସହଯୋଗରେ ଅପରାଧ ଘଟୁଥିବା ଅଭିଯୋଗ ହୋଇଛି। ବାଲିଅନ୍ତାରେ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣା ପରଠାରୁ ଗତ ୫ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନୁରୂପ ଘଟଣା ଘଟିଛି। 'ଭିଡ଼'କୁ ରୋକିବାକୁ ପୁଲିସର ସାମର୍ଥ୍ୟ ନଥିବା ଏହି ଘଟଣାରୁ ପ୍ରମାଣିତ ହୋଇଛି।

ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ପଥର ମାଫିଆ ରାସ୍ତା ଉପରେ ଗୋଡ଼େଇ ଗୋଡେଇ ଖଣ୍ଡାରେ ଜଣେ ଯୁବକଙ୍କୁ ଖଣ୍ଡଖଣ୍ଡ କରିଛନ୍ତି। ଏହି ଘଟଣାରେ ଅଜିତ୍ ସାହୁ ନାମକ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ଖରିନାସୀ ଗାଁରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି ଲୋକେ। ଟିକିଏ ବିଳମ୍ବ ହୋଇଥିଲେ ହୁଏତ ତାଙ୍କ ଜୀବନ ଯାଇଥାଆନ୍ତା। ଅଳ୍ପକେ ତାଙ୍କର ଜୀବନ ବର୍ତ୍ତିଗଲା ବୋଲି କୁହାଯାଉଛି। ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି ଥିଲେ ପୁଲିସ ବ୍ୟବସ୍ଥାରେ ତାହାକୁ 'ଭିଡ଼' ବୋଲି କୁହାଯାଏ ଓ ଏହି ସବୁ ଘଟଣାରେ ୫ରୁ ଅଧିକ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ପ୍ରତ୍ୟେକ ଦିନ ରାଜ୍ୟର କେଉଁଠି ନା କେଉଁଠି ଲୋକମାନେ ଆଇନକୁ ହାତକୁ ନେବା ସହ ସଙ୍ଘବଦ୍ଧ ହୋଇ ଆକ୍ରମଣ କରୁଛନ୍ତି। କେଉଁଠି ପୀଡ଼ିତ ଗୁରୁତର ହେଉଛନ୍ତି ତ ଆଉ କେଉଁଠି ମୃତ୍ୟୁବରଣ କରୁଛନ୍ତି। ମୋଟାମୋଟି କହିବାକୁ ଗଲେ, ଭିଡ଼କୁ ରୋକିବାରେ ପୁଲିସ ବିଫଳ ହୋଇଛି ଓ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି।

ଗତ ଗୁରୁବାର ସ୍ପଷ୍ଟ ଦିବାଲୋକରେ ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନଙ୍କୁ ଲୋକମାନେ ପିଟି ପିଟି ହତ୍ୟା କରିଥିଲେ। ହାତଗୋଡ଼ ବାନ୍ଧି ଅତି ନିର୍ମମ ଭାବେ ଟ୍ରକ୍ ଡାଲାରେ ଫିଙ୍ଗି ଦେଇଥିଲେ। ଘଟଣକୁ ନେଇ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ। କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେବା ସହ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ସଜାଗ ଓ ସତର୍କ ରହିବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ ଦୁଇ ଦିନ ନ ହେଉଣୁ , ଓଡ଼ଗାଁ ଏବଂ ଖରିନାସୀ ଅଞ୍ଚଳରୁ ଦୁଇଟି ଘଟଣା ସାମ୍ନାକୁ ଆସିଛି। ଓଡ଼ଗାଁ ଘଟଣାରେ ଅଜିତଙ୍କ ହାତକୁ ହାଣି ଖଣ୍ଡ ଖଣ୍ଡ କରିବା ସହ ହତ୍ୟା କରିଛନ୍ତି। ଆଉ ଖରିନାସୀ ଗାଁ ଦାଣ୍ଡରେ ୨୦ରୁ ଅଧିକ ଲୋକେ ଜଣେ ଯୁବକଙ୍କୁ ହାତଗୋଡ଼ ବାନ୍ଧି ନିର୍ମମ ଭାବେ ଆକ୍ରମଣ ▶ପୃଷ୍ଠା-୧୧

ସକାଳ THE SAKALA



## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୧୭ଟି ଅଭିଯୋଗର ଶୁଣାଣି, ୨ଟି ତତ୍କାଳ ସମାଧାନ



**ରାଇରଙ୍ଗପୁର, ୧୧।୫(ସମିସ)**

ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଧନୁର୍ଜୟ ମହାନ୍ତ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ୧୧୭ଟି ଅଭିଯୋଗର ଶୁଣାଣି କରି ୨ଟିର ତତ୍କାଳ ସମାଧାନ କରିଛନ୍ତି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଜନସାଧାରଣଙ୍କଠାରୁ ୧୧୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରେ ୯୧ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଓ ୨୬ଟି ବିଭିନ୍ନ ସମସ୍ୟା ଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଉକ୍ତ ଆପତ୍ତି ଅଭିଯୋଗଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର

# ମୟୂରଭଞ୍ଜ ଗାନ୍ଧୀ ଶରତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ବାରିପଦା, ୧୧।୫(ସମିସ):** ମୟୂରଭଞ୍ଜ ପ୍ରଜା ମଣ୍ଡଳ ଆନ୍ଦୋଳନର ମୁଖ୍ୟ ତଥା ଭାରତ ସ୍ୱାଧୀନତା ପରେ ସ୍ୱାଧୀନ ମୟୂରଭଞ୍ଜ ରାଜ୍ୟର ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଗାନ୍ଧୀ ବୋଲାଉଥିବା ସ୍ୱର୍ଗତ ଶରତ ଚନ୍ଦ୍ର ଦାସଙ୍କ ସ୍ମୃତିରକ୍ଷା ଉଦେଶ୍ୟରେ ତାଙ୍କର ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନା ସହ ତାଙ୍କ ଦ୍ୱାରା ନିର୍ମିତ ମୟୂରଭଞ୍ଜ ସ୍ୱରାଜ ଆଶ୍ରମର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବା ନିମନ୍ତେ ପାଣ୍ଠି ଯୋଗାଇ ଦେବାକୁ ଆଜି ଓଡ଼ିଆ ଜାଗରଣ ମଞ୍ଚର ଏକ ପ୍ରତିନିଧି ଦଳ ମଞ୍ଚର ପ୍ରତିଷ୍ଠା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କୁ ପ୍ରଦାନ କରିଛନ୍ତି। ୧୯୪୮ ମସିହା ପରେ ଶରତ ଚନ୍ଦ୍ର ଦାସ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ରାଜ୍ୟ ବିଧାନ ପରିଷଦ ଗଠନ କରିଥିଲେ ଓ ପ୍ରଜାମାନଙ୍କ ମତ ନେଇ ରାଜ୍ୟ ଶାସନ କରୁଥିଲେ। ୧୯୪୮ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଏହି ଗଡ଼ଜାତ ରାଜ୍ୟ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତିପତ୍ର ସ୍ୱାକ୍ଷର କରି ଭାରତ ସହିତ ମିଶ୍ରଣ ହୋଇ ଏହା କେନ୍ଦ୍ରାଞ୍ଚଳ ଭାବେ ଶାସିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ସହିତ ଏହା ଏକ ଜିଲ୍ଲା ଭାବେ ମିଶିଯାଇଥିଲା। ତେଣୁ ଶରତ ଚନ୍ଦ୍ର ଦାସ ପ୍ରଧାନମନ୍ତ୍ରୀ ରୂପେ ଶାସନ ଭାର ଗ୍ରହଣ କରି ରାଜ୍ୟକୁ ଚଳାଇ ଆସୁଥିଲେ। ୧୯୪୯ ଜାନୁଆରୀ ୧ ତାରିଖ ଦିନ ଓଡ଼ିଶା ସରକାରଙ୍କ ସହିତ ମୟୂରଭଞ୍ଜ ମିଶିଗଲା ଓ ଏହା ଏକ ଜିଲ୍ଲା ଭାବେ ପରିଚାଳିତ ହେଲା। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଭାଗବତ ପଣ୍ଡା, ଆଇନଜୀବୀ ସତ୍ୟନାରାୟଣ ସାହୁ, ନନ୍ଦଲାଲ ସିଂହ, ପୀତାମ୍ବର ମଲ୍ଲିକ ଓ ଗୋଲୋକ ମହାନ୍ତି ପ୍ରମୁଖ ସାମିଲ ଥିଲେ।




## ଶିଶୁ ଶ୍ରମିକ ଘଟଣାର ରାୟ ପ୍ରକାଶ

# ଦୋକାନୀଙ୍କୁ ୨୦ ହଜାର ଜରିମାନା

**ଉଦଳା, ୧୧।୫(ସମିସ):** ନିୟମ ଉଲ୍ଲଙ୍ଘନ କରି ଶିଶୁ ଶ୍ରମିକଙ୍କୁ କାମରେ ଲଗାଇଥିବା ଦୋକାନୀଙ୍କୁ ୨୦ ହଜାର ଟଙ୍କାର ଜୋରିମାନା ରାୟ ଶୁଣାଣି କରିଛନ୍ତି ଏସଡିଜେଏମ। କପ୍ତିପଦା ଥାନା ନୁଆସାହି ବଜାରରେ ଥିବା ମା' ଦୁର୍ଗା ହୋଟେଲ ଓ ଫାଷ୍ଟଫୁଡ ଦୋକାନର ମାଲିକ ରବିନାରାୟଣ ପରିଡ଼ା ଶିଶୁ ଶ୍ରମିକଙ୍କୁ ଦୋକାନ କାମରେ ଲଗାଇଥିଲେ। ଯାହାକୁ ନେଇ ଗତ ୨୦୨୫ ଜୁନ ମାସ ୨୩ ତାରିଖରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଉଦଳା ଏସଡିଜେଏମ କୋର୍ଟରେ ୨୦୨୬ ଫେବୃଆରୀ ୬ ତାରିଖରେ ଏହି ମାମଲାର ଟ୍ରାଏଲ ଆରମ୍ଭ ହୋଇଥିଲା। ଯାହାକୁ ନେଇ ସୋମବାର ଉଦଳା ଏସଡିଜେଏମ ଅନୁରାଗ ଦେହୁରୀ ଉକ୍ତ ମାମଲାର ଶେଷ ଶୁଣାଣି କରି ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ୨୦ ହଜାର ଟଙ୍କାର ଜୋରିମାନା ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ୩୦ ଦିନ ଜେଲ ଦଣ୍ଡାଦେଶ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ରବିନ କୁମାର ପଟ୍ଟନାୟକ ସରକାରୀ ଓକିଲ ଭାବେ କେଶ ଲଢ଼ିଥିବାବେଳେ ବିପକ୍ଷର ଓକିଲ ଥିଲେ ଦିଲ୍ଲୀପ ପରିଡ଼ା।

## ଯୁବତୀଙ୍କୁ ଦୁର୍ବ୍ୟବହାର ମହଙ୍ଗା ପଡ଼ିଲା

# ଯୁବକଙ୍କୁ ଗଛରେ ବାନ୍ଧି ନିର୍ଧୁମ ପିଟିଲେ ଗ୍ରାମବାସୀ



**ଉଦଳା, ୧୧।୫(ସମିସ):** ରାତିରେ ଗ୍ରାମରେ ପଶି ଯୁବତୀଙ୍କୁ ଦୁର୍ବ୍ୟବହାର ଉଦ୍ୟମ କରିବା ଯୁବକଙ୍କୁ ମହଙ୍ଗା ପଡ଼ିଛି। ଉକ୍ତ ଯୁବକଙ୍କୁ ଗଛରେ ବାନ୍ଧି ଗ୍ରାମବାସୀ ନିର୍ଧୁମ ମାଡ଼ ମାରିଛନ୍ତି। ଉଦଳା ଥାନା ପାଟଶାଣିପୁର ପଞ୍ଚାୟତର ବରହମପୁର ଗ୍ରାମରେ ଘଟିଛି ଏଭଳି ଘଟଣା। ବାରିପଦା ଅଞ୍ଚଳର ଦୁଇଜଣ ଯୁବକ ରାତିରେ ବରହମପୁର ଗ୍ରାମରେ ପଶିଥିଲେ। ଏହି ସମୟରେ ଗ୍ରାମରେ ଏକ ଆଦିବାସୀ ପରିବାରରେ କାର୍ଯ୍ୟକ୍ରମ ଚାଲିଥିଲା। ସେଠାରେ ପହଞ୍ଚି ଦୁଇଜଣ ଯୁବତୀଙ୍କୁ ଦୁର୍ବ୍ୟବହାର କରିବାକୁ ଉଦ୍ୟମ କରିବା ସହିତ ଯୁବତୀଙ୍କୁ ହଇରାଣ କରିଥିଲେ। ଯାହାକୁ ନେଇ ତାତିଥିଲେ ଉପସ୍ଥିତ ଲୋକେ। ଦୁଇ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବାବେଳେ ଜଣେ ଫେରାର ହୋଇଯାଇଥିଲା। ଅନ୍ୟ ଜଣେ ଯୁବକଙ୍କୁ ଗ୍ରାମବାସୀ କାବୁ କରି ଦଉଡିରେ ଗଛରେ ବାନ୍ଧିଥିଲେ ଓ ମାଡ଼ ମାରିଥିଲେ। ଖବର ପାଇ ଦୀର୍ଘ ସମୟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧା ଯାଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବକ ଜଣଙ୍କ ନିଜ ସ୍ତ୍ରୀକୁ ଖୋଜି ଖୋଜି ଭୁଲରେ ଆସି ଗ୍ରାମରେ ପଶିଥିଲା ବୋଲି ପୁଲିସ କହୁଛି।

## ୨୨ରେ ବିଜେଡିର ମହିଳା ସୁରକ୍ଷା ସମାବେଶ

# ବାରିପଦା ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରସ୍ତୁତି ବୈଠକ



**ବାରିପଦା, ୧୧।୫(ସମିସ):** ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପରେ ବିଜେପି ଓ କଂଗ୍ରେସ ମିଛ କୁମ୍ଭୀର କାନ୍ଦଣା କାନ୍ଦୁଥିବାବେଳେ ବିଜେପିକୁ କଡ଼ା ଜବାବ ଦେବାକୁ ସାରା ଓଡ଼ିଶାରେ ବିଜୁ ଜନତା ଦଳ ପକ୍ଷରୁ ମେ ୧୦ରୁ ୨୫ ତାରିଖ ମଧ୍ୟରେ ନାରୀ ଅଧିକାର ଅଭିଯାନ ଜିଲ୍ଲା, ନିର୍ବାଚନମଣ୍ଡଳୀ ଓ ବ୍ଲକ ସ୍ତରରେ ହେବାକୁ ଯାଉଛି। ଆଗାମୀ ୨୨ ତାରିଖରେ ବାରିପଦା ନିର୍ବାଚନମଣ୍ଡଳୀ ସ୍ତରୀୟ ମହିଳା ସୁରକ୍ଷା ସମାବେଶ ହେବାକୁ ଯାଉଛି। ଏଥିପାଇଁ ବାରିପଦା ବିଜେଡି କାର୍ଯ୍ୟାଳୟ (ବିଜୁ ଭବନ)ରେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ପ୍ରସ୍ତୁତି ବୈଠକରେ ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି ଯୋଗଦେଇ ବିଜେପି ସରକାରରେ ମହିଳାମାନେ ସୁରକ୍ଷିତ ନୁହେଁ ବୋଲି ଆରୋପ ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ମୟୂରଭଞ୍ଜ ସଦର ସଭାପତି ଡା. ଦେବାଶିଷ ମାର୍ଣ୍ଡି, ଜୋନାଲ ମହିଳା ବିଜେଡି ସଭାନେତ୍ରୀ ପ୍ରତିନନ୍ଦା କାନୁନଗୋ, ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଉପନଗରପାଳ ସୀମା ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁନିତି ମାର୍ଣ୍ଡି, ପୁଷ୍ପଲତା ମାର୍ଣ୍ଡି, ବିଣାପାଣୀ ସାହୁ, ଶ୍ରାବଣୀ ଦାସ, ସବିତା ବେହେରା, ସମ୍ପା ମଜୁମଦାର, ଗୀତାରାଣୀ ବେହେରା, ଅନୀତା ସେଠୀ, ଅଞ୍ଜଳି ଦାସ, ରଞ୍ଜିତା ମହାପାତ୍ର, ମମତା ମହାନ୍ତ, ଅମ୍ବିତା ମାହାନ୍ତି, ମମତା ବେହେରା, କାଉନସିଲର ମହେଶ ଭଞ୍ଜଦେଓ, ତ୍ରୈଲୋକେଶ ପଣ୍ଡା, କୁମାର ମୁଖି, ସୁଧୀର ବାରିକ, ଶିବଶଙ୍କର ପାତ୍ର, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ୍ ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାୟକ, ସରୋଜ ବୋଷ, ରତ୍ନାକର ବେହେରା, ଦେବାଶିଷ ଦାସ, ଅନ୍ତର୍ଯ୍ୟାମୀ ବେହେରା, ଲଲାଟେନ୍ଦୁ ବେହେରା, ଜ୍ଞାନରଞ୍ଜନ ଦାସ, ସୁନୀଲ କୁମାର ନାୟକ, ଆଭାସ ଦେ, ଜିତ ପଟ୍ଟନାୟକ, ଅମିତ କୁମାର ବୈଠା, ଦୀପକ ମଢୁଆଳ, ହରେକୃଷ୍ଣ ଦାସ, ରାଜୀବ ଜେନା, ପିଙ୍କି ସାର, ସୁଶାନ୍ତ ପଶା, ବିଜୟ ଦାଶ, ସଞ୍ଜୀବ ପରିଡ଼ା, ଦୟପାନ ବେହେରା, ଅଜିତ ବେହେରା, ପୂର୍ଣ୍ଣାନନ୍ଦ ପରିଡ଼ା ଓ ପୁନ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ବେତନଟୀ, ୧୧।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ରାଗଧା ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ସ୍ୱର୍ଗତ ମହାଦେବ ବିନ୍ଧାଣୀଙ୍କ ସ୍ତ୍ରୀ ମୁନି ବିନ୍ଧାଣୀ (୫୮)। ଶନିବାର ରାତିରେ ଖାଇପିଇ ଶୋଇଥିବା ସମୟରେ ଡାହାଣ ହାତରେ ସାପ କାମୁଡ଼ିଥିଲା। ରକ୍ତସ୍ରାବ ହେଉଥିବା ସ୍ଥିତିରେ ରବିବାର ଭୋରରେ ପରିବାର ଲୋକ ତାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ବେତନଟୀ ପୁଲିସ ଏହି ଘଟଣାରେ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରାଇଛି। ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ସୁରେଇଡିହିରେ ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ



**ବେତନଟୀ, ୧୧।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଗ୍ରାମରେ ପ୍ରଥମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚାରିଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ସମଗ୍ର ନାମଯଜ୍ଞକୁ ଆଧ୍ୟାତ୍ମିକ ପରିବେଶ ପ୍ରଦାନ କରିଥିଲେ। ୯ ତାରିଖ ଶନିବାର ଦିନ ଅଧିବାସ ଓ ଘଟ ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୧୦ ତାରିଖ ରବିବାର ଦିନ ଉଦଯାପନୀ ଉତ୍ସବ ସହିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ରଘୁନାଥପୁର ବାରିପଦା, ଗୁହାଳଡିହି ବଡଯୋଡ, ନୁଆଡିହି ବାରିପଦା ଓ ପଳାସବଧା ମୋରଡାର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଭକ୍ତିମୂଳକ ସଂକୀର୍ତ୍ତନ ପରିବେଷଣ କରି ଉପସ୍ଥିତ ଭକ୍ତଙ୍କୁ ମୁଗ୍ଧ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ମିଳିତ ଭାବେ ଆୟୋଜନ କରିଥିଲେ। ମା' ଲକ୍ଷ୍ମୀ ଏସଏଚଜି, ରାଧାକୃଷ୍ଣ ଏସଏଚଜି, ମା ଲଙ୍ଗଳେଶ୍ୱରି ଏସଏଚଜି, ମା ଅମ୍ବିକା ଏସଏଚଜି, ମା ଜଗଦ୍ଧାତ୍ରୀ ଏସଏଚଜି ଏବଂ ଧନେଶ୍ୱର ଏସଏଚଜି ଏହି ଆୟୋଜନର ମୂଳ ସ୍ତମ୍ଭ ଭାବେ କାର୍ଯ୍ୟ କରିଥିଲେ। ସ୍ଥାନୀୟ ଲୋକ ଏହି ପ୍ରଥମ ବାର୍ଷିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପନ୍ନ କରିଥିବାରୁ ଖୁସି ପ୍ରକାଶ କରିଛନ୍ତି। ଏହା ଗ୍ରାମର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆହୁରି ବୃହତ୍ତର ରୂପ ନେବ ବୋଲି ଆୟୋଜକ ମଣ୍ଡଳୀ ପ୍ରକାଶ କରିଛନ୍ତି।

# ଆଞ୍ଚଳିକ ହସ୍ପିଟାଲର ପୁନରୁଦ୍ଧାର ଦାବି

**ମୋରଡା, ୧୧।୫(ସମିସ):** ସୋମବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ପକ୍ଷରୁ ମୋରଡା ପଞ୍ଚାୟତରେ ପୂର୍ବରୁ ଅବସ୍ଥିତ ଥିବା ୮ ଶଯ୍ୟା ବିଶିଷ୍ଟ ଆଞ୍ଚଳିକ ହସ୍ପିଟାଲର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଲିଖିତ ଦାବି ମୁତାବକ ମୋରଡା ପଞ୍ଚାୟତରେ ବହୁପୂର୍ବରୁ ଏକ ୮ଶଯ୍ୟା ବିଶିଷ୍ଟ ଆଞ୍ଚଳିକ ହସ୍ପିଟାଲ ଚାଲିଆସୁଥିଲା। ତେବେ ଗତ କିଛିମାସ ହେବ ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ଦର୍ଶାଇ ଆଞ୍ଚଳିକ ହସ୍ପିଟାଲର ମାନ୍ୟତା ହରାଇ ତାହା ବର୍ତ୍ତମାନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଚାଲୁଛି। ତେଣୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି, ଆଗାମୀ ଦିନରେ ମୋରଡା ପଞ୍ଚାୟତ ହସ୍ପିଟାଲର ତା'ର ପୂର୍ବମାନ୍ୟତା ଫେରାଇବା ପାଇଁ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ସହିତ ଯୁବ ନେତା ଅମୀର ଖାନ, ସିପୁ ମୁଦୁଲି, ଶ୍ରବଣ ମହାନ୍ତ, ସରୋଜ ଦାସ, ଭଗବତୀ ଚପିଆର, ସଲମା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।



## ଯଶିପୁର ବ୍ଲକରେ ପିଲା ଅଧାରୁ ପାଠ ଛାଡ଼ିବା ଘଟଣା

# ଭଞ୍ଜସେନା ସ୍ଥିତି ଅନୁଧ୍ୟାନ ପରେ ପହଞ୍ଚିଲା ଜିଲ୍ଲା ପ୍ରଶାସନ

**ରାଇରଙ୍ଗପୁର/ବାରିପଦା, ୧୧।୫(ସମିସ)**

ଯଶିପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ପାହାଡ଼ ଗ୍ରାମରେ ଜନଜାତି ପିଲା ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ପିଲାମାନେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଖବର ପ୍ରକାଶ ପାଇବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଶିକ୍ଷାଦାନ ବ୍ୟବସ୍ଥା ନେଇ ଜିଲ୍ଲା ପ୍ରଶାସନର ଟିମ ଉକ୍ତ ଗ୍ରାମମାନଙ୍କରେ ପହଞ୍ଚିଛନ୍ତି। ଜିଲ୍ଲା ପ୍ରଶାସନ ପାଠ ଛାଡ଼ିଥିବା ପିଲାଙ୍କୁ ଭେଟି ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

ଯଶିପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ପାହାଡ଼ ଘେରା ବାଉଁଶନାଳି ପଞ୍ଚାୟତ ଅଧୀନସ୍ଥ ଟାଙ୍କୁରସାହି, ରାମସାହି, ମଣ୍ଡାମ, ଗେନ୍ତେଇସାହି ପ୍ରଭୃତି ଅଞ୍ଚଳକୁ ଯାଇଥିଲା ପ୍ରଶାସନିକ ଟିମ୍। ସେହି ଅଞ୍ଚଳରେ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡି ବସିଥିବା କୁନି କୁନି ପିଲା ଓ ସେମାନଙ୍କ ଅଭିଭାବକଙ୍କୁ ଭେଟି ଆଲୋଚନା କରିଥିଲେ। ପାଠ ପଢ଼ିବାକୁ ଇଚ୍ଛା ଥିବା ସତ୍ତ୍ୱେ କେଉଁ କାରଣରୁ ପିଲାମାନେ ଅଧାରୁ ପାଠ ପଢ଼ା ଛାଡିଛନ୍ତି, ସେ ବାବଦରେ ଅବଗତ ହୋଇଥିଲେ। ପ୍ରତିଷ୍ଠାତା ଶ୍ରୀ ଜେନା ବିଭିନ୍ନ ସରକାରୀ ଅଧିକାରୀଙ୍କ ସହିତ ଉପୁଜିଥିବା ସମସ୍ୟା ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ନିବେଦନ କରିଥିଲେ। ଯାହାକୁ ନେଇ ଉକ୍ତ ଗ୍ରାମରେ ସରକାରୀ ଶିକ୍ଷକ ଟିମ ପହଞ୍ଚିଛନ୍ତି। ବିଭିନ୍ନ ଅସୁବିଧା ଯୋଗୁଁ ଅଧାରୁ ପାଠ ପଢ଼ା ଛାଡୁଥିବା ସହିତ ଡ୍ରପ୍ ଆଉଟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଭେଟି ଅସୁବିଧା ବାବଦରେ ଆଲୋଚନା କରିଥିଲେ। ସୋମବାର ସକାଳୁ ସରକାରୀ ଶିକ୍ଷକମାନେ ପ୍ରତି ଗ୍ରାମକୁ ଯାଇ ଛାତ୍ରଛାତ୍ରୀମାନେ କିଏ କେଉଁ ଆଶ୍ରମ ବିଦ୍ୟାଳୟରେ ରହି ଶିକ୍ଷା ଗ୍ରହଣ କରିବେ, ସେ ବାବଦରେ ଲିଖିତ ଆକାରରେ ତଥ୍ୟ ସଂଗ୍ରହ କରିଥିଲେ। ସମ୍ବଳ ଅଭାବରୁ ନିଜ ନିଜର ସମସ୍ୟା ସମାଧାନ ସକାଶେ ଦାୟିତ୍ୱରେ



### ପିଲାଙ୍କ ଶିକ୍ଷାଦାନ ନେଇ ହେଲା ବ୍ୟବସ୍ଥା

ଥିବା ଅଧିକାରୀଙ୍କୁ ଗ୍ରାମବାସୀମାନେ ଅବଗତ କରିପାରୁ ନ ଥିଲେ। ଭଞ୍ଜସେନା ସହଯୋଗରେ ଉକ୍ତ ସମସ୍ୟା ଦୂର ହେବାର ବ୍ୟବସ୍ଥା ହୋଇଛି। ଯଦ୍ୱାରା ଉକ୍ତ ଅଞ୍ଚଳରେ ହେଉଥିବା ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ ସଂଖ୍ୟା ଉପରେ ରୋକ୍ ଲଗାଇବାରେ ସହାୟକ ହେବ। ଏ ନେଇ ଭଞ୍ଜସେନାକୁ ଗ୍ରାମବାସୀମାନେ ଧନ୍ୟବାଦ ଜଣାଇଛନ୍ତି।



# ଜଳ ନିଷ୍କାସନ ସମସ୍ୟା; ନଷ୍ଟ ହେବ ହଜାର ହଜାର ହେକ୍ଟର ଚାଷ ଜମି

ଲଙ୍ଗଳେଶ୍ୱର, ୧୧।୫ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଡ୍ରେନେଜ ସମସ୍ୟା ଉତ୍କଟ ହେଲଣି । କୋଷ୍ଟ କେନାଲର ଦୁଇ ପାର୍ଶ୍ୱରେ ଥିବା ହଜାର ହଜାର ହେକ୍ଟର ଚାଷ ଜମିରୁ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଧାନ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ଦ୍ରଷ୍ଟା ସାଜିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଧାନ ଫସଲ ଉତ୍ପାଦନ କ୍ଷେତ୍ରରେ ବାଲିଆପାଳ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ଅଞ୍ଚଳ ।ଚାଷ ଜମିକୁ ଜଳ ସେଚନ, ଜଳ ନିଷ୍କାସନ ଓ ଜଳ ପଥର ଗମନା ଗମନ ପାଇଁ ୧୯୬୩ ମସିହାରେ ଇଂରେଜ ସରକାର ଏଇ କଷ୍ଟ କେନାଲ ଖୋଳି ଥିଲେ । କେନାଲର ଦୁଇ ପାର୍ଶ୍ୱରେ ପାଶି କେନାଲ ମଧ ଚାଷୀ ମାନଙ୍କ ସୁବିଧା ପାଇଁ ଖୋଳାଯିବା ସହିତ ମଝିରେ ମଝିରେ କଲଭର୍ଟ ମଧ କରାଯାଇଥିଲା ।ଚାଷ ଜମିରୁ ଉଦବୃତ୍ତ ପାଣି ପାସି କେନାଲକୁ ଆସି କଲ ଭର୍ଟ ଦେଇ ମୁଖ୍ୟ କେନାଲକୁ ନିଷ୍କାସିତ ହୁଏ । କିନ୍ତୁ ଏବେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ପାସି କେନାଲ ପାଖରେ ଚିଙ୍ଗୁଡ଼ି ଝିଲ କରିବା, କାରଖାନା ତିଆରି କରିବା ସହିତ ଗାଡିଆ ଓ ଚାଷ ଜମି କରି କେନାଲକୁ ଜବର ଦଖଲ କରିସାରିଲେଣି । କେନାଲ ବନ୍ଧରେ ରାସ୍ତା ସମ୍ପ୍ରସାରଣରେ ମଧ ପାସୀ କେନାଲକୁ ପ୍ରଭାବିତ କରିଛି । ତେଣୁ ଜଳ ନିଷ୍କାସନ ହୋଇ ନ ପାରି ହଜାର ହଜାର ହେକ୍ଟର ଚାଷ ଜମି ନଷ୍ଟ ହେବା ଆଶଙ୍କା କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବିଶେଷ କରି କୁଣ୍ଡୁଳୀ, ବୋଲଙ୍ଗ, ବଣିଆଡ଼ିହା, ପଞ୍ଚୁପାଲି, ରତାଇ, ଜଗତିପୁର୍, ପ୍ରତାପ ପୁର, ବଡ଼ାସ, ଜାମକୁଣ୍ଡା, ମଧୁପୁରା, ବାଲି କୁଟି, ଦେଉଳା ଇତ୍ୟାଦି ପଞ୍ଚାୟତର ଶତାଧିକ ଗ୍ରାମର ଚାଷୀ ପ୍ରଭାବିତ ହେବେ । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେବାକୁ ଦାବି ହୋଇଛି । ଏ ବାବଦରେ ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପାର୍ଥ ସାରଥି ଦାସଙ୍କୁ ପଚାରିବାରୁ ସ୍ଥାନେ ସ୍ଥାନେ ନାଳ ର ଜବରଦଖଲ ଏବଂ କୋଷ୍ଟ କେନାଲ ବନ୍ଧ ର ସମ୍ପ୍ରସାରଣ ହେତୁ ପାସି ନାଳଟି ସଙ୍କୁଚିତ ହୋଇଯାଇଛି । ଯାହାଦ୍ୱାରା ଜଳ ନିଷ୍କାସନ ସମସ୍ୟା ଦେଖାଦେଇଛି । ଆବଶ୍ୟକୀୟ ସରକାରୀ ଜମି ଉପଲବ୍ଧ ହେଲେ ନାଳର ପୁନରୁଦ୍ଧାର କାର୍ଯ୍ୟ କରାଯିବ ବୋଲି କହିଥିଲେ ।

## ଦୁର୍ଘଟଣାରେ ଯୁବକ ମୃତ

ସିମୁଳିଆ, ୧୧।୫ (ସମିସ): ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ । ସିମୁଳିଆ ଥାନା ଅଧୀନ ୧୬ନଂ ଜାତୀୟ ରାଜପଥର ମଇତାପୁର ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଅଞ୍ଚଳର ସୁବ୍ରତ କୁମାର ଚାମ୍ପିଆ । ସୁବ୍ରତ ଭୁବନେଶ୍ୱରରେ ରହି ଏକ କମ୍ପାନୀରେ ଚାକିରି କରୁଥିଲେ । ଗତ ବିଳମ୍ବିତ ରାତିରେ ସେ ବାଇକ ଯୋଗେ ନିଜ ଘରକୁ ଫେରୁ ଥିବାବେଳେ ସିମୁଳିଆ ଥାନା ଅଧୀନ ମଇତାପୁର ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ି ରହିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକଟିକୁ ଜବତ କରିଛି ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରତ୍ୟେକ ଦିନ ରାସ୍ତା କାମକୁ ନେଇ ରାଜପଥ ଉପରେ ଚାହାଦୋକାନରେ ଦୀର୍ଘ ସମୟ ଧରି ରାସ୍ତା ଉପରେ ଗଡି ଠିଆ କରିବା ଫଳରେ ବାଇକ ଚାଳକମାନଙ୍କୁ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତିନି ଦିନ ମଧ୍ୟରେ ତିନୋଟି ଜୀବନ ଯାଇସାରିଥିବାରୁ ସିମୁଳିଆବାସୀଙ୍କ ନିଦ ହଜେଇ ଦେଲାଣି ।

## ରଘୁନାଥ କଲଚୁରାଲ କ୍ଲବର ଷଷ୍ଠ ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୧୧।୫ (ସମିସ): ରଘୁନାଥ କଲଚୁରାଲ କ୍ଲବ ପକ୍ଷରୁ ଆୟୋଜିତ ଷଷ୍ଠ ବାର୍ଷିକ ଉତ୍ସବ ଉତ୍ସାହ ଓ ଆଡ଼ମ୍ବର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଚନ୍ଦ୍ରାବାଲି ଗ୍ରାମର ବିଶିଷ୍ଟ ସମାଜସେବୀ ମାଧବ ଚନ୍ଦ୍ର ପ୍ରଧାନଙ୍କୁ ତାଙ୍କର ସାମାଜିକ କାର୍ଯ୍ୟ ଓ ଜନସେବା ପାଇଁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ କ୍ଲବର ପ୍ରତିଷ୍ଠାତା ଭୁବନ ଚନ୍ଦ୍ର ପାତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି । କ୍ଲବ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ଯୁବକ ଓ ସାଧାରଣ ଲୋକ ଯୋଗଦେଇଥିଲେ । ଅତିଥିମାନେ ମାଧବ ଚନ୍ଦ୍ର ପ୍ରଧାନଙ୍କ ସାମାଜିକ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । ଗ୍ରାମ ଉନ୍ନୟନ, ଗରିବ ଓ ଅସହାୟ ଲୋକଙ୍କ ସହଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅବଦାନ ପାଇଁ ସେ ଅଞ୍ଚଳରେ ଜଣେ ସମ୍ମାନିତ ବ୍ୟକ୍ତି ଭାବେ ପରିଚିତ ବୋଲି ବକ୍ତାମାନେ କହିଥିଲେ । ସମ୍ବର୍ଦ୍ଧନା ଗ୍ରହଣ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ସମାଜସେବା ହେଉଛି ମଣିଷ ପ୍ରତି ମଣିଷର ଦାୟିତ୍ୱ ଓ ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ଭଲ କାମ କରିବାକୁ ପ୍ରେରଣା ଦେବ । କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟମାନେ ସଂଗଠନର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଯୁବ ସମାଜକୁ ସଂସ୍କୃତି ଓ ସମାଜସେବା ଦିଗରେ ଆଗେଇ ଆଣିବା ପାଇଁ କ୍ଲବ ପକ୍ଷରୁ ନିୟମିତ ଭାବେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କୁହାଯାଇଛି ।



## ସୁକନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ




କାଳିପଦା, ୧୧।୫ (ସମିସ): ବାଲିଆପାଳ ବ୍ଲକର ଅନ୍ୟତମ ମହିଳା ସାହିତ୍ୟ ଅନୁଷ୍ଠାନ ସୁକନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ସୋମବାର ବିଶ୍ୱାସ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁକନ୍ୟା ସାହିତ୍ୟ ସଂସଦର ସଭାପତି ସ୍ନେହଲତା ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉଦଘାଟକ ଭାବେ କବି ବ୍ରଜେନ୍ଦ୍ର ନାଥ ଗିରି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଶିଶୁ ସାହିତ୍ୟିକ ଡ. କାଳି କିଙ୍କର ଦାସ ଯୋଗଦେଇ ବାଲିଆପାଳର କବୟିତ୍ରୀମାନଙ୍କୁ ସାଧୁବାଦ ଜଣାଇ ଏପରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ ।ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, କବି ଅଞ୍ଜଳି ଶତପଥି, ଅଧ୍ୟାପକ ନିରଞ୍ଜନ ବେହେରା,ଭାରତୀ ବେହେରା,ଅନିତା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ସଚିନ୍ଦ୍ର ନନ୍ଦୀ, କବି ସନ୍ୟାସୀ ବେହେରା, ରବୀନ୍ଦ୍ର ଦତ୍ତ,ଭୀମ ଚରଣ ବେହେରା, ସବିତା ଦାସ, ନଳିନୀ କାନ୍ତ ପାଢ଼ୀ, ଅର୍ପିତା ଦାସ, ସୁଜାତା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ତିନି ଜଣ ସୁକନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଡାଙ୍ଗରପଦା ହାଇସ୍କୁଲର ଛାତ୍ରୀ ସାଇପ୍ରଭା ନନ୍ଦୀ ଏବଂ ବାଲିଆପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୃଷ୍ଣା ଶୁଭଲକ୍ଷ୍ମୀ ଆଚାର୍ଯ୍ୟ ଓ ପ୍ରସିଦ୍ଧା ଗିରିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କବୀ ସୌଭାଗଗିନୀ ମିଶ୍ର, ସାମ୍ବାଦିକ ବ୍ରଜ ମିଶ୍ର ଓ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରିୟଙ୍କା ସାହୁଙ୍କ ନୃତ୍ୟ ଏବଂ ଅର୍ପିତା ଦାସଙ୍କ ଗୀତକୁ ସମସ୍ତେ ବେଶ ଉପଭୋଗ କରିଥିଲେ । ସୁକନ୍ୟା ସାହିତ୍ୟ ସଂସଦର ଉପଦେଷ୍ଟା ବ୍ୟଙ୍ଗ କବି ତଥା ଶିକ୍ଷକ ଅର୍ଦ୍ଧେନ୍ଦୁ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଗାଶଙ୍କର ଦେ, ଶ୍ରୀକାନ୍ତ ଗିରି ସହଯୋଗ କରିଥିଲେ । ଅନୁଷ୍ଠାନର ସମ୍ପାଦିକା ମିତାରାଣୀ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଈଶ୍ୱରପୁର ପଞ୍ଚାୟତରେ କ୍ଷେତ୍ର ଦିବସ ପାଳିତ

ପଞ୍ଚଲିଙ୍ଗେଶ୍ୱର,୧୧।୫ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ତରଫରୁ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା କେମିତି ହେବ ଏନେଇ ସ୍ଥାନୀୟ ଚାଷୀ ଭାଇ ଭଉଣୀ ମାନଙ୍କୁ ନେଇ କ୍ଷେତ୍ର ଦିବସ ପାଳନ କରାଯାଉଛି । ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାକୁ ମିଲଟ ମିଶନ ର ବଳରାମ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଖଇରା ବ୍ଲକ କୃଷି ଅଧିକାରୀ ରୋମିଓ ରଞ୍ଜନ ସାହୁ ଏବଂ ଗ୍ରାମସେବକ ସୁଶୀଲ କୁମାର ବିଶ୍ୱାଳ, ସମାଜସେବୀ ଅମିତ୍ ବଳିଆରସିଂ ଉପସ୍ଥିତ ହୋଇ ଚାଷୀ ସୈନିକ, ଧାନ ଚାଷ ପରେ କ୍ଷେତ ପରିଚାଳନା "କ୍ଷେତ୍ର ଦିବସ' ପାଳନ ଅବସରରେ ସ୍ଥାନୀୟ ଚାଷୀ ମାନଙ୍କୁ ସଚେତନତା କରିବା ଅବସରରେ, ଧରିତ୍ରୀ ବଞ୍ଚାଅ, ରାସାୟନିକ ସାର ପ୍ରୟୋଗ ବଦଳରେ ଜୈବିକ ସାର ର ପ୍ରୟୋଗ କରିବା ଏବଂ ଧାନ ଚାଷ ସହିତ ଡାଲି , ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟରେ ଅନନ୍ତ ଗିରି, ରଞ୍ଜନ ରାଉତ, ରାଜେଶ ଜେନା, ଶିବଶଙ୍କର ମଡୁଆଳ, ରାଜୁ ରାଉତ, ପ୍ରଫୁଲ୍ଲ ମହାପାତ୍ର, ମନୋଜ ରାଉତ, ମଧୁସୂଦନ ମହାନ୍ତି, ଗିରିଧାରୀ ଜେନା ଅନନ୍ତ ଦାସ କାଦମ୍ବିନୀ ଦାସ, ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



## ଆକ୍ରମଣରେ ନଣନ୍ଦ ମୃତ, ଭାଉଜ ଗୁରୁତର

ଖଇରା,୧୧।୫ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ହରିପୁର ଗ୍ରାମରେ ରବିବାର ଛାତ ସେଣ୍ଟରିଂ ତଥା ଜାଗାବାଡିକୁ ନେଇ ଅଭାବନୀୟ କାଣ୍ଡ ଘଟିଯାଇଛି । ପଡୋଶୀ ଭରତ ଜେନା ଏବଂ ତାଙ୍କ ପରିବାର ଓ ଅନ୍ୟକିଛି ସହଯୋଗୀଙ୍କ ଆକ୍ରମଣରେ ଘର ନିର୍ମାଣ କରୁଥିବା ସୁରେନ୍ଦ୍ର ସେଠୀଙ୍କ ଭଉଣୀ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ସ୍ତ୍ରୀ ଏବେ କଟକ ବଡମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଅଭିଯୋଗ ପରେ ଖଇରା ପୁଲିସ ଏକ ମାମଲା(୧୨୩/୨୬) ରୁଜୁ କରି ଭରତଙ୍କ ପତ୍ନୀ ଭାରତୀଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ସମସ୍ତେ ଫେରାର ଅଛନ୍ତି । ସେହିଭଳି ପୋଲିସ ଚିକିତ୍ସାଧୀନ ଥିବା ସୁରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ପଚରାଉଚୁରା ପାଇଁ କଟକ ବଡମେଡିକାଲ ଯାଇଛି । ଏହି ସଂଘର୍ଷ ପଛରେ ଶାସକ ଦଳର ଏକ ଗୋଷ୍ଠୀଙ୍କ ହାତଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ନିରପେକ୍ଷତାର ସହ କାର୍ଯ୍ୟ କରିବାକୁ ହରିପୁରବାସୀ ଦାବୀ କରିଛନ୍ତି । ରବିବାର ପୂର୍ବାହ୍ନରେ ସୁରେନ୍ଦ୍ର ସେଠୀଙ୍କ ଘରଛାତ ପାଇଁ ସେଣ୍ଟରିଂ କାର୍ଯ୍ୟ ଚାଲିଥିବା ବେଳେ ପଡୋଶୀ ଭରତ ଜେନାଙ୍କ ପରିବାର ଲୋକେ ସେଠାରେ ପାଟିତୁଣ୍ଡ ଓ ଠେଲାପେଲା ଆରମ୍ଭ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ସୁରେନ୍ଦ୍ର,ପୁଅ ମାନସ ତଥା ପରିବାରର ଅନ୍ୟସଦସ୍ୟ ଏବଂ ଅନ୍ୟକିଛି ସହଯୋଗୀଙ୍କ ସାବଳ ଓ କୋଦାଳରେ ସୁରେନ୍ଦ୍ରଙ୍କ ଭଉଣୀ କମଳା ଓ ସ୍ତ୍ରୀ ଶକୁନ୍ତଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଇରା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ରବିବାର ରାତିରେ କମଳାଙ୍କ ପ୍ରାଣବାୟୁ ଉଡିଯାଇଥିଲା ।

## ଟାଟା ପାୱାରର କର୍ମଚାରୀ ଛଟେଇ ବିରୋଧରେ ଧାରଣା

ଜଳେଶ୍ୱର, ୧୧।୫ (ସମିସ): ରାଜ୍ୟରେ ବିଦ୍ୟୁତ୍ ସରବରାହ ପାଇଁ ଟାଟା ପାୱାର (ଟିପିଏନଓଡିଏଲ) କମ୍ପାନୀ ଓଡିଶା ସରକାରଙ୍କ ଠାରୁ ଲିଜ ନେବା ପରେ ଦୀର୍ଘଦିନ ଧରି ବିଭାଗରେ କାର୍ଯ୍ୟ କରିଆସୁଥିବା ବିଭିନ୍ନ ଠିକା ବିଦ୍ୟୁତ୍ କର୍ମଚାରୀ ମାନଙ୍କୁ ଶୋଷଣ କରିବା ସହିତ ଛଟେଇ କରିବା, ଦରମା କମ ଦେବା ଇତ୍ୟାଦି ଜୁଲୁମ କରିଆସୁଥିବା ବେଳେ ଏବେ ପୁଣି ବହୁ କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ନୋଟିସ ଦେଇଛି । ତାର ପ୍ରତିବାଦରେ ଆଜି ଜଳେଶ୍ୱର ଟିପିଏନଓଡିଏଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ଘଣ୍ଟିଆ ଧାରଣା ଅନୁଷ୍ଠିତ ହୋଇଯାଇଛି । ଠିକା କର୍ମଚାରୀ, ବି.ଏ କର୍ମଚାରୀ ଛଟେଇ ବନ୍ଦ କରିବା ଏବଂ ଛଟେଇ କରିଥିବା ଠିକା ଏବଂ ବି.ଏ. କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବୀରେ ବିଦ୍ୟୁତ୍ ବିଭାଗର ୮ଟି ସଂଘ ତରଫରୁ ଧାରଣା ଅନୁଷ୍ଠିତ ହୋଇଛି । ଏଥି ସହିତ ଏସି କାର୍ଯ୍ୟାଳୟରେ ମଧ ଧାରଣା କାର୍ଯ୍ୟକ୍ରମ ଚାଲିଛି ବୋଲି ଧାରଣାରତ କର୍ମଚାରୀ ମାନେ କହିଛନ୍ତି । ଟାଟା ପାୱାର କର୍ତ୍ତୃପକ୍ଷ କର୍ମଚାରୀ ମାନଙ୍କର ଦାବି ନ ଶୁଣିଲେ ଆସନ୍ତା ୨୦ତାରିଖ ଠାରୁ ଏସି କାର୍ଯ୍ୟାଳୟ ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ଜଳେଶ୍ୱର ଡିଭିଜନ ସମ୍ପାଦକ ହରିଶଙ୍କର ଦାସ, ସହ ସମ୍ପାଦକ ନିମାଇଁ ଚରଣ ପରିଡା, ସବ ଡିଭିଜନ ସଦସ୍ୟ ବିଶ୍ୱଜିତ ପରିଡା, ଗଗନ ଘଡେଇ, ସପନ ଜେନା, ଚିନ୍ମୟ ଜେନା, ରାଜ ଗୋପାଳ ଓଝା, ସୃଷ୍ଟିଧର ପାତ୍ର, ମୃତ୍ୟୁଞ୍ଜୟ ସାହୁ, ଜଗନ୍ନାଥ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ଅନୁଷ୍ଠିତ ହୋଇଥିବା ବେଳେ ବହୁ ସଂଖ୍ୟାରେ ବିଦ୍ୟୁତ୍ କର୍ମଚାରୀମାନେ ଯୋଗ ଦେଇଥିଲେ ।



## ଆଇସିଡିଏସ ବିଭାଗ ପକ୍ଷରୁ ଆପାତକାଳୀନ ସତର୍କତା ପ୍ରଶିକ୍ଷଣ ଶିବିର

ଜଳେଶ୍ୱର, ୧୧।୫ (ସମିସ): ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ତରଫରୁ ସିଡିପିଓଙ୍କ ଅଧିନରେ କାର୍ଯ୍ୟ କରୁଥିବା ଅଙ୍ଗନବାଡି କର୍ମୀ ଓ ହେଲପର ମାନଙ୍କୁ ନେଇ ଏକ ଆପାଦକାଳୀନ ସତର୍କତା ପ୍ରଶିକ୍ଷଣ ଶିବିର ଜଳେଶ୍ୱର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଙ୍ଗନବାଡି କର୍ମୀ ଓ ହେଲପର ମାନେ ଗ୍ୟାସର ବ୍ୟବହାର ଓ ଆପଦକାଳୀନ ସତର୍କତା କିପରି ଅବଲମ୍ବନ କରିବେ ସେ ବିଷୟରେ ଦୁଇ ଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଜଳେଶ୍ୱର ବ୍ଲକର ଶିଖରପୁର, ଜଳେଶ୍ୱର ମ୍ୟୁନିସିପାଲିଟି, ସୁଗୋ, ନାମ୍ପୋ, ଗୋପୀମୋହନପୁର, ପଶ୍ଚିମବାଡ ଅଂଚଳର ବହୁ ସଂଖ୍ୟାରେ ଅଙ୍ଗନୱାଡି କର୍ମୀ ଓ ହେଲପର ମାନେ ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ଅଗ୍ନିଶମ ସେଫଟି ଅଧିକାରୀ ସବର୍ଣ୍ଣ ସିଂ, ସହଯୋଗୀ କର୍ମଚାରୀ ସମୀର କୁମାର ହାତୀ, ଲିଟୁନ କୁମାର ନାଥ, ମନୋଜ କୁମାର ସାହୁ, ଜୟନ୍ତ ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।



## ପେଟ୍ରୋଲ ପମ୍ପରୁ ଚୋରି

ସୋର, ୧୧।୫(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଥିବା ରିଲିଆନ୍ସ ପେଟ୍ରୋଲ ପମ୍ପରୁ ଗତକାଲି ରାତିରେ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଗତକାଲି ରାତିରେ ଏହି ପେଟ୍ରୋଲ ପମ୍ପରେ କର୍ମଚାରୀଙ୍କ ସିଫ୍ଟ ଚେଞ୍ଜ ହେଉଥିଲା । ଏହି ସମୟରେ କର୍ମଚାରୀ ମାନେ ସିଫ୍ଟ ମ୍ୟାନେଜରଙ୍କ ନିକଟରେ ଟଙ୍କା ପୈଠ କରିଥିଲେ । ମ୍ୟାନେଜର ଲକ୍ଷେ ଟଙ୍କା ଗ୍ରହଣ କରି ଅଫିସ ମଧ୍ୟରେ ରଖି କୌଣସି କାମରେ ଟିକେ ବାହାରକୁ ଯାଇଥିଲେ । ଏହି ସମୟରେ ଜଣେ ଗାଡି ଚାଳକ ଅଫିସ ନିକଟରେ ଲାଗିଥିବା ପାଣି ଟ୍ୟାପରୁ ପାଣି ଆଣିବାକୁ ଯାଇ ସେଠାରେ ଥିବା ଟଙ୍କାକୁ ନେଇ ଚାଲି ଯାଇଥିଲେ । ଯାହା ସିସିଟିଭିରେ କଏଦ ହୋଇଥିଲା । ମ୍ୟାନେଜର ଜଣଙ୍କ ଅଫିସରେ ପହଞ୍ଚି ଟଙ୍କା ନ ଥିବା ଦେଖି ସଙ୍ଗେ ସଙ୍ଗେ ମାଲିକଙ୍କୁ ଜଣାଇବା ସହିତ ସିସିଟିଭି ଯାଞ୍ଚ କରିଥିଲେ । ଖବର ପାଇ ପମ୍ପ ମାଲିକ ମୁକ୍ତିକାନ୍ତ ଘଡେଇ ପମ୍ପରେ ପହଞ୍ଚି ସମସ୍ତ ଘଟଣା ଅବଗତ ହେବା ପରେ ସୋର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଝିଅକୁ ଫେରାଇ ଆଣିବାକୁ ଦାବିକରି ଦେହରେ ପେଟ୍ରୋଲ ଢାଳିଲେ ବାପା

ସୋର,୧୧।୫ (ସମିସ): ଆଜି ମଧ୍ୟାହ୍ନରେ ସୋର ଥାନା ପରିସରରେ ଝିଅକୁ ଫେରାଇ ଆଣିବାକୁ ଦାବି କରି ଜଣେ ବାପା ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି । ସୁଚନା ଅନୁସାରେ ତଳନଗର ଅଞ୍ଚଳର ଜଣେ ଯୁବତୀ ଗତ କିଛି ଦିନ ତଳେ ଜଣେ ଯୁବକଙ୍କୁ ପ୍ରେମ କରି ତାଙ୍କ ସହ ଫେରାର ହୋଇଯାଇଥିଲେ । ମାତ୍ର ପରିବାର ଲୋକେ ଯୁବତୀଙ୍କୁ ଅପହରଣ କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଜି ମଧ୍ୟାହ୍ନରେ ଯୁବତୀଙ୍କ ବାପା ପୁଲିସ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରି ସୋର ଥାନା ପରିସରରେ ହୋହାଲ୍ଲା କରିବା ସହିତ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଏହି ସମୟରେ କିଛି ପୁଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରିବା ସହିତ ଉଭୟ ପକ୍ଷଙ୍କୁ ଡାକି ବୁଝାସୁଝା କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି ।

## ଉଦ୍‌ଯାପିତ ହେଲା ଗ୍ରୀଷ୍ମକାଳୀନ ଚିତ୍ରକଳା କର୍ମଶାଳା



ବାଲେଶ୍ୱର,୧୧।୫ (ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ବାଲେଶ୍ୱର ଇନଟାକ ସହଯୋଗରେ ଆୟୋଜିତ ହେଉଥିବା ଗ୍ରୀଷ୍ମକାଳୀନ ଚିତ୍ରକଳା କର୍ମଶାଳା ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଡିଆଇପିଆରଓ ରାଜେଶ ପ୍ରିୟଦର୍ଶୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଚିତ୍ରକଳାକୁ ଦେଖି ନିଜ ପିଲାଦିନର ସ୍ମୃତିକୁ ମନେ ପକାଇଥିଲେ । ସମ୍ମାନିତ ଅତିଥି ଭାବେ ଚାରୁ ଓ କାରୁକଳା ମହାବିଦ୍ୟାଳୟର ସଭାପତି ଓ ଇନଟାକ ଚାପ୍ଟର କନଭେନର୍ ସଂଗ୍ରାମ କୁମାର ଦାସ ଉପସ୍ଥିତ ରହି ଏହି ଶିବିର ପିଲାମାନଙ୍କ ପାଇଁ ଏକ ଉତ୍ସାହ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଡ. ପଙ୍କଜ କୁମାର ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରତିବର୍ଷ ପିଲାମାନଙ୍କର ଗ୍ରୀଷ୍ମକାଳୀନ ଚିତ୍ରକଳା କର୍ମଶାଳା ଆୟୋଜନ କରାଯାଉଥିବାରୁ ବାଲେଶ୍?ର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ପର୍ଶୁରାମ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କ ନାମ ପଠନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷାଦାନ ଦେଇଥିବା ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ କରି ଗ୍ରୀଷ୍ମକାଳୀନ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ କହିଥିଲେ । ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାସ ମାସ ଗଡୁଛି, ଉଦ୍‌ଘାଟନ ହେଉନି ସନ୍ତରଣାଗାର

ବାଲେଶ୍ୱର,୧୧।୫ (ସମିସ)



ମାସ ଗଡୁଛି ହେଲେ ଉଦଘାଟିତ ହେଉନି ସନ୍ତରଣାଗାର । ସହରସ୍ଥିତ ଆଇଟିଆଇ ଛକ ନିକଟ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର୍ ଷ୍ଟାଡ଼ିୟମ ନିକଟରେ "ସେମି ଓଲମ୍ପିକ୍ ଲେବଲ୍ ସୁଇମିଂ ପୁଲ୍' ନିର୍ମାଣ କାର୍ଯ୍ୟ ଏବେବି ଚାଲିଛି । ବିଳମ୍ବ ପରେ ବି ଚଳିତବର୍ଷ ଏପ୍ରିଲ ମାସ ପହିଲାରେ ଉଦଘାଟନ କରାଯିବ ବୋଲି କୁହାଯାଇଥିଲା । ହେଲେ ଏଯାଏଁ ସୁଇମିଂ ପୁଲ୍ ଉଦଘାଟନ ହୋଇପାରିନାହିଁ । ୪୫ ଡିସିମିଲ ଜାଗାରେ ନିର୍ମାଣ ହେଉଥିବା ଏହି କାମକୁ ଓବିସିସି ୨୦୨୩ ମସିହାରେ ଆରମ୍ଭ କରିଥିଲା । କିନ୍ତୁ ଏଯାଏଁ ଏହାର କାମ ସମ୍ପୂର୍ଣ୍ଣ ହୋଇନଥିବା ଜଣାପଡିଛି । ଏବେବି ସୁଇମିଂ ପୁଲ୍ ରେ ବିଦ୍ୟୁତ ସଂଯୋଗ କାମ ବାକି ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ସନ୍ତରଣ(ସୁଇମିଂ)ରେ ବି ବାଲେଶ୍ୱରରେ ଅନେକ ଯୁବଗୋଷ୍ଠୀ କ୍ୟାରିୟର କରିବାକୁ ଚାହାନ୍ତି । ଦିନକୁ ଦିନ ସନ୍ତରଣ ପ୍ରତି ଯୁବଗୋଷ୍ଠୀଙ୍କ ଆଗ୍ରହ ବଢୁଥିଲେ ବି ସରକାରୀ ସ୍ତରରେ ବାଲେଶ୍ୱରରେ ଗୋଟିଏ ବି ସୁଇମିଂ ପୁଲ୍ ହୋଇପାରିନଥିଲା । ଫଳରେ କ୍ରୀଡାବିତ ମାନେ ଅଭ୍ୟାସ ପାଇଁ ଘରୋଇ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ ନହେଲେ ପୋଖରୀକୁ ଭରସା କରୁଥିଲେ । ବାଲେଶ୍ୱର ଜିଲ୍ଲାରେ ଅନେକ ସୁଇମିଂ କ୍ରୀଡାବିତ ଅଛନ୍ତି । ହେଲେ ପହଁରା ସୁବିଧା ନଥିବାରୁ ସେମାନଙ୍କ ଉତ୍ସାହରେ ଭଟ୍ଟା ପଡୁଥିଲା । କାରଣ ବାଲେଶ୍ୱରରେ ନା ସୁଇମିଂ ପୁଲ୍ ଅଛି ନା କୋଚ୍ ଅଛନ୍ତି । ଏଭଳି ପରିସ୍ଥିତିରେ ଯେଉଁମାନେ ସନ୍ତରଣ ପାଇଁ ଆଗ୍ରହ ପ୍ରକାଶ କରନ୍ତି ସେମାନଙ୍କ ପ୍ରଶିକ୍ଷଣ ପାଇଁ ଅନ୍ୟ ଜିଲ୍ଲାକୁ ପଠାଇ ଦିଆଯାଏ । ଏମିତିକି ଯେଉଁମାନେ ସନ୍ତରଣରେ କ୍ୟାରିୟର କରିବାକୁ ଚାହାନ୍ତି ସେମାନଙ୍କୁ କ୍ରୀଡା ବିଭାଗ ଚୟନ କରି ସିଧାସଳଖ ରାଜ୍ୟ ସ୍ତରକୁ ପଠାଇ ଦିଅନ୍ତି । ଜିଲ୍ଲା କି ବ୍ଲକ ସ୍ତରରେ କିଛି ବି ପ୍ରତିଯୋଗିତା ହୁଏନାହିଁ । ଆବଶ୍ୟକ ପଡିଲେ ମଡର୍ଣ୍ଣ ପବ୍ଲିକ ସ୍କୁଲ ନହେଲେ ବାଲେଶ୍ୱର କ୍ଲବରେ ଥିବା ସୁଇମିଂପୁଲ୍ ରେ ପିଲାମାନେ ଅଭ୍ୟାସ କରନ୍ତି । ତେବେ ସରକାରଙ୍କ ତରଫରୁ ବହୁ ବର୍ଷ ପୂର୍ବରୁ ବାଲେଶ୍ୱରରେ ସୁଇମିଂ ପୁଲ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । ହେଲେ ଜାଗା ଚିହ୍ନଟ ହୋଇପାରୁନଥିଲା । ତେବେ ଦୀର୍ଘ ବର୍ଷ ପରେ ବାଲେଶ୍ୱରରେ ସୁଇମିଂ ପୁଲ୍ ନିର୍ମାଣ ପାଇଁ ଜାଗା ଚିହ୍ନଟ ହେବା ସହ କାମ ଆରମ୍ଭ ମଧ ହେଲା । ଖୁବଶୀଘ୍ର ଏହାର କାମ ଶେଷ ହେବ ବୋଲି ଲକ୍ଷ୍ୟ ଥିଲା । ଫଳରେ ଆଉ ବାଲେଶ୍ୱରର ଯୁବଗୋଷ୍ଠୀଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ । ହେଲେ ବର୍ତମାନ ଯୁବଗୋଷ୍ଠୀ ନିରାଶ ହୋଇଛନ୍ତି । ଅପେକ୍ଷାର ଶେଷ ହେଉନାହିଁ । ତେବେ କାମ ନିମନ୍ତେ ଜାଗା ହସ୍ତାନ୍ତର ପାଇଁ ବିଳମ୍ବ ହେତୁ କାମ ମଧ ବିଳମ୍ବରେ ଆରମ୍ଭ ହୋଇଥିଲା ବୋଲି ସୂଚନା ମିଳିଥିଲା । ୨୦୨୩ ମସିହା ବେଳକୁ ଆଇଟିଆଇ ପଡ଼ିଆର ଗୋଟେ ପାର୍ଶ୍ୱରେ ଓବିସିସି ସୁଇମିଂ ପୁଲ୍ ନିର୍ମାଣ କାମ ଆରମ୍ଭ କରିଥିଲା । ହେଲେ ପ୍ରାୟ ଅଢେଇ ବର୍ଷ ପରେ ବି ବାଲେଶ୍ୱରରେ ସୁଇମିଂ ପୁଲ୍ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଏବେ କାମ ମଧ ଶେଷ ହୋଇଆସିଲାଣି । କିଛି ଛୋଟମୋଟ କାମ ପରେ ଏହା ଜିଲ୍ଲା କ୍ରୀଡା ବିଭାଗକୁ ଏପ୍ରିଲ ମାସରେ ହସ୍ତାନ୍ତର କରାଯିବାର ଯୋଜନା ଥିଲା । ହେଲେ ଏଯାଏଁ ଏହାର କାମ ବାକି ରହିଛି । ଏବାବଦରେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କହିଛନ୍ତି, ସୁଇମିଂ ପୁଲ୍ ନିର୍ମାଣ ଦାୟିତ୍ୱ ଓବିସିସି କରୁଛି । କାମ ସରିଯାଇଛି । କେବଳ କନେକସନ୍ କରି ଚାର୍ଜିଂ ହେଲେ ସେମାନେ ସୁଇମିଂ ପୁଲ୍ ହସ୍ତାନ୍ତର କରିବେ । ଟ୍ରାନ୍ସଫର୍ମରର ବସିଯାଇଛି । କେବଳ ପୁଲ୍ ଇଲେକ୍ଟ୍ରି ଚାର୍ଜ ହେବ । ଏହି ଇଲେକ୍ଟ୍ରିକ ସଂଯୋଗ ହୋଇଗଲେ ଏଇ ମାସରେ ଉଦଘାଟନ ହେବ' । ବାଲେଶ୍ୱର ଏକ ନଦୀ ତଥା ବନ୍ୟା ଅଞ୍ଚଳ ହୋଇଥିବାରୁ ସମସ୍ତେ ପହଁରା ଶିଖିବା ଦରକାର । ସନ୍ତରଣରେ ଯେଉଁମାନେ କ୍ୟାରିୟର କରିବେ ସେମାନେ ଏଠାରେ କୋଚ୍ ମାଧ୍ୟମରେ ପ୍ରଶିକ୍ଷଣ ନେବେ । ଆଜିକାଲିର ଯୁବପିଢି ସମସ୍ତେ ପହଁରା ଶିଖିବା ଉଚିତ । ଏହି ସୁଇମିଂ ପୁଲ୍ ବାଲେଶ୍ୱରକୁ କ୍ରୀଡା କ୍ଷେତ୍ରରେ ଆହୁରି ଅଧିକ ସୁଦୃଢ କରିବ । ତେଣୁ ଏହା ଶୀଘ୍ର ଉଦଘାଟନ ହୋଇ କାର୍ଯ୍ୟକ୍ଷମ ହେବା ଦରକାର ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି ।

# ସମ୍ପାଦକୀୟ



କନ୍ୟାସନ୍ତାନ ଓ ମହିଳାଙ୍କ ଅଧିକାର ସପକ୍ଷରେ ଠିଆ ହେବା ହିଁ ପୁରୁଷତ୍ୱର ପ୍ରକୃତ ପରିଚୟ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ମାଗଣା ସଂସ୍କୃତିର ବୋଝ

ତାମିଲନାଡୁର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ସି ଯୋଶେଫ୍ ବିଜୟ ଶପଥ ନେବା ସହିତ ପିଛିଲା ସରକାର ଅମଳରେ ରାଜ୍ୟ ଉପରେ ଥିବା ୧୦ ଲକ୍ଷ କୋଟି ଟଙ୍କାର ଋଣ ଭାର ସମ୍ପର୍କିତ ଏକ ଶ୍ୱେତପତ୍ର ଖୁବ୍ ଶୀଘ୍ର ଜାରି କରିବେ ବୋଲି ଘୋଷଣା କରିଛନ୍ତି। ସମାନ ଢଙ୍ଗରେ ପୂର୍ବବର୍ତ୍ତୀ ଡିଏମ୍‌କେ ସରକାର ମଧ୍ୟ ଶପଥ ନେବା ପରେ ତା'ପୂର୍ବବର୍ତ୍ତୀ ଏଆଇଏଡିଏମ୍‌କେ ସରକାରର ୧୦ ବର୍ଷ ଅମଳରେ ରାଜ୍ୟର ଆର୍ଥିକ ଦୁଃସ୍ଥିତି ସମ୍ପର୍କିତ ଏକ ଶ୍ୱେତପତ୍ର ଜାରି କରିଥିଲେ। ଏହି ଦୁଇଟିଯାକ ଘଟଣାକ୍ରମରେ ପୂର୍ବ ସରକାରମାନଙ୍କର ଆର୍ଥିକ ପରିଚାଳନାରେ ଦୁର୍ବଳତା ଓ ଅନାବଶ୍ୟକ ଖର୍ଚ୍ଚ ସମ୍ପର୍କରେ ନବନିଯୁକ୍ତ ସରକାରମାନେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଛନ୍ତି। କିନ୍ତୁ ବାସ୍ତବତା ହେଉଛି ଭାରତୀୟ ରାଜନୀତିରେ ଏହା ଏକ ଗତାନୁଗତିକ ଧାରାରେ ପରିଣତ ହୋଇଯାଇଛି। ବିଶେଷକରି ନିର୍ବାଚନ ଜିତିବା ପାଇଁ ଭୋଟ ରାଜନୀତିରେ ଫ୍ରିବିଜ୍ ବା ମାଗଣା ସଂସ୍କୃତି ଏକ ଅଲିଖିତ ପରମ୍ପରା ପାଲଟି ଯାଇଛି। ସେଥିରେ ସରକାରମାନେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଓ ଆରଥରକୁ ପୁଣି କ୍ଷମତା ଆହରଣ ପାଇଁ ବିପୁଳ ପରିମାଣର ଋଣ କରିବା ବ୍ୟତୀତ ବିକଳ୍ପ ନାହିଁ।

ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ରାଜନୀତିରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ତେଣୁ ତାଙ୍କ ଆର୍ଥିକ ପରିଚାଳନାର କୌଶଳ କ'ଣ ରହିବ କେତେ ପ୍ରଭାବଶାଳୀ ହେବ ତାହା ଭବିଷ୍ୟତରେ ଜଣାପଡ଼ିବ। କିନ୍ତୁ ନିର୍ବାଚନ ଜିତିବାକୁ ସେ ମଧ୍ୟ ଯେଉଁ ପ୍ରତିଶ୍ରୁତି(ଫ୍ରିବିଜ୍)ମାନ ଘୋଷଣା କରିଛନ୍ତି ସେଥିପାଇଁ ରାଜକୋଷ ଉପରେ କେତେ ବୋଝ ପଡ଼ିବ ତାହା ଦେଖାଯାଉ। ବିଶେଷଜ୍ଞଙ୍କମାନଙ୍କ ଆକଳନ ଅନୁଯାୟୀ ବିଜୟଙ୍କ ଘୋଷିତ ଦୁଇମାସରେ ଦୁଇଶହ ୟୁନିଟ୍ ବିଦ୍ୟୁତ ଶୁଳ୍କ ଛାଡ଼ ପାଇଁ ରାଜକୋଷ ଉପରେ ୧.୭୩୦ କୋଟି ଟଙ୍କାର ଅତିରିକ୍ତ ବୋଝ ସୃଷ୍ଟି ହେବ। ଏଥିସହିତ ପ୍ରତି ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ୨୫୦୦ ଟଙ୍କା, ବର୍ଷକୁ ପ୍ରତି ପରିବାର ପିଛା ୬ଟି ମାଗଣା ଗ୍ୟାସ ସିଲିଣ୍ଡର, ୧୦ ଲକ୍ଷ ନିଯୁକ୍ତିହୀନ ସ୍ନାତକ ଡିଗ୍ରୀଧାରୀଙ୍କୁ ମାସିକ ୪ ହଜାର ଟଙ୍କାର ଭତ୍ତା ଆଦିକୁ ହିସାବକୁ ନେଲେ ବର୍ଷକୁ ରିହାତି ବା ମାଗଣା ଯୋଜନା ପ୍ରତିଶ୍ରୁତି ପୂରଣ କରିବାକୁ ଅନ୍ୟୂନ ୧ ଲକ୍ଷ କୋଟି ଟଙ୍କା ଆବଶ୍ୟକ। ପୂର୍ବ ସରକାର ଏ କ୍ଷେତ୍ରରେ ଖର୍ଚ୍ଚ କରିଥିଲା ମାତ୍ର ୬୫ ହଜାର କୋଟି ଟଙ୍କା। ଆରବିଆଇର ସୂଚନା ଅନୁଯାୟୀ ଗତ ଆର୍ଥିକବର୍ଷ ଶେଷସୁଦ୍ଧା ତାମିଲ୍‌ନାଡୁର ମୋଟ ଋଣ ଓ ଦେୟ ପରିମାଣ ଥିଲା ୯.୫୬ ଲକ୍ଷ କୋଟି ଟଙ୍କା। ରାଜ୍ୟର ମୋଟ ଘରୋଇ ଉତ୍ପାଦନ(ଏସ୍‌ଜିଡିପି) ର ଏହା ୩୦.୬%। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟ୍‌ରେ ରିହାତି ବାବଦରେ ମୋଟ ୭୨, ୪୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା, ଯାହା ସେହିବର୍ଷର ମୋଟ ବ୍ୟୟ ଅଟକଳର ୧୬%। ତେଣୁ ମୋଟ ଦେୟ ସହିତ ଫ୍ରିବିଜ୍‌ର ଅତିରିକ୍ତ ଆର୍ଥିକ ବୋଝକୁ ବିଜୟ କିଭଳି ସମ୍ଭାଳିବେ ତାହା ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ।

ଫ୍ରିବିଜ୍‌ରେ କେବଳ ତାମିଲନାଡୁ ଅର୍ଥନୀତି ଆକ୍ରାନ୍ତ ନୁହେଁ, ପ୍ରାୟସବୁ ରାଜ୍ୟର ଅଳ୍ପେବହୁତ ସମାନ ସ୍ଥିତି। ସରକାରୀ ବିରୋଧୀ ଜନମତକୁ ପ୍ରତିହତ କରି ପୁଣି ଥରେ କ୍ଷମତାସୀନ ହେବା ଲାଗି ଗତ ଦୁଇବର୍ଷ ଭିତରେ ୮ଟି ରାଜ୍ୟର କ୍ଷମତାସୀନ ଦଳମାନେ ସାମଗ୍ରିକ ଭାବେ ୬୭, ୯୨୮ କୋଟି ଟଙ୍କା ପ୍ରାକ୍ ନିର୍ବାଚନୀ ଖର୍ଚ୍ଚ କରିଛନ୍ତି। ନିର୍ବାଚନ ଜିତିବା ପରେ ତାହା ରାଜକୋଷ ଉପରେ ଅତିରିକ୍ତ ବୋଝ ସୃଷ୍ଟି କରିଛି। ଏତେ ବିପୁଳ ପରିମାଣର ଖର୍ଚ୍ଚ ସତ୍ତ୍ୱେ ଯଦି ସେମାନେ ପୁନଃକ୍ଷମତାସୀନ ହୋଇ ନ ଥା'ନ୍ତେ ତେବେ ନୂଆ ସରକାରର ମୁଣ୍ଡରେ ତାହା ଗଡ଼ିଥା'ନ୍ତା, ଯାହା ଏବେ ତାମିଲ୍‌ନାଡୁରେ ଘଟିଛି। ଏହି ଆଠଟି ରାଜ୍ୟ ମଧ୍ୟରୁ ମହାରାଷ୍ଟ୍ରରେ ମହାଯୁତି ସରକାର ୨୩, ୩୦୦ କୋଟି ଟଙ୍କାର ମାଗଣା ଯୋଜନା ସହିତ ମାଗଣା ବିଦ୍ୟୁତ୍ ଯୋଜନା, ବିହାରରେ ଏନ୍‌ଡିଏ ସରକାର ୧୯, ୩୩୩ କୋଟି ଟଙ୍କାର ବିଭିନ୍ନ ରିହାତି ଓ ମାଗଣା ଯୋଜନା ଘୋଷଣା କରିଥିଲା। ଏହାଛଡ଼ା ଝାଡ଼ଖଣ୍ଡରେ କ୍ଷମତାସୀନ କଂଗ୍ରେସ ସରକାର ତା'ର ମୋଟ ଟିକସ ରାଜସ୍ୱର ୧୫.୯୯ ପ୍ରତିଶତ, ମଧ୍ୟପ୍ରଦେଶର କ୍ଷମତାସୀନ ବିଜେପି ସରକାର ମୋଟ ଟିକସ ରାଜସ୍ୱର ୧୦.୨୭ ପ୍ରତିଶତ ଭୋଟରଙ୍କୁ ଆକୃଷ୍ଟ କରି ପୁନଃକ୍ଷମତାସୀନ ହେବା ପାଇଁ ଖର୍ଚ୍ଚ କରିବାକୁ ଘୋଷଣା କରିଥିଲା। ବର୍ତ୍ତମାନ ସେହିସବୁ ରାଜ୍ୟ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ସଂଘର୍ଷ କରୁଛନ୍ତି। ସେଠାରେ ଅନ୍ୟାନ୍ୟ ବିଭାଗୀୟ ଓ କ୍ଷେତ୍ରୀୟ ବ୍ୟୟବରାଦକୁ କାଣ୍ଟଛାଣ୍ଟ କରିବାକୁ ପଡ଼ିଛି। ଓଡ଼ିଶା, ରାଜସ୍ଥାନ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀରେ କ୍ଷମତାସୀନ ଦଳ ଏଭଳି ଘୋଷଣାରେ ପଛରେ ପଡ଼ିଯାଇଥିବାରୁ କ୍ଷମତା ହରାଇଛନ୍ତି।

ସାମଗ୍ରିକ ଭାବେ ମୋଟ ଟିକସ ରାଜସ୍ୱର ଏକ-ତୃତୀୟାଂଶ ଏଭଳି ମାଗଣା ଯୋଜନାରେ ବ୍ୟୟ ହେଉଥିବାରୁ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କଲ୍ୟାଣ ଭଳି କ୍ଷେତ୍ର ଅବହେଳିତ ହେଉଛି ଏବଂ ହେବା ମଧ୍ୟ ସ୍ୱାଭାବିକ। ତେଣୁ କେତେକ ରାଜ୍ୟ ଏଥିପାଇଁ ଆହୁରି ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଗତ ଫେବୃଆରୀ ମାସରେ ଆନ୍ଧ୍ରପ୍ରଦେଶ ଓ ଆସାମ ଯଥାକ୍ରମେ ଅତିରିକ୍ତ ୧୧୦୦ କୋଟି ଓ ୧୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ପୂର୍ବ ବର୍ଷ ସେହି ସମୟରେ ଯଥାକ୍ରମେ ୨ ହଜାର କୋଟି ଏବଂ ୯୦୦ କୋଟି ଟଙ୍କା ଉଚ୍ଚ ସୁଧ ହାରରେ ଋଣ କରିଥିଲେ। ଗତ ଦୁଇବର୍ଷ ଭିତରେ ଗୁଜରାଟ ଉଚ୍ଚ ସୁଧ ହାରରେ ପ୍ରାୟ ୩ ହଜାର କୋଟି ଟଙ୍କା ଋଣ କରିଛି। କେନ୍ଦ୍ର ସରକାର ମଧ୍ୟ ଚଳିତ ଆର୍ଥିକ ବର୍ଷରେ ୧୯.୭୦ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ବରାଦ କରିଛନ୍ତି।

ଏକପକ୍ଷରେ କ୍ଷମତାରେ ରହିବା ପାଇଁ ମାଗଣା ଯୋଜନା ଘୋଷଣା ଏବଂ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଋଣ ପ୍ରକ୍ରିୟାରେ ଆନ୍ତର୍ଜାତିକ ସ୍ତରରେ ଭାରତର ରେଟିଂ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ବୈଦେଶିକ ପୁଞ୍ଜି ନିବେଶର ଅନ୍ତଃସ୍ରୋତ ହ୍ରାସ ପାଇ ଚାଲିଥିବା ବେଳେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ଅଂଶଧନ ପ୍ରତ୍ୟାହାର କରି ଚାଲିଛନ୍ତି। ଏହାଛଡ଼ା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ବା ମାଗଣା ଯୋଜନା ପାଇଁ ଋଣ ଅଣଉତ୍ପାଦନ ଭିତ୍ତିକ ଥିବାରୁ ରାଜ୍ୟମାନେ ଯେଉଁ ଋଣ କରୁଛନ୍ତି ତାହା ଉପରେ ଋଣଦାତାମାନେ ଅଧିକ ସୁଧ ଦାବି କରୁଛନ୍ତି। ରାଜନୀତିରେ କ୍ଷମତାର ମୋହ ଅପରିହାର୍ଯ୍ୟ। କିନ୍ତୁ ଏଥିପାଇଁ ସାମଗ୍ରିକ ଭାବେ ରାଜ୍ୟ ଓ କେନ୍ଦ୍ରର ଅର୍ଥନୀତିକୁ ବଳି ଦିଆଯିବା କଥା ନୁହେଁ। ଭୋଟରମାନେ ମଧ୍ୟ ଏଭଳି ଘୋଷଣାରେ ଭଳି ଯିବା କିମ୍ବା ଭୁଲିଯିବା ଉଚିତ ନୁହେଁ ଯେ ଏହି ମାଗଣା ଯୋଜନାର ଖର୍ଚ୍ଚ ଭରଣା ଅନ୍ୟବାଟେ ତାଙ୍କଠାରୁ ହିଁ ଅସୁଲ କରାଯାଉଛି। କିନ୍ତୁ ଚେଇଁ ଶୋଇଥିବ ଯିଏ ସେମାନଙ୍କୁ ଉଠାଇବ କିଏ?

## ସଫଲ୍ ବନାମ ସଫଳ

ଡ.ଅନ୍ତର୍ଜିତା ନାୟକ

ଆଜିକାଲିକାର ମୋବାଇଲ ଯୁଗରେ ପିଲାମାନେ ବହି ଧରିବା ବା ପଢ଼ିବା ଯେମିତି ଭୁଲିଗଲେଣି। ତେଣୁ ପିଲାମାନଙ୍କ ମଧ୍ୟରେ ପଢ଼ିବାର ଆଗ୍ରହକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏକ ଆଦିବାସୀ ଗାଁରେ ଛୋଟ ସଚେତନତା ସଭା ଚାଲିଥାଏ। ପଢ଼ିବାର ଅଭ୍ୟାସ କିପରି ନୂଆ-ନୂଆ କଥା ଶିଖାଇଥାଏ, ବହି କିପରି ମଣିଷର ସର୍ବଶ୍ରେଷ୍ଠ ବନ୍ଧୁ ହୋଇଥାଏ, ଭଲ ମାର୍ଗ ଦେଖାଇ ସଫଳତା ଆଡ଼କୁ ବାଟ କାଢ଼ି ନେଇଥାଏ, ସେଇସବୁ ବିଷୟରେ ପିଲାମାନଙ୍କୁ ଜ୍ଞାନ ଦିଆଯାଉଥାଏ। ସେତିକିବେଳେ ଏକ ଛଅ-ସାତ ବର୍ଷର ପିଲା ଠିଆ ହୋଇ ଅତି ଉତ୍ସାହରେ କହିଲା 'ସଫଲ୍ ଖାଇଲେ ସଫଳ ହେବା! ବହି ପଢ଼ିଲେ ପରୀକ୍ଷାରେ ଭଲ ମାର୍କ ମିଳିବ।' ପିଲାଟି 'ସଫଲ୍' ପାନ ମସଲାକୁ 'ସଫଳ' ହେବା ସହିତ ସଂଯୋଗ କରୁଥିଲା। ଯଦି କିଛି ଖାଇଦେଲେ ଜଣେ ସଫଳ ହୋଇପାରିବ, ତେବେ ଏତେ ବହି ପଢ଼ି ଲାଭ କ'ଣ? ଏହା ହିଁ ଥିଲା ଛୋଟ ପିଲାଟିର ଧାରଣା। ସେ ଯାହା ଦେଖୁଛି, ଶୁଣୁଛି ବା ବୁଝୁଛି, ସେଇଆ ହିଁ କହୁଛି ବା କରୁଛି।

ଆଜିକାଲି ଖବରକାଗଜ, ଟିଭି, ମୋବାଇଲ ସବୁଠି ଏମିତି ବିଜ୍ଞାପନ ଭରିରହିଛି, ଯେଉଁଠାରେ ପାନମସଲା କମ୍ପାନୀ କେବଳ ଉତ୍ପାଦ ବିକ୍ରି କରୁନାହାନ୍ତି, ବରଂ ଯେମିତି 'ସଫଳତା'ର ଏକ ଚାବିକାଠି ବିକ୍ରି କରୁଛନ୍ତି। ପାନ ମସଲା ବା ତମାଖୁ ବିଜ୍ଞାପନରେ ବ୍ୟବହୃତ କିଛି ବାକ୍ୟ ଯେପରି- 'କୁଛ କର ଐସା, ଦୁନିଆ ବନନା ଚାହେ ତେରେ ଜୈସା', 'ପହଚାନ କାମ୍ୟାବୀ କି', '... କଦମୋଁ ମେଁ ଦୁନିଆ...' ଆମ ମନରେ ଏମିତି ଏକ ଘର କରିନେଉଛନ୍ତି ଯେ, ସତେଯେମିତି ସଫଳତା ଏକ କିଣି ହେବା ଜିନିଷ, ଯାହାକୁ ପାନ ମସଲା ଦ୍ୱାରା ସହଜରେ ପାଇହେବ! କିନ୍ତୁ ସବୁଠାରୁ ଚିନ୍ତାଜନକ ହେଉଛିଏହି ସନ୍ଦେଶ ଓ ସନ୍ଦେଶ ଦେଉଥିବା ତାରକାମାନେ ପିଲାଙ୍କ ମନକୁ ଖୁବ ଶୀଘ୍ର ଅକ୍ତିଆର କରିଦେଉଛନ୍ତି। ଯାହାଫଳରେ ପରିଶ୍ରମ, ଧୈର୍ଯ୍ୟ ଓ ଜ୍ଞାନ, ଯାହା ସଫଳତାର ପ୍ରକୃତ ଅର୍ଥ, ଆଜି ମଳିନ ପଡ଼ିଚାଲିଛି।

ଏହି ବିଡ଼ମ୍ବନା କେବଳ ଏକ ସାଧାରଣ ସଂଯୋଗ ନୁହେଁ, ବରଂ ଏକ ଚିନ୍ତାର ସଂକେତ। ଆଜି ଭାରତ ଏକ ଅଜବ ସ୍ଥିତିରେ। ଗୋଟିଏ ପଟେ ବିକାଶ ଓ ଆକାଂକ୍ଷା ବଢ଼ୁଥିବା ବେଳେ ଅନ୍ୟପଟେ ନିରବରେ ଏମିତି କିଛି ଅଭ୍ୟାସ ମଧ୍ୟ ବଢ଼ୁଛି, ଯାହା ଆମର ଭବିଷ୍ୟତକୁ ଦୁର୍ବଳ କରୁଛି। 'ଗ୍ଲୋବାଲ୍ ଆଡଲ୍ଟ ଟୋବାକୋ ସର୍ଭେ' କହୁଛି ଦେଶର ପ୍ରାୟ ପ୍ରତି ତିନିଜଣ ବୟସ୍କ ମଧ୍ୟରୁ ଜଣେ କୌଣସି ନା କୌଣସି ଭାବରେ ତମାଖୁ ବ୍ୟବହାର କରନ୍ତି। ଏହାର ବଡ଼ ଅଂଶ ପାନ ମସଲା, ଗୁଟ୍‌ଖା, ଖଇନି ବ୍ୟବହାର କରନ୍ତି। ସବୁଠାରୁ ଚିନ୍ତାର କଥା, ଏହି ଅଭ୍ୟାସ ଆରମ୍ଭ ହେଉଛି ବହୁତ ଛୋଟ ବୟସରୁ, କେତେକ ସମୟରେ ପିଲାବେଳୁ ମଧ୍ୟ। ଡାକ୍ତରମାନେ ବହୁବାର କହିଛନ୍ତି, ଏହି ଧରଣର ତମାଖୁ ଭାରତରେ ମୁଖକର୍କଟ ରୋଗ ବଢ଼ିବାର ମୁଖ୍ୟ କାରଣ। କିନ୍ତୁ ଲୋକେ ଏହାକୁ ଗମ୍ଭୀର ଭାବରେ ନେଉନାହାନ୍ତି। ଏହାର ପ୍ରଭାବ କେବଳ ରୋଗ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ଧୀରେ ଧୀରେ କାମ କରିବାର କ୍ଷମତା କମାଏ, ଚିକିତ୍ସା ଖର୍ଚ୍ଚ ବଢ଼ାଏ, ଯୁବକମାନଙ୍କର ଧ୍ୟାନ ଓ ଶିଖିବା କ୍ଷମତାକୁ ଦୁର୍ବଳ କରେ ଏବଂ ଦେଶର ମାନବ ପୁଞ୍ଜିକୁ କ୍ଷୟ କରେ।

ଯଦି ଆମର ଶ୍ରମଶକ୍ତି ଶାରୀରିକ ଭାବେ ଦୁର୍ବଳ, ମାନସିକ ଭାବେ କ୍ଳାନ୍ତ ଓ ନିଶା ନିର୍ଭରଶୀଳ ହେବ, ତେବେ ଦୀର୍ଘକାଳୀନ ବିକାଶ କେମିତି ହେବ? ସବୁଠାରୁ ବଡ଼ ଚିନ୍ତା ହେଉଛି ଆମର ଯୁବ ପିଢ଼ି। ଯେଉଁ ଯୁବଜନସଂଖ୍ୟାକୁ ଆମେ ଦେଶର ସବୁଠାରୁ ବଡ଼ ଶକ୍ତି ବୋଲି ଭାବୁଛୁ, ସେହି ପିଢ଼ି ଧୀରେ ଧୀରେ ଏହି ଅଭ୍ୟାସର ପ୍ରଭାବରେ ପଡ଼ୁଛି। ସହର କିମ୍ବା ଗାଁ' ସବୁଠି ଏହା ବଢ଼ୁଛି। ସେଥିପାଇଁ ଏହା ଆଜି କେବଳ ଏକ ସ୍ୱାସ୍ଥ୍ୟ ଜନିତ ବିଷୟ ହୋଇ ଆଉ ରହି ନାହିଁ, ବରଂ ଦେଶର ଭବିଷ୍ୟତ, ଉତ୍ପାଦକତା, ଯୁବଶକ୍ତି ଓ ସମଗ୍ର କଲ୍ୟାଣ ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପାଲଟିଛି। ବହୁବାର ଆମେ ଖବରକାଗଜର ପ୍ରଥମ ପୃଷ୍ଠାରେ କିଛି ଗୁରୁତ୍ୱପୂର୍ଣ୍ଣ ବା ଶିକ୍ଷଣୀୟ କଥା ପଢ଼ିବାକୁ ପାଇବା ପରିବର୍ତ୍ତେ ଚକଚକିଆ ବିଜ୍ଞାପନ ଦେଖିବାକୁ ପାଉ, ଯେଉଁଥିରେ ଦେଶର ପ୍ରିୟ ଓ ବଡ଼ ବଡ଼ ସେଲିବ୍ରିଟିମାନେ 'ସଫଳତା'ର ଏକ ଆକର୍ଷଣୀୟ ଛବି ପ୍ରଦର୍ଶନ କରୁଥିବେ, ଯାହା ସାରା ଜଗତକୁ ଏହା ବିଶ୍ୱାସ କରିବାକୁ ବାଧ୍ୟ କରିଦେଉଥିବ ଯେ, ପାନ ମସଲାର ପ୍ରତ୍ୟେକ କଣରେ ରହିଛି 'କେଶର' ନା କି 'କ୍ୟାନ୍ସର'। ଏହି ବିଶାଳ ଭ୍ରମ ସାମ୍ନାରେ, ଛୋଟ-ଛୋଟ ଅକ୍ଷରରେ ଲେଖା ଯାଇଥିବା ସତର୍କବାଣୀ-'ପାନ ମସଲା ଦେହ ପାଇଁ ହାନିକାରକ' ବା 'ପାନ ମସଲା ଖାଇଲେ କର୍କଟ ହୁଏ', ନଗଣ୍ୟ ହୋଇଯାଏ।

କାହିଁ ସେଇ ଭବ୍ୟତା ଓ କାହିଁ ଏଇ ଶୂନ୍ୟତା! କିଛି ଲୋକ ବୁଝିପାରନ୍ତି ଯେ ଏହା କେବଳ ଏକ ବିଜ୍ଞାପନ ଓ ଏକ ବ୍ୟାପାର। କିନ୍ତୁ ପିଲାମାନେ ଏହା ସହଜରେ ବୁଝିପାରନ୍ତି ନାହିଁ। ସେମାନେ 'ସରୋଗେଟ୍ ବିଜ୍ଞାପନ' ଭଳି ଜଟିଳ କଥା ଜାଣିପାରନ୍ତି ନାହିଁ। ସେମାନେ କେବଳ ଯାହା ଦେଖନ୍ତି ସେଇଆ ବୁଝନ୍ତି ଯେ, ଯେତେବେଳେ ଗୋଟେ ଜିନିଷର ପ୍ରଚାର ପ୍ରସାର ଦେଶର ବିଖ୍ୟାତ ସେଲିବ୍ରିଟି ବା ସିନେ ତାରକା, ଯେଉଁମାନେ ଧନୀ, ସଫଳ ଓ ଲୋକପ୍ରିୟ, ସେମାନେ କରୁଛନ୍ତି, ତାହା ନିଶ୍ଚୟ ଭଲ ହୋଇଥିବ, ଯାହାକୁ ବ୍ୟବହାର କଲେ ସେମାନେ ମଧ୍ୟ ଭବିଷ୍ୟତରେ ସେଇ ସେଲେବ୍ରିଟିଙ୍କ ଭଳି ସଫଳ ହୋଇପାରିବେ। ଏହାକୁ ନେଇ ଭାରତରେ 'କୋଟ୍‌ପା' ଭଳି ଆଇନ, ତମାଖୁ ଉପରେ ଚେତାବନୀ ଦେବାକୁ ଓ ସିଧାସଳଖ ବିଜ୍ଞାପନକୁ ରୋକିବାକୁ ଆଦେଶ ଦିଏ। କିନ୍ତୁ ତା'ପରେ ଆସିଯାଏ 'ସରୋଗେଟ୍ ବିଜ୍ଞାପନ', ଯେଉଁଥିରେ ଥାଏ, ସେହି ନାମ, ସେହି ଶୈଳୀ, କିନ୍ତୁ ଅନ୍ୟ ଜିନିଷର ପ୍ରଚାର। ଦେଖିବାକୁ ଲାଗେ ସବୁ ଠିକ୍ ଅଛି, କିନ୍ତୁ ବିଜ୍ଞାପନ ସେଇଆ ବିଜ୍ଞପ୍ତି କରୁଥାଏ, ଯାହାଉପରେ ଥାଏ କଟକଣା। କେବଳ କାଗଜରେ ରହିଯାଏ ନିୟମ ଓ ତାହାର ପାଳନ। ଗୋଟେ ପଟେ ଆମେ କହୁ 'ତମାଖୁ କର୍କଟ ସୃଷ୍ଟି କରେ', ଅନ୍ୟପଟେ ଏହାକୁ ଏତେ ଆକର୍ଷଣୀୟ କରିଦେଉଛୁ ଯେ ବୁଢ଼ାଠାରୁ ପିଲା ପର୍ଯ୍ୟନ୍ତ ଏହାକୁ ଅନୁସରଣ କରିବାକୁ ଲୋଭେଇ ଯାଉଛନ୍ତି। 'ସଫଳତା', 'କାମ୍ୟାବୀ', 'ପହଚାନ' ପରି ଶବ୍ଦଗୁଡ଼ିକ ଯାହା ଆମ ସମାଜରେ ଶ୍ରମ, ସମ୍ମାନ ଓ ସ୍ୱପ୍ନ ସହିତ ଜଡ଼ିତ, ସେଗୁଡ଼ିକୁ ଯେତେବେଳେ ନିଶାଦ୍ରବ୍ୟ ବିକ୍ରି ପାଇଁ ବ୍ୟବହାର କରାଯାଏ, ସେତେବେଳେ ଭାଷାର ଅର୍ଥ ହୋଇଯାଏ କଦର୍ଥ।

ଏହି ସମସ୍ୟାକୁ ସମାଧାନ କରିବାକୁ କେବଳ ସଚେତନତା ଆଣିବା ଯଥେଷ୍ଟ ନୁହେଁ। ଆମକୁ ସେହି ସମଗ୍ର ପରିବେଶକୁ ବୁଝିବାକୁ ଓ ବଦଳାଇବାକୁ ପଡ଼ିବ, ଯାହା ସମାଜ ଉପରେ କୁପ୍ରଭାବ ପକାଉଛି। ଭାରତ ଭଳି ଏକ ଦେଶ, ଯେଉଁଠି ଲୋକମାନେ ସିନେ ତାରକା, କ୍ରିକେଟ ଖେଳାଳି, ନେତା, ରାଜନେତାଙ୍କୁ ସେଲେବ୍ରିଟିର ଆଖ୍ୟା ଦିଅନ୍ତି ଓ ଜୀବନରେ ଅନୁସରଣ ବା ଅନୁକରଣ ମଧ୍ୟ କରନ୍ତି, ସେଇଠି ଏହି ଆଦର୍ଶମାନେ ଯେତେବେଳେ କିଛି କୁହନ୍ତି ବା କରନ୍ତି, ତାହା ଅତି ସହଜରେ ଗ୍ରହଣୀୟ ହୋଇଯାଏ। ସେଥିପାଇଁ ସେଲେବ୍ରିଟିମାନଙ୍କୁ କିଛି ଅସ୍ୱାସ୍ଥ୍ୟକର ବିଜ୍ଞାପନ କରିବା ଆଗରୁ ଭାବିବା ଆବଶ୍ୟକ। କାରଣ ତାହା କେବଳ ସେମାନଙ୍କର ବ୍ୟକ୍ତିଗତ ଚୟନରେ ସୀମିତ ହୋଇ ରୁହେ ନାହିଁ, ବରଂ ଏକ ସାମାଜିକ ଦାୟିତ୍ୱରେ ପରିଣତ ହୋଇଯାଏ। ଏହାସହିତ ପିଲାମାନଙ୍କୁ ଛୋଟ ବୟସରୁ 'ଗଣମାଧ୍ୟମ କେମିତି କାମ କରେ' ତାହା ଶିଖାଇବା ମଧ୍ୟ ଆବଶ୍ୟକ। ବଡ଼ ପରଦାରେ ଦେଖା ହେଉଥିବା ସବୁ ଜିନିଷ ଯେ ଗ୍ରହଣଯୋଗ୍ୟ, ତାହା ଜରୁରୀ ନୁହେଁ। ପିଲାଙ୍କୁ ଭୁଲ୍-ଠିକ୍‌ର ପରିଚୟ କରାଇବା ଉଚିତ। ସ୍କୁଲରେ, କାହାଣୀରେ, ଘରେ, ସମାଜରେ ସବୁଠି ସଫଳତାର ସତ୍ୟ ଅର୍ଥ ଦେଖାଯିବା ଉଚିତ୍। ନହେଲେ ବଜାର ସେହି ସ୍ଥାନକୁ ସହଜ, ଆକର୍ଷଣୀୟ ଓ ଭୁଲ୍ ଅର୍ଥରେ ପୂରଣ କରିଦେବ। ତା'ଛଡ଼ା, ଯେପର୍ଯ୍ୟନ୍ତ ଆମେ କହୁଥିବା କଥା ଓ ଦେଖାଉଥିବା ଦୃଶ୍ୟ ମଧ୍ୟରେ ସମନ୍ୱୟ ଆଣିପାରିବା ନାହିଁ, ସେପର୍ଯ୍ୟନ୍ତ 'ସଫଲ୍' ଓ 'ସଫଳ' ମଧ୍ୟରେ ଏହି ବ୍ୟତିକ୍ରମ ଚାଲିଥିବ ଶାନ୍ତ ଭାବରେ, କିନ୍ତୁ ଗଭୀର ପ୍ରଭାବ ସହିତ। ଏମିତି ଚାଲିଲେ, ଆମେ ଏମିତି ଏକ ପିଢ଼ି ତିଆରି କରିଦେବୁ, ଯେଉଁମାନେ ସଫଳତାକୁ କିଣିବାକୁ ଅବାଟରେ ଯିବେ, ପଥଭ୍ରଷ୍ଟ ହେବେ, ନିଜେ ନଷ୍ଟ ହୋଇ ସମାଜକୁ ନଷ୍ଟ କରିବେ। କିନ୍ତୁ କେବେହେଲେ ସଫଳତାକୁ ଅନୁଭବ କରିପାରିବେ ନାହିଁ କି ହାସଲ କରିପାରିବେ ନାହିଁ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## କାଗଜର କାରାଗାର: ସଂରକ୍ଷଣରୁ ଉପଯୋଗିତା

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

'ପୁସ୍ତକରେ ଥିବା ଜ୍ଞାନ ସେତେବେଳେ ହିଁ ମୁକ୍ତ ହୁଏ ଯେତେବେଳେ ତାହା ଜୀବନ ସହ ଯୋଡ଼ି ହୁଏ।' ବିଶ୍ୱକବି ରବୀନ୍ଦ୍ର ନାଥ ଟେଗୋରଙ୍କ ଏହି ଭାବନା ଆଜିର ଯୁଗରେ ଏକ ନିର୍ଣ୍ଣାୟକ ଆହ୍ୱାନ। ଓଡ଼ିଆ ଅସ୍ମିତାର ଅମୂଲ୍ୟ ଜ୍ଞାନ ସମ୍ପଦ ଏବେ ବି 'କାଗଜର କାରାଗାର' ମଧ୍ୟରେ ବନ୍ଦୀ ହୋଇରହିଛି। ଆମେ ବୁଝିବା ଆବଶ୍ୟକ ଯେ କେବଳ ପୁସ୍ତକକୁ ସ୍କାନ୍ କରି ପିଡିଏଫ୍ କରିବା ହିଁ ପ୍ରକୃତ ସମାଧାନ ନୁହେଁ। ଯେପର୍ଯ୍ୟନ୍ତ ଏହି ଅକ୍ଷରଗୁଡ଼ିକ କମ୍ପ୍ୟୁଟର ପଢ଼ିପାରୁଥିବା ଭଳି ତଥ୍ୟ, ସନ୍ଧାନଯୋଗ୍ୟ ସଂଗ୍ରହ(କର୍ପସ୍) ଏବଂ କୃତ୍ରିମ ବୁଦ୍ଧିମତ୍ତା ପ୍ରଶିକ୍ଷଣଯୋଗ୍ୟ ତଥ୍ୟରେ ରୂପାନ୍ତରିତ ହୋଇନାହିଁ, ସେପର୍ଯ୍ୟନ୍ତ ଓଡ଼ିଆ ଜ୍ଞାନଭଣ୍ଡାର ଆଧୁନିକ ସମାଜ ଓ ବିଶ୍ୱବ୍ୟାପୀ ଜ୍ଞାନ ପ୍ରବାହ ସହ ଯୋଡ଼ି ହୋଇପାରିବ ନାହିଁ।

ଆମର ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷା ଆଜି ଏକ ବୈଷୟିକ ସଙ୍କଟର ସମ୍ମୁଖୀନ। ଆମର ହଜାର ହଜାର ବର୍ଷର ଜ୍ଞାନଭଣ୍ଡାର, ହସ୍ତଲିପି ଏବଂ ଦୁର୍ଲ୍ଲଭ ଗ୍ରନ୍ଥଗୁଡ଼ିକ ଆଜି ଏକ ପ୍ରକାର 'କାଗଜର କାରାଗାର' ମଧ୍ୟରେ ବନ୍ଦୀ। ଆମେ 'ଡିଜିଟାଇଜେସନ୍' ନାମରେ କେବଳ ପୁସ୍ତକଗୁଡ଼ିକୁ ସ୍କାନ୍ କରି ପିଡିଏଫ୍ ତିଆରି କରୁଛୁ, କିନ୍ତୁ ସେହି ତଥ୍ୟଗୁଡ଼ିକ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) କିମ୍ବା ସର୍ଚ୍ଚଇଞ୍ଜିନ୍ ପାଇଁ ଅଦୃଶ୍ୟ। ସ୍କାନ୍ ହୋଇଥିବା ପୃଷ୍ଠାଗୁଡ଼ିକ ମଣିଷ ପାଇଁ ଛବି(ଇମେଜ୍) ହୋଇପାରେ, କିନ୍ତୁ କମ୍ପ୍ୟୁଟର ପାଇଁ ତାହା ପଢ଼ିବା ଅସମ୍ଭବ। ଯେପର୍ଯ୍ୟନ୍ତ ଆମେ ଓସିଆର ଓ ୟୁନିକୋଡ୍ ମାଧ୍ୟମରେ ଏହି ତଥ୍ୟକୁ ସଂରଚିତ କରି ନାହୁଁ, ସେପର୍ଯ୍ୟନ୍ତ ଆମର ଐତିହ୍ୟ ଡିଜିଟାଲ୍ ପ୍ଲାଟଫର୍ମରେ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ସଂରକ୍ଷଣର ଅର୍ଥ କେବଳ ଫଟୋ ଉଠାଇବା ନୁହେଁ, ବରଂ ତଥ୍ୟକୁ ଜୀବନ୍ତ ଓ ବ୍ୟବହାରଯୋଗ୍ୟ କରିବା।

ଆଜିର ଡିଜିଟାଲ୍ ଯୁଗରେ ସୂଚନାର ଉପଲବ୍ଧତା ହିଁ ସେହି ଭାଷାର ପ୍ରଭାବ ନିର୍ଣ୍ଣୟ କରେ। ଯଦି ଜଣେ ଗବେଷକ ଓଡ଼ିଆ ସାହିତ୍ୟ କିମ୍ବା ଇତିହାସ ସମ୍ପର୍କରେ ଇଣ୍ଟରନେଟରେ ତଥ୍ୟ ଖୋଜନ୍ତି ଏବଂ ସେହି ତଥ୍ୟ ତାଙ୍କୁ ୟୁନିକୋଡ୍‌ରେ ମିଳେ ନାହିଁ, ତେବେ ସେହି ଜ୍ଞାନ ତାଙ୍କ ପାଇଁ ଅଦୃଶ୍ୟ। ପିଡିଏଫ୍ ଫର୍ମାଟରେ ଥିବା ତଥ୍ୟକୁ ଏଆଇ ବିଶ୍ଳେଷଣ କରିପାରେ ନାହିଁ କିମ୍ବା ଅନୁବାଦ କରିପାରେ ନାହିଁ। ଏହା ଓଡ଼ିଆ ଭାଷାର ପ୍ରସାର କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଆମକୁ ଆମର ପୁସ୍ତକଗୁଡ଼ିକୁ କେବଳ ଆଲମାରିରେ ନୁହେଁ, ବରଂ କ୍ଲାଉଡ୍ ଏବଂ ଡାଟାବେସ୍‌ରେ ଏପରି ଭାବେ ରଖିବାକୁ ହେବ, ଯେପରି ସେଗୁଡ଼ିକ ବିଶ୍ୱର ଯେକୌଣସି କୋଣରୁ ସହଜରେ ଖୋଜାଯାଇପାରିବ। ଏଥିପାଇଁ ଓଡ଼ିଆ ଓସିଆର(ଅପ୍ଟିକାଲ୍ କାରାକ୍ଟର ରେକଗନିସନ୍) ପ୍ରଯୁକ୍ତିର ଉନ୍ନତି ଓ ବହୁଳ ବ୍ୟବହାରର ଆବଶ୍ୟକତା ରହିଛି।

ଡିଜିଟାଇଜେସନ୍ ପ୍ରକ୍ରିୟାରେ ଆଉ ଏକ ପ୍ରମୁଖ ସମସ୍ୟା ହେଉଛି 'ଡାଟା ସାଇଲୋସ୍'। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପାଖରେ ଓଡ଼ିଆ ଭାଷାର ବିପୁଳ ତଥ୍ୟ ରହିଛି, କିନ୍ତୁ ସେଗୁଡ଼ିକ ପରସ୍ପର ସହ ସଂଯୁକ୍ତ ନୁହେଁ। ଜଣେ ଗବେଷକଙ୍କୁ ଗୋଟିଏ ବିଷୟ ପାଇଁ ଦଶଟି ଭିନ୍ନ ଭିନ୍ନ ୱେବସାଇଟ୍ ବା ଲାଇବ୍ରେରୀ ଖୋଜିବାକୁ ପଡ଼ୁଛି। ଆମକୁ 'ନ୍ୟାସନାଲ୍ ଡିଜିଟାଲ୍ ଲାଇବ୍ରେରୀ' ଭଳି ଏକ ଓଡ଼ିଆ ସଂସ୍କରଣ ଦରକାର, ଯେଉଁଠାରେ ସବୁ ତଥ୍ୟ ଏକାଠି ଏବଂ ସନ୍ଧାନଯୋଗ୍ୟ ହୋଇ ରହିବ। ଏହାଦ୍ୱାରା କେବଳ ଗବେଷଣା ନୁହେଁ, ବରଂ ଭାଷାର ବ୍ୟବସାୟିକ ଉପଯୋଗ ମଧ୍ୟ ବୃଦ୍ଧି ପାଇବ। ଏଆଇ ମଡେଲ୍‌ଗୁଡ଼ିକୁ ପ୍ରଶିକ୍ଷିତ କରିବା ପାଇଁ ଏହି ସଂରଚିତ ଡାଟା ହିଁ ପ୍ରାଣକେନ୍ଦ୍ର। ଯଦି ଆମେ ଆମର ପୁରାତନ ସାହିତ୍ୟକୁ ଡାଟାସେଟ୍‌ରେ ପରିଣତ କରିପାରିବା, ତେବେ ଭବିଷ୍ୟତରେ ଆମେ ଏପରି ଏଆଇ ତିଆରି କରିପାରିବା, ଯାହା ସାରଳା ଦାସ କିମ୍ବା ଉପେନ୍ଦ୍ର ଭଞ୍ଜଙ୍କ ଶୈଳୀରେ ଲେଖିବାକୁ ସକ୍ଷମ ହେବ।

ଶିକ୍ଷା କ୍ଷେତ୍ରରେ ମଧ୍ୟ 'କାଗଜର କାରାଗାର' ଏକ ବଡ଼ ବାଧା। ଆମର ଶିକ୍ଷାଦାନ ପଦ୍ଧତିରେ ପାଠ୍ୟପୁସ୍ତକର ଗୁରୁତ୍ୱ ଅଧିକ। କିନ୍ତୁ ସେହି ପୁସ୍ତକଗୁଡ଼ିକ ଡିଜିଟାଲ୍ ଇଣ୍ଟରଆକ୍ଟିଭ୍ ଫର୍ମାଟ୍‌ରେ ଉପଲବ୍ଧ ନୁହେଁ। ଯେତେବେଳେ ଜଣେ ଛାତ୍ର ମୋବାଇଲ୍ ବା ଟାବଲେଟ୍‌ରେ ପଢ଼ିବାକୁ ଚେଷ୍ଟା କରେ ସେଠାରେ ଇଂରାଜୀ ବା ହିନ୍ଦୀର ବିକଳ୍ପ ଅଧିକ ଥାଏ। ଓଡ଼ିଆ ପାଠ୍ୟପୁସ୍ତକ କେବଳ ଛପା ଅକ୍ଷରରେ ରହିଗଲେ ତାହା ଆସନ୍ତା ପିଢ଼ିର ଆଗ୍ରହ ହରାଇବ। ଆମକୁ ସରକାରୀସ୍ତରରେ ଏକ ବିଶାଳ ଅଭିଯାନ ଆରମ୍ଭ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ସରକାରୀ ନଥିପତ୍ର, ଗେଜେଟ୍ ଓ ଐତିହାସିକ ଦସ୍ତାବିଜକୁ ୟୁନିକୋଡ୍‌ରେ ରୂପାନ୍ତର କରାଯିବ। ଏହା ହିଁ ହେବ ଓଡ଼ିଆ ଭାଷାକୁ ଏକ ଆଧୁନିକ ଜ୍ଞାନ-ଅର୍ଥନୀତିର ଭାଷା ଭାବେ ଗଢ଼ିବାର ପ୍ରକୃତ ମୂଳଦୁଆ।

ଭାଷାର ସୁରକ୍ଷା କେବଳ ଭାଷଣରେ ନାହିଁ, ବରଂ ଏହାର ପ୍ରୟୋଗରେ ଅଛି। ଯେପର୍ଯ୍ୟନ୍ତ ଓଡ଼ିଆ ଭାଷା କେବଳ କାଗଜ ଉପରେ ସୀମିତ ରହିବ, ସେପର୍ଯ୍ୟନ୍ତ ଏହା ବିଶ୍ୱର ଅନ୍ୟ ଶକ୍ତିଶାଳୀ ଭାଷା ସହ ପ୍ରତିଯୋଗିତା କରିପାରିବ ନାହିଁ। ଆମକୁ 'କାଗଜର କାରାଗାର' ଭାଙ୍ଗି ଏକ 'ଡିଜିଟାଲ୍ ସ୍ୱର୍ଗ' ନିର୍ମାଣ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ଓଡ଼ିଆ ଶବ୍ଦ ଗୋଟିଏ ଗୋଟିଏ ଡାଟା ପଏଣ୍ଟ ଭାବେ ଶକ୍ତିଶାଳୀ ହୋଇ ଉଭା ହେବ। ଏହି କାର୍ଯ୍ୟ ପାଇଁ ବୈଷୟିକ ବିଶେଷଜ୍ଞ ଏବଂ ଭାଷାବିତ୍‌ମାନଙ୍କ ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରୀ।

ପରିଶେଷରେ ସଂରକ୍ଷଣରୁ ପ୍ରୟୋଗ ପର୍ଯ୍ୟନ୍ତ ଯିବା ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ମୁକ୍ତି। 'କୌଣସି ସୈନ୍ୟ ଏକ ବିଚାରକୁ ରୋକି ପାରିବେ ନାହିଁ, ଯାହାର ସମୟ ଆସିଛି।' ଭିକ୍ଟର ହ୍ୟୁଗୋଙ୍କ ଏହି ଉକ୍ତି ଆମକୁ ସ୍ମରଣ କରାଏ ଯେ ଓଡ଼ିଆର ଡିଜିଟାଲ୍ ମୁକ୍ତିର ସମୟ ଏବେ ହିଁ ଉପନୀତ। ଆମ ଭାଷାକୁ ଓସିଆର, ଉନ୍ନତ ଡାଟାସେଟ୍ ଓ ଖୋଲା ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଜୀବନ୍ତ କରିବା ହିଁ ଆମ ଜାତୀୟ ଅସ୍ମିତାର ସର୍ବଶ୍ରେଷ୍ଠ ସୁରକ୍ଷା।

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

## ମଳରଙ୍ଗରୁ ସ୍ୱାସ୍ଥ୍ୟ ସୂଚନା

ଶ୍ରୀନନ



ବିଜ୍ଞାନ ବାର୍ତ୍ତା

ଆଗକାଳରେ ବୈଦ୍ୟମାନେ ମଳକୁ ଦେଖି ନାନାଦି ରୋଗ ନିର୍ଣ୍ଣୟ କରି ପାରୁଥିଲେ। ବର୍ତ୍ତମାନ ତାହାକୁ ବିବିଧ ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା ନିରୀକ୍ଷା ମାଧ୍ୟମରେ କରୁଛନ୍ତି ରୋଗ ନିଦାନ ବିଜ୍ଞାନୀମାନେ। ତେବେ ନିକଟରେ ବହୁ ସ୍ୱନାମଧନ୍ୟ ସ୍ୱାସ୍ଥ୍ୟବିଜ୍ଞାନ ପ୍ରତିଷ୍ଠାନର ଚିକିତ୍ସା ବିଜ୍ଞାନୀମାନେ ମଳର ରଙ୍ଗରୁ ମୋଟାମୋଟି ଭାବେ କେତେକ ରୋଗ ସଂପର୍କରେ ସୂଚନା ମିଳିପାରିବ ବୋଲି ମତ ଦେଲେଣି। ଏହାଫଳରେ ସାଧାରଣ ଲୋକଟିଏ ନିଜ ମଳକୁ ଦେଖି ତାହିଁରୁ ସେ ବିଷୟରେ ଜାଣିପାରିବ ଏବଂ ଡାକ୍ତରଙ୍କ ପରାମର୍ଶ ନେଇପାରିବ। ଏହି ଚିକିତ୍ସାବିଜ୍ଞାନୀମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ଡାକ୍ତର ସୌରଭ ଘୋଷ।

ସାଧାରଣତଃ ଆମେ ମଳ ପ୍ରତି ଧ୍ୟାନ ଦେଉନା। କିନ୍ତୁ ଆମ ଅଜାଣତରେ ଅନ୍ତନଳୀ ବା 'ଗଟ୍' ଏହା ମାଧ୍ୟମରେ ନିୟମିତ ସ୍ୱାସ୍ଥ୍ୟ ସମ୍ପର୍କରେ ଆମକୁ ସୂଚନା ଦେଉଥାଏ। ଏହା ଦେଖିଲା ମାତ୍ରେ ଜଣାପଡ଼ିଥାଏ ଯେ ଆମ ଶରୀର ମଧ୍ୟରେ କ'ଣ ଚାଲିଛି ଖାଦ୍ୟ ହଜମ ପ୍ରକ୍ରିୟାଠାରୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ପର୍ଯ୍ୟନ୍ତ। ନୂଆଦିଲ୍ଲୀସ୍ଥିତ ଆୟୁର୍ବିଜ୍ଞାନ ସଂସ୍ଥାନ, ହାର୍ଭାର୍ଡ ଓ ଷ୍ଟାନ୍‌ଫୋର୍ଡ ଭଳି ବହୁ ସ୍ୱନାମଧନ୍ୟ ସ୍ୱାସ୍ଥ୍ୟବିଜ୍ଞାନ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ଲାଭ କରିଥିବା ଡାକ୍ତର ଘୋଷ ଏ ସଂପର୍କରେ ଏବେ ସୂଚନା ଦେଇଛନ୍ତି ଗଣମାଧ୍ୟମ ଜରିଆରେ। ତହିଁରେ ସେ ନିମ୍ନୋକ୍ତ କେତୋଟି କଥା ସୂଚୀତ କରିଛନ୍ତି-

**୧ - ଧୂସର ରଙ୍ଗ:** ଏଥିରୁ ଜଣାପଡ଼େ ଯେ ସବୁ ଠିକ୍ ଠାକ୍ ଚାଲିଛି। ଡାକ୍ତର ଘୋଷଙ୍କ ସୂଚନା ଅନୁସାରେ ଧୂସର ରଙ୍ଗ ଆସିଥାଏ ଆମ ଯକୃତରୁ ଉତ୍ପନ୍ନ ପିତ୍ତରୁ। ଅତଏବ ଏହା ସୂଚୀତ କରେ ଯେ ହଜମ ପ୍ରକ୍ରିୟା ସଠିକ୍ ରୂପେ ହେଉଛି।

**୨ - ସବୁଜ ରଙ୍ଗ:** ଆମ ମଳ ଯଦି ସବୁଜ ରଙ୍ଗର ହୋଇଥାଏ ତହିଁରୁ ଜଣାପଡ଼େ ଯେ ଖାଦ୍ୟ ହଜମ ବ୍ୟବସ୍ଥା ଓ ଅନ୍ତନଳୀ ଦେଇ ଶୀଘ୍ରଶୀଘ୍ର ଗତି କରୁଛି। ଏପରି ହେଲେ ତାହାକୁ ସମ୍ପୂର୍ଣ୍ଣ ରୂପେ ବିଶ୍ଳେଷିତ କରିବାକୁ ଶରୀର ସମୟ ପାଏ ନାହିଁ। ତେଣୁ ତହିଁରୁ ଯଥେଷ୍ଟ ପୁଷ୍ଟି ଶୋଷଣ ହୋଇପାରେ ନାହିଁ। ଏପରି ସ୍ଥଳେ ଆମେ ସହଜରେ ହଜମକ୍ଷମ ଖାଦ୍ୟ ଖାଇବା ଉଚିତ।

**୩ - ହଳଦିଆ ରଙ୍ଗ ଓ ତେଲିଆ:** ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା, କାରଣ ଡାକ୍ତର ଘୋଷ କହନ୍ତି ଯେ ହଳଦିଆ କିମ୍ବା ତେଲିଆ ମଳରୁ ସୂଚନା ମିଳେ ଯେ ଆମ ଶରୀର ସ୍ନେହସାର ବା ଚର୍ବିଜାତୀୟ ପଦାର୍ଥକୁ ଠିକ୍ ରୂପେ ଶୋଷଣ କରୁ ନାହିଁ। ଏହା ଯଦି ଅଧିକ ଦିନ ଧରି ଚାଲେ ତଦ୍ୱାରା ଆମ ଚୟାପଚୟ ପ୍ରଭାବିତ ହେବ। ଏଣୁ ଯଥାଶୀଘ୍ର ଡାକ୍ତର ପରାମର୍ଶ କରାଯିବା ଉଚିତ୍।

**୪ - କଳା ରଙ୍ଗ:** ଖାଦ୍ୟନଳୀ ବା ହଜମନଳୀର ଉଚ୍ଚସ୍ତରରେ ରକ୍ତ ସ୍ରାବ ହେଲେ ମଳ ଏପରି ରଙ୍ଗ ଧାରଣ କରେ। ଏହାକୁ କଦାପି ଅବହେଳା କରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା ଅଙ୍ଗପ୍ରତ୍ୟଙ୍ଗମାନଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଇଚାଲେ। ଏ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ଏକାନ୍ତ ଆବଶ୍ୟକ।

**୫ - ଉଜ୍ଜ୍ୱଳ ଲାଲ୍ ରଙ୍ଗ:** ଖାଦ୍ୟ ନଳୀର ତଳଭାଗରୁ ରକ୍ତ ସ୍ରାବ ହେତୁ ଏହା ଘଟେ। ଅଧିକାଂଶ ସ୍ଥଳେ ଏହା ଅର୍ଶ କିମ୍ବା ସେଥିରେ ଘା' ବା କ୍ଷତ ହେତୁ ଏପରି ହୁଏ। ଏହା କ୍ରମାଗତ ଚାଲିଲେ ବ୍ୟବସ୍ଥାଟି ଦୁର୍ବଳ ହୋଇପଡ଼େ। ଏଣୁ ଏହାକୁ ଅବହେଳା ନ କରି ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କରିବା ଉଚିତ।

ଡାକ୍ତର ଘୋଷଙ୍କ ମତରେ ଆମେ ସବୁବେଳେ ମଳର ରଙ୍ଗକୁ ନେଇ ଭୟଭୀତ ହେବା ଠିକ୍ ନୁହେଁ। ଅନେକ ସମୟରେ ଖାଦ୍ୟର ବିଭିନ୍ନତା କିମ୍ବା ଅନ୍ୟ କିଛି ଛୋଟ ଛୋଟ କାରଣରୁ ମଧ୍ୟ ଏହା ଘଟିପାରେ। ତେବେ ଏହା ଯଦି ଦୀର୍ଘସ୍ଥାୟୀ ହୁଏ ତାହାକୁ କଦାପି ଅବହେଳା କରିବା ଉଚିତ ନୁହେଁ। ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କରି ସେଥିପାଇଁ ବିଧିବିଧାନ କରିବା ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାରେ ଅପରାଧୀଙ୍କ ଜଙ୍ଗଲରାଜ: ବିଜେଡି

ଭୁବନେଶ୍ୱର,୧୧।୫(ସମିସ): ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ, ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଗୃହ ବିଭାଗର ବିଫଳତା ସମ୍ପୂର୍ଣ୍ଣ ପଦାରେ ପଡିଛି। ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବାରେ ସରକାର ବିଫଳ ହୋଇଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି । କହିଛନ୍ତି । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ବିଜେପି ନେତାମାନେ ବିଧାନସଭା ଭିତରେ ୨୪ ବର୍ଷର ୫-ଟି ନାଁ ଧରିକି ଘୋଷି ହେଉଛନ୍ତି। ବର୍ତ୍ତମାନ ବିଜେପି ସରକାରରେ ୨୪ ଘଣ୍ଟାରେ ୫ଟି ଛାତି ଥରାଇ ଦେଲା ଭଳି ଘଟଣା ଘଟିଛି । ଭାରତ ଇତିହାସରେ ସ୍ୱାଧୀନତା ପରେ ଏଭଳି ଘଟଣା କେଉଁଠି ଘଟିନଥିବ। ପୁଲିସ ଡିଜି ଦେଇଥିଲେ ଦୁର୍ବୃତ୍ତ। ନୟାଗଡ ଜିଲ୍ଲା ଓଡଗାଁ ଠାରେ ପଥର ମାଫିଆଙ୍କ ବିରୋଧରେ ପୁଲିସକୁ ସୂଚନା ଦେବାରୁ ଜଣେ ଯୁବକଙ୍କୁ ଖଣ୍ଡ ଖଣ୍ଡ କରି ହାଣି ମାଫିଆ ମାରି ଦେଲେ। ସେହିପରି ମହାକାଳପଡା ଜମ୍ବୁରେ ୨ଟି ବାଇକରେ ଆସି ଖରିନାସୀରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କଲେ। ଅନ୍ୟପଟେ



**■ ସାରା ରାଜ୍ୟରେ ବ୍ୟାପିବାରେ ଲାଗିଛି ଅରାଜକତା**
**■ ହିଞ୍ଜିଳିରୁ ରାଜଧାନୀ, ସୋରରୁ ଓଡ଼ଗାଁ ସବୁଠି ହିଂସା**

ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଥିଲେ ଯେ ଆଜିର ଦିନରେ ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଧ୍ୱଂସ ହୋଇଯାଇଛି। ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଯୋଗୁଁ ଏକ ସପ୍ତାହ ମଧ୍ୟରେ ଢେଙ୍କାନାଳ, ହିଞ୍ଜିଳି, କଣାସ, ବାଲିଅନ୍ତା, ବାଲିପାଟଣାରେ ଜଘନ୍ୟ ଘଟଣା ଘଟିଛି । ସରକାରୀସ୍ତରରେ ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ପୁଲିସ ବ୍ୟବସ୍ଥା ଦୁର୍ବଳ ହୋଇପଡିଛି । ଥାନାଗୁଡିକ ବିଜେପିର କାର୍ଯ୍ୟାଳୟ ପାଲଟିଛି ବୋଲି ଲେନିନ୍ ସ୍ୱୀକାର କରିଛନ୍ତି ସାଧାରଣ ଜନତା ଅସୁରକ୍ଷିତ ଅନୁଭବ କରୁଛନ୍ତି। ଡିଜିଙ୍କ କଥାରେ ଗୁରୁତ୍ୱ ଅଛି, କାରଣ ଓଡ଼ିଶା ଇତିହାସରେ ଏହା ପ୍ରଥମ। ଆମେରିକା ଭଳି ରାଷ୍ଟ୍ର ନିଜ ନାଗରିକଙ୍କୁ ଓଡିଶା ନଯିବା ପାଇଁ ଆଡଭାଇଜରି ଜାରି କରିଥିଲା। ଏଥିରେ ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ଦର୍ଶାଯାଇଥିଲେ। ଶ୍ରୀମତି ସାହୁ ଆହୁରି ମଧ୍ୟ କହିଥିଲେ ଯେ ଗତକାଲି ରାୟଗଡା ସହରରେ ଜଣେ ଦଳିତ ଯୁବକଙ୍କୁ ଅପହରଣ ପରେ ଗୁଳି କରି ହତ୍ୟା କଲା ପରେ ନାଗାବଳୀ ନଦୀ କୂଳରେ ଫିଙ୍ଗି ସୋରରେ ମହିଳାଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ବୈଠକ ଚାଲିଥିବା ବେଳେ ମହିଳା କନେଷ୍ଟବଳକୁ ଅଟୋ ଡ୍ରାଇଭର ଅପହରଣ କରିବାକୁ ଚେଷ୍ଟା କରିଥିଲେ। ଏହି ରାଜ୍ୟରେ ଆଇନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ । ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ପାଇଁ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଥିଲେ।

**ମାଛକଟା ପନିକିରେ ହାଣି ଗାଡ଼ି ମଡ଼ାଇଦେବା ଘଟଣା**

# କୋର୍ଟରେ ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

ପୁରୀ/କଣାସ, ୧୧।୫ (ସମିସ): କଣାସ ଥାନାଠାରୁ ମାତ୍ର ୫୦୦ ମିଟର ଦୂର ଗୋଲାବଜାର ମାଛ ମାର୍କେଟ୍‌ରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣିବା ସହ ଛାତି ଉପରେ ଗାଡ଼ି ଚଢ଼ାଇଦେବା ଘଟଣାର ମୁଖ୍ୟ ଅଭିଯୁକ୍ତ ଆଜି କୋର୍ଟରେ ଆତ୍ମସମର୍ପଣ କରିଛି। ସେ ହେଲା, କଣାସ ଚାନ୍ଦପଡ଼ାର ସୁଧାଂଶୁ ମହାପାତ୍ର ଓରଫ୍ ହାପି। କୋର୍ଟ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏହି ବର୍ବର କାଣ୍ଡ ଘଟାଇ ହାପି ୯ ଦିନ ହେଲା ଫେରାର୍ ଥିଲା। ପରେ ପୁଲିସ୍ ତାକୁ ଗିରଫ କରିଛି। ସେହିପରି, ହାପିର ଅନ୍ୟ ଜଣେ ସହଯୋଗୀକୁ ପୁଲିସ୍ ରାୟପୁରରୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଦୁଇଜଣଙ୍କୁ ମିଶାଇ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଘଟଣାରେ ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୁଲିସ କହିଛି ଯେ ମାମଲାର ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

**■ ଆଉ ଜଣେ ଅଭିଯୁକ୍ତ ରାୟପୁରରୁ ଗିରଫ**
**■ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି**

# ପିକ୍‌ଅପ୍ ଧକ୍କାରେ ୨ ମୃତ

କୁଚିଣ୍ଡା,୧୧।୫(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ ମହୁଲପାଲି ଥାନା କୁସୁମୀ ପେଟ୍ରୋଲ ପମ୍ପ ପାଖରେ ୩ଜଣ ବାଇକ୍ ଆରୋହୀ ଗୁଦୁଗୁଦା ଜଳପ୍ରପାତ ବୁଲିବାକୁ ଫେରୁଥିବା ବେଳେ ପିକ୍‌ଅପ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଭୋଜପୁର ଅଞ୍ଚଳର ୩ ଜଣ ଯୁବକ ସୋମବାର ଦିନ ପ୍ରାୟ ୧୦ଟାରେ ଗୁଦୁଗୁଦା ଜଳପ୍ରପାତ ବୁଲି ସାରି ବଡ଼ବାହାଲ ଲିଚୁ ବଗିଚାରୁ ଲିଚୁ ଧରି ବାଇକ୍‌ରେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଏକ ପିକଅପ୍ ଭ୍ୟାନ୍ (ଓଡି-୧୫ ଏଏ-୦୧୧୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ଉପରେ ୩ ଜଣ ଯାକ ବାଇକ ଆରୋହୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ଚିନ୍ମୟଙ୍କୁ ମୃତ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଗଗନ ପାତ୍ରଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଶିଶିର ଠାକୁରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ୩ଜଣ ଯାକ ବାଇକ୍ ଆରୋହୀ ଭୋଜପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ମହୁଲପାଲି ପୁଲିସ୍ ଘଟଣାର ତଦନ୍ତ କରୁଛି।




## ଆଜିର ରାଶିଫଳ

**ମେଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ପୁରୁଣା ବନ୍ଧୁଙ୍କ ସହିତ ସାକ୍ଷାତ ହୋଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ବୈବାହିକ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉପଯୁକ୍ତ ସମୟ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆୟ ଓ ବ୍ୟୟ ସମାନ ରହିବ। ଭୁଲ୍ କାମରୁ ଦୂରେଇ ରହିବେ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଦାନ ଧର୍ମ କରିବେ । କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହୋଇପାରେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବା ଭଲ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ନୂତନ ବ୍ୟବସାୟରୁ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ଧନୁ:** ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ଅତିଥି ସତ୍କାର କରିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। କଳାକାରଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ଧନଲାଭ ଯୋଗ ଅଛି। ଯୋଜନା ମୁତାବକ କାମ କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଶଶୁର ଘର ଆମ୍ବଗଛରେ ଜ୍ୱାଇଁର ଝୁଲନ୍ତା ମୃତଦେହ

ବାରିପଦା/ମାଣତ୍ରୀ,୧୧।୫(ସମିସ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଭୁରୁଡିଆ ଗ୍ରାମର ମଙ୍ଗୁଲୁ ଦଳେଇଙ୍କ ଘର ଆମ୍ବଗଛରୁ ତାଙ୍କ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ସୋମବାର ସକାଳେ ଉଦ୍ଧାର କରିଛି। ମୃତକ ହେଲେ, ଉଦଳା ଥାନା ତେଲଦଉଡି ଗ୍ରାମର ସ୍ୱର୍ଗତ ପଣ୍ଡୁ ମଲିକଙ୍କ ପୁଅ ଶ୍ରୀକାନ୍ତ (୩୫)। ୧୪ବର୍ଷ ତଳେ ଶ୍ରୀକାନ୍ତଙ୍କର ମଙ୍ଗୁଲୁଙ୍କ ଝିଅ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ସେ ଆଠ ଦିନ ତଳେ ନିଜର ୪ ସନ୍ତାନ ଓ ପତ୍ନୀଙ୍କ ସହ ଶଶୁରଘରକୁ ଆସି ରହୁଥିଲେ। ରବିବାର ବିଳମ୍ବିତ ରାତିରେ ଘର ନିକଟ ଆମ୍ବଗଛରେ ଦଉଡିରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଝୁଲୁଥିବା ଦେଖି ପରିବାରଲୋକେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ ଓ ପୁଲିସକୁ ଖବର ଦେଇଥିଲେ। ମାଣତ୍ରୀ ଫାଣ୍ଡି ପୁଲିସ ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଜ୍ୱାଇଁ ରାତିରେ ଆତ୍ମହତ୍ୟା କରିଥିବା ଶଶୁର ଘର ଲୋକେ କହୁଥିବା ବେଳେ ପୁଅକୁ ମାରି ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ କହିଛନ୍ତି।


**AFFIDAVIT**

By virtue of an affidavit before the Executive Magistrate, Gaisilet vide no.- 91 dtd. 08.05.2026 I Sushree Mamali Panda, D/o- Jyotikishor Panda residing At/Po./Ps.- Gaisilet, Dist.- Bargarh, Odisha, Pin-768037 state that, I have changed my name from **Mamali Panda** to **Sushree Mamali Panda**. Henceforth I will be known as **Sushree Mamali Panda** for all future purposes.

**AFFIDAVIT**

I, Bimla Debi Tekariwal, W/o: Chetan Kumar Tekariwal, aged about 67 years, resident of Plot No.: 54, Saheed Nagar, Bhubaneswar, Dist.: Khurda, PIN-751007, Odisha, declare by this affidavit No.: 859 dated 11.05.2026 that now onwards I shall be known as **BIMLA DEVI TEKARIWAL** for all future purposes.

**AFFIDAVIT**

By an affidavit before Executive Magistrate Dhamnagar, I Kunja Bihari Jena age 68, S/o late Hadi Bandhu Jena Vill- Lungara, Po-Fatepur, PS- Dhamnagar, Dist-Bhadrak, I declare that my actual name is Kunja Bihari Jena is wrongly, it has been mentioned as Kunju Bihari Jena in Aadhaar Card bearing No. 7655 5342 9851. **Kunja Bihari Jena and Kunju Bihari Jena** is one and same. This affidavit is for Aadhaar correction.

**AFFIDAVIT**

By virtue an affidavit no. 517 sworn before Notary Public, Baripada dtd. 29.04.2026, I Amit Kumar Mohanta S/o- Sukra Mohanta At/Po- Sirisbani, PS-Baripada Sadar, Dist-Mayurbhanj hereby declare that I have changed my name from Amit Mohanta (old name) to Amit Kumar Mohanta (new name). Henceforth, I shall be known as **Amit Kumar Mohanta** for all purposes.

**Amit Kumar Mohante.**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣ ଏବଂ ସମସ୍ତ ବ୍ୟାଙ୍କ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି କି ବାଲେଶ୍ୱର ଜିଲ୍ଲାର ମୌଜା ବେଦପୁର, ବାଟି, ଅଂକୁଳା, କଷବାରେ ଥିବା ଖତିଆନ ନମ୍ବର 71, 32, 120, 146/6, 958, 81,181 ରେ ଥିବା ସମସ୍ତ ଜମିକୁ କିଛି ଲୋକ ବିକ୍ରି ଏବଂ ବ୍ୟାଙ୍କ ମାନଙ୍କରେ ବନ୍ଧକ ରଖିବା ପାଇଁ ଚେଷ୍ଟା କରୁଛନ୍ତି। ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ନାୟକ ଏବଂ ତାଙ୍କର ସ୍ୱର୍ଗତ ଧର୍ମପତ୍ନୀ ରୁକ୍ମଣୀ ନାୟକଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କ ବିନା ଜ୍ଞାତସାରରେ ଯଦି କୌଣସି ବ୍ୟକ୍ତି କିଣିବେ ଏବଂ ଯଦି କୌଣସି ବ୍ୟାଙ୍କ ବନ୍ଧକ ରଖିବେ ତେବେ, ଏହା ବେଆଇନ ଭାବରେ ବିବେଚନା କରାଯିବ ଏବଂ ସମସ୍ତ ଉତ୍ତରାଧିକାରୀ ମାନେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ। କିଣିବା ବ୍ୟକ୍ତି କିମ୍ବା ବ୍ୟାଙ୍କମାନଙ୍କ ନାମରେ ମକଦମା ଚାଲୁ ରଖିବୁ ଏବଂ ସେମାନେ ଦାୟୀ ରହିବେ । ଏହି ବିଜ୍ଞାପନ ଖବରକାଗଜ ଜରିଆରେ ଜଣାଉଅଛୁ । ଇତି ସ୍ୱର୍ଗତ ବାପା, ବୋଉ ଙ୍କ ର ଉତ୍ତରାଧିକାରୀମାନେ।"
ଯୋଗାଯୋଗ ନଂ.:9938638599, 9937588832,7008944581

**COURT NOTICE**

**IN THE FAMILY COURT OF PRINCIPAL JUDGE, BOKARO (JHARKHAND)**
**ORIGINAL SUIT NO.-38/2026**

**VISHWAJIT PAUL -------Petitioner**
**Vrs.**
**UMA KUMARI@UMA PAUL & OTHER ----- Respondent**

Summons To:-
Bishwajit Jena
S/o Tarapado Jena
R/o Shiv Mandir,
Near- Panchlingeshwar Temple Road,
P.o.- Nilgiri, Dist.- Balasore,
Odisha, Pin-756040

Whereas the Petitioner has filed above Original Suit against you U/S-10 JUDICIAL SEPARATION of HINDU MARRIAGE ACT, 1955 for the issuing summons through Nazar at as well as Regd./Speed Post you failed to appear before this court.You are therefore summoned through this notice to appear in my court on 02.06.2026 at 07.00 A.M. personally or through Advocate, if any in failure of your appearance the case will proceed ex-parte.Given under my Seal & Signature on this 7th day of May 2026.

**Principal Judge, Family Court, Bokaro**

Memo No.172 Dt. 07.05.2026 Forwarded to the Editor, "THE SAKALA" Daily Newspaper, Odisha Edition for publication on the cost of the bearer.

**PRINCIPAL JUDGE, FAMILY COURT, BOKARO**

**OFFICE OF MUNICIPAL COUNCIL : SUNABEDA**

NO. 3056 / DATE 08/05/26 — 13001/450/2627

**Auction Cell NOTICE**

Sealed Auction cell notice are invited from the eligible applicants under Sunabeda Municipality for allotment of stalls which are vacant in different market complex of Sunabeda Municipality. The detail stall list, eligibility criteria and term and condition of auction cell notice with Paper cost, Application form will be available in office website i.e www.sunabedamunicipality.in for download and wide publication. The auction cell notice will be open as mentioned below date & time in the presence of applicant or their authorized representative & selection committee members.

| SL No | Description | Available period | Receiving date | Opening date |
|---|---|---|---|---|
| 1 | Auction cell notice for allotment of stalls of Sunabeda Municipality. | 09.05.2026 at 10.00 A.M to 18.05.2026 up to 5.00 P.M | 19.05.2026 up to 11.00 A.M | 19.05.2026 at 12.00 P.M |

OIPR-13001/13076/1/26-27/0005 — **Executive Officer, Sunabeda Municipality**

**OFFICE OF THE NOTIFIED AREA COUNCIL, KODALA, GANJAM** — 13001/432/2627

Phone No:-06810-268335
E-mail Id:- nackodala@gmail.com
Letter No. 1148 Dated: 01/05/26

**SHORT TENDER CALL NOTICE**

Sealed tenders in conformity with detailed Tender Call Notice to be eventually drawn in Municipal Form No.VIII are hereby invited by the undersigned in percentage rate basis from the registered Contractors including Municipal contractors for execution of the works as detailed below. Tender documents consisting of plans, specification, schedule of quantities and the set of terms and condition of the contract and other necessary documents can be had from the Office of the undersigned on payment of cost of tender documents (Non-refundable) as specified below on any working days during office hour. The sale of tender papers will start from 06.05.2026 and close on 20/05/2026 at 11.00 A.M. The Tender documents duly filled in along with requisite documents will be received up to 1.00 P.M. on Dt.20.05.2026 in the Tender Box kept in the Office of the undersigned which will be opened at 11.00 A.M onwards on dt.21.05.2026 in presence of the Bidders or their authorized agents if they attend the Office in the schedule date and time of opening of Tender. Earnest money @1% of the estimated cost is to be deposited by the Tenderers in shape of TDR /KVP/NSC duly pledged to the Executive Officer, Kodala NAC and the TDR /KVP/NSCs/MR (Money receipt) are to be submitted along with Tender Paper. The authority have every rights to reject any or all tenders without assigning any reason thereof.

| Sl. No | Name of the Work | Estimate Cost | Cost of Tender Paper | EMD to be Deposited | Time of Completion |
|---|---|---|---|---|---|
| 1 | Construction of east side compound wall at nikhila odisha banayat odia samaj in ward no-10 under kodala nac | ₹1,68,362.69 | ₹600.00 | 60 days | C&D |
| 2 | Construction of back side compound wall from east side at nikhila odisha banayat odia samaj in ward no-10 under kodala nac | ₹1,69,478.26 | ₹600.00 | 60 days | C&D |
| 3 | Construction by paver pathway with supplying, fitting and fixing of gi gate at north side compound wall at nikhila odisha banayat odia samaj in ward no-10 under kodala nac | ₹1,68,417.69 | ₹600.00 | 60 days | C&D |
| 4 | Supplying and laying of moorum at nikhila odisha banayat odia samaj in ward no-10 under kodala nac | ₹1,69,262.15 | ₹600.00 | 60 days | C&D |
| 5 | Construction of back side compound wall from west side at nikhila odisha banayat odia samaj in ward no-10 under kodala nac | ₹1,69,109.35 | ₹600.00 | 60 days | C&D |
| 6 | Construction of volley pitch at kalinga sporting club in ward no-10 under kodala nac | ₹1,69,216.48 | ₹600.00 | 60 days | C&D |
| 7 | Construction of right side compound wall and gi grill at kalinga sporting club in ward no-10 under kodala nac | ₹1,68,930.96 | ₹600.00 | 60 days | C&D |
| 8 | Construction of back side compound wall at kalinga sporting club in ward no-10 under kodala nac | ₹1,69,276.76 | ₹600.00 | 60 days | C&D |
| 9 | Construction of north side compound wall at nikhila odisha banayat odia samaj in ward no-10 under kodala nac | ₹1,69,410.00 | ₹600.00 | 60 days | C&D |
| 10 | Construction of front compound wall and gi grill at kalinga sporting club in ward no-10 under kodala nac | ₹1,69,088.69 | ₹600.00 | 60 days | C&D |
| 11 | Construction of pindi for statue near hanuman temple at b. Nuapalli in ward no-01 under kodala nac | ₹1,69,356.13 | ₹600.00 | 60 days | C&D |
| 12 | Construction of pindi for statue near phd office at in ward no-03 under kodala nac | ₹1,69,356.13 | ₹600.00 | 60 days | C&D |
| 13 | Construction of pindi for statue near dandeswara temple in ward no-03 under kodala nac | ₹1,69,356.13 | ₹600.00 | 60 days | C&D |
| 14 | Construction of compound wall back side of hanuman temple at b. Nuapalli in ward no-01 under kodala nac | ₹1,69,344.35 | ₹600.00 | 60 days | C&D |
| 15 | Construction of side compound wall of hanuman temple at b. Nuapalli in ward no-01 under kodala nac | ₹1,69,344.35 | ₹600.00 | 60 days | C&D |

**Chairperson, N.A.C. Kodala (Gm.)** — OIPR-13001/13203/1/26-27/0003 — **Executive Officer, NAC, Kodala**

**କଟକ ଉନ୍ନୟନ କର୍ତ୍ତୃପକ୍ଷ** — 13001/426/2627
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ରେ ପ୍ଲଟ୍ ନଂ-B/1462 ଟିକୁ ଡ଼କ୍ଟର ଚିତ୍ତରଞ୍ଜନ ପଣ୍ଡା, ପିତା- ଶ୍ରୀ ଦାଶରଥି ପଣ୍ଡା, ସା- ୪୧୧, କୃଷ୍ଣା ଆର୍କେଡ୍, ଦୋଳମୁଣ୍ଡାଇ, ବକ୍ସିବଜାର ରୋଡ୍, ପୋ- ବକ୍ସି ବଜାର, ଥା-ମଙ୍ଗଳାବାଗ, ଜିଲ୍ଲା-କଟକ, ରାଜ୍ୟ- ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଡ଼କ୍ଟର ଚିତ୍ତରଞ୍ଜନ ପଣ୍ଡା ଉକ୍ତ ପ୍ଲଟ୍ ସହିତ ଗୃହ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରଦୀପ୍ତ କୁମାର ପ୍ରଧାନ, ପିତା- ସ୍ୱର୍ଗତ ଭଜ କୃଷ୍ଣ ପ୍ରଧାନ, ସା- ମହାନ୍ତିପଡ଼ା, ପୋ- ଚାନ୍ଦିନୀଚୌକ, ଥା- ଲାଲବାଗ, ଜିଲ୍ଲା- କଟକ, ରାଜ୍ୟ- ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

OIPR-13001/13037/1/26-27/0024

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଗଜପତି** — 27001/55/2627

**DISTRICT PROJECT OFFICE, SAMAGRA SHIKSHA GAJAPATI**

No. 1148 / Fin/26 Dated 07/05/2026

**Tender Call Notice**

Sealed tenders are invited from interested reputed Travel Agencies/Tour Operators/Private Individuals having GST registration & GeM registration for providing one hiring vehicle having sitting capacity not more than five including driver shall conform to the terms and conditions available in the website www.gajapati.odisha.gov.in /spd.opepa@nic.in & submit the same to the District Education Officer-cum-DPC, Samagra Shiksha, At-Betaguda, Via-Jhami, Paralakhemundi, Gajapati through Registered/Speed post only on or before 29/05/2026 by 12:30 PM. Tender papers received after due date and time shall not be considered for evaluation of quotation.

Collector-cum-chairman, SS, Gajapati reserves the right to accept or reject any or all quotations in full or part without assigning any reason thereof, no intimation will be given to the bidders.

OIPR-27001/27116/1/26-27/0002 — **Collector-cum-Chairman, Samagra Shiksha, Gajapati**

13001/421/2627

**OFFICE OF THE MUNICIPAL COUNCIL, SONEPUR**

TENDER CALL NOTICE NO. 1153 Date- 01.05.2026

1.0 Sonepur Municipality invites online tender from experienced, competent and eligible Bidders in two packet system for work Under Jurisdiction of Sonepur Municipality" as scheduled under:

**Name of the works:**
1: Installation and Implementation of IT Enabled Day Night Illuminated LED Acrylic Digital Graphics including Design, Technological Beautification of an Open Space with a Clock tower, on Engineering, Procurement & Construction (EPC) Mode Contract.

**Cost of DTCN: 6000/-** (Non-Refundable) only Demand Draft from any Nationalized bank of India in favor of Executive Officer Sonepur Municipality.

**DQCN available from: 02.05.2026.**

Last Date of receipt of DQCN: 11.05.2026 Up to 5.00 P.M (The bid is to be submitted in 2 packets. Packet 1 should contain the technical proposal and required documents; Packet 2 should contain the Financial Bid). Bid submit on Online /OFF Line.

**Date of opening OF Technical Bid:** 12.05.2026 at 11.30 A.M
**Opening of Financial bid document:** To be Intimated Latter
The DTCN may also be downloaded from the website:-
WWW.subarnapur.nic.in/WWW.sonepurmunicipality.in

**Each Tender should be accompanied with:**
(I) Applicable EMD as 1% of quoted value. in shape of NSC, FD etc except Money receipt.
(ii) Attested photo copies of PAN cards.
(iii) Attested photo copies of GST Clearance Certificate.

OIPR-13001/13098/1/26-27/0005 — **Executive Officer, Sonepur Municipality**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ** — 13001/440/2627

**OFFICE OF THE NOTIFIED AREA COUNCIL, REDHAKHOL (ODISHA), DIST- SAMBALPUR**

E-mail:- eonacrdl@gmail.com

**'e' Procurement Notice**

No. 1664 / NAC Dt. 04.05.2026
Bid identification No. RDL NAC-2/2026-27
Tender ID- 2026_ORULB_

The Municipal Executive Officer on behalf of NAC Redhakhol invites tenders in Single Cover System. Bid documents consisting of specification of the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e.https://tendersodisha.gov.in

1. Number of Civil works/Others : (02) numbers
2. Estimated Costs : 3.90 lakh to 10.04 lakhs
3. Period of completion : As per NIT
4. Date and time of availability of the bid documents in the portal : From 10.00 A.M. of 06.05.2026 to 05.00 PM of 15.05.2026
5. Last Date/ Time for receipt of bids in the portal : 05.00 PM of 15.05.2026
6. Bids will be opened on : 10.00 AM of Dt.18.05.2026
7. Name and address of the officer inviting bid : Executive Officer, NAC Redhakhol

OIPR-13001/13175/1/26-27/0003 — **Sd/- Executive Officer, NAC Redhakhol**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବରଗଡ**
**(ଅବକାରୀ ବିଭାଗ)**

ପତ୍ର ସଂଖ୍ୟା. ୬୫୭/ଅ. ତା. ୦୮.୦୫.୨୦୨୬

ବରଗଡ ଜିଲ୍ଲାର ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୬-୨୭ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି ।

ବରଗଡ ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ୨୨ (ବାଇଶ) ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଲଟେରୀରେ ଭାଗନେବା ନିମନ୍ତେ ଇଛୁକ ବ୍ୟକ୍ତି http://stateexcise.odisha.gov.in ୱେବସାଇଟ ରେ ଉପଲବ୍ଧ Form 'B' ଅନଲାଇନ ମାଧ୍ୟମରେ ତା. ୦୮.୦୫.୨୦୨୬ ରିଖ ରୁ ୨୧.୦୫.୨୦୨୬ ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଆବେଦନ କରିପାରିବେ । ଉପରୋକ୍ତ ଦୋକାନଗୁଡିକ ତା. ୨୬.୦୫.୨୦୨୬ ରିଖ ସକାଳ ୯.୦୦ ଘ. ପରଠାରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼ (DRDA, Conference Hall, Bargarh) ଠାରେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ଉଠାଣ କରାଯିବ ।

ଦୋକାନଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରୀର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

ବି.ଦ୍ର. - ସେବା ପାଇଁ ଟୋଲ ଫ୍ରି ନମ୍ବର, ୧୫୫୩୩୫ / ୧୮୦୦ ୩୪୫୬୭୦ ।

ସେବା ସମୟ ସମସ୍ତ ସରକାରୀ କାର୍ଯ୍ୟଦିବସ ସକାଳ ୧୦.୦୦ ଘଟିକାଠାରୁ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ ।

**ସ୍ୱା/- ଜିଲ୍ଲାପାଳ, ବରଗଡ଼**

# ଯୋଡ଼ା ପୌରାଞ୍ଚଳରେ ପଶିଲା ଗୋଠଛଡ଼ା ଦନ୍ତା

ଯୋଡ଼ା, ୧୧।୫(ସମିସ): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଯୋଡ଼ା ପୌରାଞ୍ଚଳରେ ହାତୀ ଆସିବା ନେଇ ଲୋକ ଭୟଭୀତ ହେବା ଜଣାପଡ଼ିଛି। ଗତକାଲି ସନ୍ଧ୍ୟା ସମୟରେ ଯୋଡ଼ା ପୌରାଞ୍ଚଳର ୧୪ ନଂ ୱାର୍ଡ ଦଲପାହାଡ଼ ବସ୍ତି ଅଞ୍ଚଳକୁ ଏକ ଗୋଠ ଛଡ଼ା ଦନ୍ତା ହାତୀ ପଶି ଆସିଥିଲା। ବସ୍ତିର କିଛି ଲୋକେ ହାତୀ ପଶି ଆସୁଥିବା ଦେଖି ପାଟିକରି ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ଗୋଠ ଛଡ଼ା ଦନ୍ତା ଗୋଟିଏ ଘର ଭାଙ୍ଗି ଅଧିଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ତାଣ୍ଡବ ରଚାଇଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅଧିକ କ୍ଷତି କରିବା ପୂର୍ବରୁ ଗୋଠଛଡ଼ା ଦନ୍ତା ହାତୀକୁ ନିକଟସ୍ଥ ଖଣ୍ଡବନ୍ଧ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ। ବନ ବିଭାଗ ହାତୀଟିର ଗତିବିଧି ଉପରେ ନଜର ରଖିଛି। ଦନ୍ତାଟି ଖାଦ୍ୟ ଅନ୍ୱେଷଣରେ ବସ୍ତି ଭିତରକୁ ପଶି ଆସିଥିବା କୁହାଯାଉଛି। ନିକଟରେ ଦନ୍ତାର ଉପସ୍ଥିତି ଯୋଗୁଁ ବସ୍ତି ବାସିନ୍ଦା ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ବସ୍ ସହ ଟ୍ରେଲର ଧକ୍କା; ଯାତ୍ରୀ ସୁରକ୍ଷିତ

ଯୋଡ଼ା, ୧୧।୫(ସମିସ): ଯୋଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ କଳାପାହାଡ଼ ନିକଟରେ ଯାତ୍ରୀବାହୀ ବସ୍ ସହ ଏକ ଟ୍ରେଲର ଧକ୍କା ଦେଇଥିବାବେଳେ ଭାଗ୍ୟବଶତଃ ବସ୍ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଆଜି ବଡି ଭୋର୍ ସମୟରେ ଭୁବନେଶ୍ୱରରୁ ଯୋଡ଼ା ଅଭିମୁଖେ ଫେରୁଥିବା ଅନିମା ନାମକ ନାଇଟ୍ କୋଚ୍‌କୁ ସାମ୍ନା ପଟୁ ଆସୁଥିବା ଏକ ଟ୍ରେଲର କଳାପାହାଡ଼ ମୋଡରେ କାଟିବା ବେଳେ ଧକ୍କା ହୋଇଥିଲା। ବସ୍‌ର ପଛ ଭାଗରେ ଟ୍ରେଲର ପିଟିବା କାରଣରୁ ଡାହାଣ ପଟ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସମୟରେ ବସ୍‌ରେ ୭ରୁ ୮ ଜଣ ଯାତ୍ରୀ ଥିଲେ। ସୌଭାଗ୍ୟବଶତଃ କୌଣସି ଯାତ୍ରୀଙ୍କ ଦୁର୍ଘଟଣାରେ କିଛି କ୍ଷତି ହୋଇନାହିଁ। ଖବର ପାଇ ଯୋଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମହୁଲିମଦ ଓ ପୋଚ ଜବତ; ୩ ଗିରଫ



ହାଟଡ଼ିହୀ,୧୧।୫(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଯରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି, ବୀଣାପାଟିଆ, ଆମ୍ବନାଳିଆ, ଡେଙ୍ଗାଡୁଆ ଆଦି ଅଞ୍ଚଳରେ ଚଢ଼ଉ କରିଛନ୍ତି। ୨୮ ୩ଲିଟର ଦେଶୀ ରନ୍ଧା ମହୁଲି ମଦ ଓ ୨୭ ଶହ ଲିଟର ମହୁଲ ପୋଚ ଜବତ କରିବା ସହ ଉକ୍ତ ଗ୍ରାମର ପାନ ମୁର୍ମୁ, ଫୁଲମଣି ପୂର୍ତ୍ତି ଓ ରୁକ୍ମଣୀ ମୁର୍ମୁଙ୍କୁ ଗିରଫ କରାଯାଇଛି। ଅବକାରୀ ପୁଲିସ କ୍ଷ ହାଟଡିହୀ ଅବକାରୀ ଥାନା ପକ୍ଷରୁ ୩ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ।

# ବୀରଗୋବିନ୍ଦପୁରରୁ ଜବରଦଖଲ ଉଚ୍ଛେଦ ଦାବି




ଆନନ୍ଦପୁର, ୧୧।୫ (ସମିସ): ଘସିପୁରା ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ଜବରଦଖଲ ଉଚ୍ଛେଦ ପାଇଁ ଏକ ଦାବିପତ୍ର ଘସିପୁରା ତହସିଲଦାର ଓ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ବୀରଗୋବିନ୍ଦପୁର ଗ୍ରାମପଞ୍ଚାୟତକୁ ଯାଇଥିବା ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଲୋକମାନେ ଜବର ଦଖଲ କରିଛନ୍ତି। ଯାହାଫଳରେ ନୂତନ ରାସ୍ତା ନିର୍ମାଣ ହୋଇପାରୁନାହିଁ। ପୂର୍ବରୁ ସମସ୍ତ ଗ୍ରାମବାସୀ ଜାଗା ଛାଡ଼ିବାକୁ ରାଜି ହୋଇଥିବା ବେଳେ ଜଣେ ବ୍ୟକ୍ତି ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ଏହାକୁ ବିରୋଧ କରୁଥିବା ଅଭିଯୋଗ ହୋଇଛି। ଆଜି ଗ୍ରାମର ମହିଳାମାନେ ଘସିପୁରା ତହସିଲଦାର ଅଭୟ ସ୍ୱାଇଁଙ୍କୁ ଭେଟି ଉଛେଦ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ ଶୀଘ୍ର ଜବରଦଖଲ ଉଚ୍ଛେଦ ହେବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ନେଇ ସରପଞ୍ଚ ଦିଲ୍ଲୀପ କୁମାର ମାଝୀ କହିଛନ୍ତି।

# ବୁଢ଼ିଗଲାଣି ଆଖୁଚାଷ; ଛତିଶଗଡ଼ ଆଖୁରେ ମେଣ୍ଟୁଛି ଶୋଷ

ଆନନ୍ଦପୁର, ୧୧।୫ (ସମିସ)




**ଚାଷଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ**

ଏକଦା ଆନନ୍ଦପୁର ଉପଖଣ୍ଡ ଆଖୁଚାଷ ପାଇଁ ପ୍ରସିଦ୍ଧ ଥିଲା। ଏଠାକାର ଗୁଡ଼ ସାରା ରାଜ୍ୟକୁ ଯାଉଥିଲା। ତେବେ ପ୍ରୋତ୍ସାହନ ଅଭାବରୁ ଆନନ୍ଦପୁର ଉପଖଣ୍ଡରେ ଆଖୁ ଚାଷ ବୁଢ଼ିଯାଇଛି। ଏବେ ଆଖୁ ରସ ପିଇବା ପାଇଁ ଛତିଶଗଡ଼ ଉପରେ ନିର୍ଭର କରିବାକୁ ପଡୁଛି। ବିଶେଷକରି ପ୍ରଳୟଙ୍କାରୀ ୧୯୯୯ ମହାବାତ୍ୟା ମଧ୍ୟ ଅନେକ ଚାଷଜମିକୁ ନଷ୍ଟ କରିଦେବାରୁ ଚାଷ ଉପରେ ଏହାର ପ୍ରଭାବ ପଡିଛି।

ଆନନ୍ଦପୁର ଉପଖଣ୍ଡର ବେଲବାହାଳି ଗ୍ରାମରେ ଘରେଘରେ ଆଖୁ ଚାଷ ହେଉଥିଲା। ଏଠାକାର ଗୁଡ଼ର ମଧ୍ୟ ଚାହିଦା ରହିଥିଲା। ତେବେ ମହାବାତ୍ୟା ସବୁ ଉଜୁଡ଼ାଇ ଦେଇଥିଲା ବୋଲି ସ୍ଥାନୀୟ ବାସିନ୍ଦା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଭାକର ସାହୁ କହିଛନ୍ତି। ବେଲବାହାଳିରେ ଆଖୁଚାଷ ଏକପ୍ରକାର ବନ୍ଦ ହୋଇଯାଇଛି। ବାରିଗାଁରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କେବଳ ଡିହସାହି ଓ ଟୋଲଙ୍କପଡାରେ କିଛି ଜମିରେ ଆଖୁ ଚାଷ କରାଯାଇଛି। ଘସିପୁରା ବ୍ଲକ ପଦନପୁର ଝାଡ଼େଶ୍ୱର ନନ୍ଦି, କେଦାର ନନ୍ଦି, ଗେଟୁ ସାହୁ, ଅକ୍ଷୟ ମୁଦୁଲି, ପକ୍ଷୀ ମୁଦୁଲି, ଭୀମସେନ ପୃଷ୍ଟି, ଅନାମ ଚରଣ ସାହୁ, ନିର୍ମଳ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ହାଡିବନ୍ଧୁ ପୁହାଣ, ଗୌରହରି ସାହୁ ପ୍ରମୁଖ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଚଳିତବର୍ଷ ଆଖୁଚାଷ କରିଥିଲେ। ତେବେ ୧୫ ଦିନ ପୂର୍ବରୁ ସବୁ ଆଖୁ ଶେଷ ହୋଇ ନୂଆ ଆଖୁ ଚାଷ ଆରମ୍ଭ ହେଲାଣି। ଚଳିତବର୍ଷ ଆଖୁଖଣ୍ଡ ବେପାରୀଙ୍କୁ ୧୨ରୁ ୧୫ଟଙ୍କାରେ ବିକ୍ରି ହୋଇଥିବାବେଳେ ବଜାରରେ ୨୦ ଟଙ୍କାରେ ମିଳୁଥିଲା। ଏବେ କିନ୍ତୁ ବଜାରରୁ ଆଖୁ ଏକପ୍ରକାର ଉଭାନ ହୋଇଯାଇଛି। ଫଳରେ ଘସିପୁରା, ଆନନ୍ଦପୁର ବଜାରରେ ଆଖୁରସ ବିକ୍ରି କରୁଥିବା ବ୍ୟବସାୟୀମାନେ ଚଢ଼ା ଦାମରେ ଛତିଶଗଡ଼ ଆଖୁ କିଣୁଛନ୍ତି। ଘସିପୁରା କାର୍ତ୍ତିକେଶ୍ୱର ବଜାରରେ ଆଖୁରସ ବିକ୍ରି କରୁଥିବା ଉବଭୁତି ସାହୁ କହିଛନ୍ତି, ଏବେ ବାହାରୁ ଆସୁଥିବା ୨୦ ଟିକିଆ ଆଖୁବିଡା ୮ଶହ ଟଙ୍କାରେ ମିଳୁଛି। ତେବେ ଆଗରୁ ଯେମିତି ଗ୍ଲାସ୍ ୨୦ ଟଙ୍କାରେ ବିକ୍ରି ହେଉଥିଲା ଏବେବି ସେମିତି ବିକ୍ରି ହେଉଛି। ଫଳରେ ବ୍ୟବସାୟରେ ବିଶେଷ ଲାଭ ହେଉନାହିଁ। ଏପଟେ ଆନନ୍ଦପୁରରେ ଆଖୁର ଚାହିଦା ରହିଥିଲେ ମଧ୍ୟ ଚାଷପ୍ରତି କୌଣସି ପ୍ରୋତ୍ସାହନ ନଥିବା ନେଇ ଟୋଲଙ୍କପଡାର ଧରଣୀଧର ମହାରଣା, ରମି ସାହୁ, ରଞ୍ଜନ ସାହୁ, ଚଗଲା ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

# କରଞ୍ଜିଆ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ତଦାରଖ



**'ସକାଳ' ପ୍ରଭାବ**

**▸▸ କାମ ସଠିକ ଢଙ୍ଗରେ କରିବାକୁ ନିର୍ଦ୍ଦେଶ**

**▸▸ ଆକ୍ସନ ମୁଡ୍‌ରେ ଚମ୍ପୁଆ ବିଡିଓ**

ଚମ୍ପୁଆ, ୧୧।୫(ସମିସ): ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ନିମ୍ନମାନର କରାଯାଉଥିବାକୁ ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ କାର୍ଯ୍ୟର ତଦାରଖ କରିବା ସହିତ ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କୁ ନିର୍ଦ୍ଧାରିତ ମାନଦଣ୍ଡରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କରଞ୍ଜିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୫ମ ଏସଏଫସି ଆର୍ଥିକ ବର୍ଷ ୨୦୨୫-୨୬ରେ ଚମ୍ପୁଆ ପଞ୍ଚାୟତସମିତି ଦ୍ୱାରା ୧୦ ଲକ୍ଷ ବ୍ୟୟ ଅଟକଳରେ ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର ନିର୍ମାଣ କରାଯାଉଥିଲା। ମାତ୍ର କରାଯାଉଥିବା କାର୍ଯ୍ୟ ନିମ୍ନମାନର କରାଯାଉଥିବା ତଥା ଢଳେଇ ପରିବର୍ତ୍ତେ ମେଟାଲ ବିଛାଇ ସିମେଣ୍ଟ ମସଲା କରାଯାଉଥିବା ଏବଂ ପିଲରଗୁଡିକ ଠିକ ଭାବରେ କରାଯାଉ ନଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏପରିକି କାର୍ଯ୍ୟ ସମୟରେ ବିଭାଗିୟ ଯନ୍ତ୍ରୀ କୌଣସି କାର୍ଯ୍ୟ ସମୟରେ ଉପସ୍ଥିତ ରହୁ ନଥିବା ଅଭିଯୋଗ ହେଉଛି। ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଏବଂ କାମ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବାର ନିୟମ ରହିଥିଲେ ହେଁ କାର୍ଯ୍ୟ ଅଧା ପରେ ତଥା ଅଭିଯୋଗ ପରେ ତରବରିଆ ଭାବରେ ସୂଚନା ଫଳକ ଲଗାଯାଉଛି। ଅନ୍ୟପକ୍ଷରେ କିଛିଦିନ ତଳେ ଉକ୍ତ ପଞ୍ଚାୟତର ସରପଞ୍ଚ ସୁପ୍ରିୟା ମୁଣ୍ଡା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ଅଣଦେଖା ଅଭିଯୋଗ କରି ନିଜ ପଦରୁ ଇସ୍ତଫା ଦେବାକୁ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଖବର ପ୍ରକାଶ ପରେ ବିଡିଓ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହିତ ଆଜି ଆକ୍ସନ ମୁଡରେ ବିଡିଓ ଶ୍ରୀ ସାହୁ କରଞ୍ଜିଆ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଉକ୍ତ ନିମ୍ନମାନର କାର୍ଯ୍ୟ ଦେଖି ତାଗିଦ କଲେ କନିଷ୍ଟ ଯନ୍ତ୍ରୀଙ୍କୁ। ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିବା ସହିତ ଠିକାଦାରକୁ ପଚାରିବାରୁ ଏହା ମିସ୍ତ୍ରିଙ୍କ ଭୁଲ ବୋଲି ଠିକାଦାର କହିଥିଲେ। ତୁରନ୍ତ କାର୍ଯ୍ୟଟିକୁ ଠିକ ଭାବରେ କର ନହେଲେ ମୂଳରୁ ଭାଙ୍ଗି ପୁଣି ଥରେ କରିବ ବୋଲି ତାଗିଦ କରିଥିବା ଜଣାପଡ଼ିଛି।

# ଏନ୍‌ଏସ୍ ପୁଲିସ ହାଇସ୍କୁଲ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର, ୧୧।୫(ସମିସ): କେନ୍ଦୁଝର ଏନ୍‌ଏସ୍ ପୁଲିସ ହାଇସ୍କୁଲ ତରଫରୁ ବିଦ୍ୟାଳୟର ଗୌରବ ବଢାଇଥିବା ୫ ଜଣ ଏ-୧ ଏବଂ ୯ ଜଣ ଏ-୨ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷା ବର୍ଷରେ ବିଦ୍ୟାଳୟରୁ ମୋଟ ୧୫୮ ଜଣ ଛାତ୍ରଛାତ୍ରୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇ ସମସ୍ତେ ପାସ୍ କରି ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବେଲା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସଦର ବ୍ଲକ୍ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ଦେଇ, ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ରାଉତ, ଦ୍ୱାରିକାନାଥ ସାହୁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି ଶିବକୁମାର ରାଠୋର, ପୁରାତନ ଛାତ୍ର ତଥା କୃଷି ବୈଜ୍ଞାନିକ ରଞ୍ଜନ କୁମାର ମହାନ୍ତ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଗୁରୁଦେବ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ-୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଆଶିଷ ମହାନ୍ତ, ସୁପ୍ରିୟା ଶୀଟ୍, ବିନୀତ କୁମାର ବିଶ୍ୱାଳ, ସୋମ୍ୟରଞ୍ଜନ ସାହୁ, ଓମ୍‌ପ୍ରକାଶ ମହାନ୍ତ ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ଏ-୨ରେ ଉତ୍ତୀର୍ଣ୍ଣ ବିଶ୍ୱଜିତ୍ ସାହୁ, ଏକଲବ୍ୟ ମହାନ୍ତ, ରିତେଶ୍ କୁମାର ସାହୁ, ଜ୍ଞାନେଶ୍ୱରୀ ମହାନ୍ତ, ତୁଷାରକାନ୍ତ ସାହୁ, ଗୋକୁଳାନନ୍ଦ ମହାନ୍ତ, ସୁରଜ ନାଏକ, ଅନିଲ କୁମାର ନାଏକ, ଅଭିଜ୍ଞାନ ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଏନ୍‌ସିସି ଅଫିସର ବିଜୟ ବେହେରା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ କମଳ ଲୋଚନ ପ୍ରଧାନ, ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, କଳାବତୀ ଦେହୁରୀ, ଯାତ୍ରୀ ମହାନ୍ତ, ଭାଗ୍ୟଶ୍ରୀ ମହାନ୍ତ, ଜୁନିଅର୍ ଆସିଷ୍ଟାଣ୍ଟ ସତ୍ୟନାରାୟଣ ମଲ୍ଲିକ, ଶିକ୍ଷା କର୍ମଚାରୀ ଯୋଗେଶ୍ୱର କବାଟ, ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ସହଯୋଗ କରିଥିଲେ।

# ଯୋଡ଼ା ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି



ଯୋଡ଼ା, ୧୧।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭାଗୃହଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ଧନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋରଚନ୍ଦ୍ର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡେନିଷ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଯୋଡା ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ମୋଟ ୬୮ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ପାନୀୟଜଳ ଯୋଗାଣ, ବିଦ୍ୟାଳୟର ପାଚେରି ନିର୍ମାଣ, ଟ୍ରକ ମାଲିକ ସଙ୍ଘର ସମସ୍ୟା, ଟାଟା ଦ୍ୱାରା ପରିଚାଳିତ ଆରବିସି ହୋଷ୍ଟେଲ ବନ୍ଦ ନ କରିବା, ଜଙ୍ଗଲ ଜମି ପଟ୍ଟା ସମସ୍ୟା ନେଇ ଅଭିଯୋଗ ମାନ ଆସିଥିଲା।

# ଜିଲ୍ଲା କଳାକାର ସଙ୍ଘ ପକ୍ଷରୁ କେନ୍ଦୁଝର ଉତ୍ସବ





କେନ୍ଦୁଝର,୧୧।୫(ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କେନ୍ଦୁଝର ଉତ୍ସବ ୨୦୨୬ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା କଳାକାର ସଂଘ ଓ କେନ୍ଦୁଝର ଜିଲ୍ଲା ଆମେଚର ତାଇକୋଣ୍ଡ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା। କେନ୍ଦୁଝର ଜିଲ୍ଲା କଳାକାର ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କେନ୍ଦୁଝର ଆମେଚର ତାଇକୋଣ୍ଡ ସଂଘର ସଭାପତି ପ୍ରଦୀପ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସିଟିଜି ଗ୍ରୁପର ଅଧ୍ୟକ୍ଷ ରୋଟାରୀଆନ ଡଃ ରାଜେନ୍ଦ୍ର କୁମାର ପଲେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ସଂଘକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ସମ୍ପାଦକ ନିର୍ମଳଚନ୍ଦ୍ର ନାୟକ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ ଓ ସଂଘର ଯୁଗ୍ମ ସମ୍ପାଦିକା ମାନସୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଭାବେ ଟଙ୍କଧର ନାଏକ, ଚୁମୁକି ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୋଣ୍ଡ ପାରମ୍ପରିକ ଖଣ୍ଡା ନୃତ୍ୟ ସଙ୍ଗୀତ ଗୁରୁ ଅର୍ଜୁନ ଚରଣ ନାୟକ, ନୃତ୍ୟ ଗୁରୁଶ୍ରୀ ଗୁରୁ ଦାସ, କଣ୍ଢେଇ ନୃତ୍ୟ ଗୁରୁ ହରିଶଚନ୍ଦ୍ର ଓରାମ, ଶିଶୁ ସହିତ୍ୟିକ କରୁଣାକର ବାରିକ, ସମାଜସେବା ପାଇଁ ପୁଷ୍ପହାସ ପଟ୍ଟନାୟକ, ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହରେକୃଷ୍ଣ ବେଜ, ସ୍ୱେଚ୍ଛାକୃତ ସମାଜସେବା ପାଇଁ ରମେଶଚନ୍ଦ୍ର ଜେନା, ଶିକ୍ଷାବିତ ପ୍ରଣବ ରାଉତରାୟ, କବୟିତ୍ରୀ ସନ୍ତୋଷିନୀ ଦାଶ, ବରିଷ୍ଠ ସାମ୍ବାଦିକ ଦେବାଶିଷ ମିଶ୍ର ଓ ଯୁବ ସାମ୍ବାଦିକ ବିଜୟ କୁମାର ମିଶ୍ର, ଆନ୍ତର୍ଜାତିକ କ୍ରୀଡାବିତ ଓ ପ୍ରଶିକ୍ଷିକ ଦିଗବିଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପାର୍ଥସାରଥୀ ସାହୁ, ଦେବରାଜ ସାହୁ, ରିଧୂମା ଲାୟକ, ସ୍ଥିତିପ୍ରଜ୍ଞା ଗିରି, ପୁଷ୍ପିତା ବାରିକ, ଆସ୍ଥାମଣି ମାଝୀ, ଶ୍ରେୟାଶ୍ରୀ ଦାସ, କ୍ରୀତିକାବ୍ୟା ଦାସ, ମନୋଜ ପାତ୍ର, ଅମ୍ବିତ ହାଁସଦା, ମାନସ ବାରିକ, ଏମଡି ସକିଲ ଓ ଜିତେନ୍ଦ୍ର ଓରାମ ପ୍ରମୁଖ ସହଯୋଗ କରିଥିଲେ।

# ଆନନ୍ଦପୁର କଲେଜ ନୂତନ ହଷ୍ଟେଲ ଉଦ୍‌ଘାଟିତ

ଆନନ୍ଦପୁର, ୧୧।୫ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ଆଇଟିଡିଏ ଦ୍ୱାରା ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ କମ୍ପୋଜିଟ ଅର୍ବାନ ମଡର୍ନ ହଷ୍ଟେଲ ସେମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନୀଳମାଧବ ସୁନା ଓ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ଯୋଗ ଦେଇଥିଲେ ଉତ୍ସବରେ ଆନନ୍ଦପୁର ପୌରପାଳିକାର ପ୍ରାକ୍ତନ ନଗରପାଳ ରାମଚନ୍ଦ୍ର ସାହୁ, ଶାନ୍ତନୁ ସେଠୀ, ସାଂସଦ ପ୍ରତିନିଧି ନିରାକାର ସାହୁ, ଆନନ୍ଦପୁର ବିଜେପି ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁ, ମଳୟ କୁମାର ମିଶ୍ର, ଆଲୋକ କୁମାର ସେଠୀ, ସୁମତି ଜେନା, ପ୍ରଣୟିନୀ ନାୟକ, କାଉନସିଲର କୃଷ୍ଣଚନ୍ଦ୍ର ରଣା, ସନତ କୁମାର କର, ବିଜେଡି ସଭାପତି ରମାକାନ୍ତ ବେହେରା, ଶୁଭ୍ରଜିତ୍ ରାମ, ସପନ ବେହେରା, ରାମଚନ୍ଦ୍ର ପଲେଇ, ବିଶ୍ୱଜିତ୍ ସିଂ, ଦେବାଶିଷ ରାମ, ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଡକ୍ଟର ରବୀନ୍ଦ୍ର କୁମାର ସାହୁ, ପୁଷ୍ପଲତା ରାମ, ବିଶ୍ୱଜିତ୍ ରାଉତ, ଅଜିତ୍ କୁମାର ଜେନା, ରଘୁଦୀପ୍ତି ନାୟକ, ଭଗବାନ ସାହୁ, ଅନିତା ଦାସ, ସତ୍ୟବାନ ସେଠୀ, ସତ୍ୟ ନାୟକ, ଦୟାନିଧି ନାୟକ, ସୁଲୋଚନା ସାହୁ, ଗୌରୀଶଙ୍କର ପଣ୍ଡା, ନିରଞ୍ଜନ ସେଠୀ, ଶଶି ଜେନା, ପାର୍ବତୀ ମୁଖୀ, ମନୋଜ କୁମାର ନାୟକ, ଆଦ୍ୟାଦେବ ମହାନ୍ତି, ପ୍ରଭାତ ସେଠୀ, କେଶବ ଜେନା ତଥା ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।



# ଛଟେଇର ପ୍ରତିବାଦରେ ଟିପିଏନ୍‌ଓଡିଏଲ୍ କର୍ମଚାରୀଙ୍କ ବିକ୍ଷୋଭ







ଆନନ୍ଦପୁର, ୧୧।୫ (ସମିସ): କର୍ମଚାରୀଙ୍କୁ ଛଟେଇ ନୋଟିସ ପ୍ରତିବାଦରେ ଠିକା କର୍ମଚାରୀମାନେ ଆନ୍ଦୋଳନ କରିବା ସହିତ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ଟିପିଏନଓଡିଏଲ ଅଧୀନରେ କାର୍ଯ୍ୟରତ ଶତାଧିକ ଠିକା କର୍ମଚାରୀ ଆଜି ବିଭାଗୀୟ ଆନନ୍ଦପୁର ଡିଭିଜନ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନେକ କର୍ମଚାରୀଙ୍କୁ ଛଟେଇ ପାଇଁ ନୋଟିସ୍ ଆସିଥିବାରୁ କର୍ମଚାରୀମାନେ ଏହାର ବିରୋଧ କରି ଏଭଳି ପଦକ୍ଷେପ ନେଇଥିବା ଜଣାଯାଇଛି। ଦୀର୍ଘ ଦିନଧରି ଖରା ବର୍ଷାକୁ ଖାତିର ନକରି କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ସ୍ଥାନୀୟ ଅଞ୍ଚଳରେ ଲାଗିରହିଥିବା ବିଦ୍ୟୁତ ସମସ୍ୟାର ଅନେକାଂଶରେ ସୁଧାର ଆସିବା ପରେ ଏବେ କର୍ମଚାରୀମାନେ କମ୍ପାନୀ ପାଇଁ ଅଲୋଡା ପାଲଟି ଯାଇଛନ୍ତି। ତୁରନ୍ତ କର୍ମଚାରୀଙ୍କ ଛଟେଇ ନିଷ୍ପତ୍ତି ପ୍ରତ୍ୟାହୃତ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ମିଳିତ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କର୍ମଚାରୀ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ୟୁନିୟନ ସଭାପତି ଦେବପ୍ରିୟ ପାତ୍ର ଓ ସମ୍ପାଦକ ରାଜେଶ କୁମାର ଦାସ ଚେତାବନୀ ଦେଇଛନ୍ତି।

**ଯୋଡ଼ା:** କେନ୍ଦୁଝର ଜିଲ୍ଲା ଯୋଡ଼ା ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଠିକା କର୍ମଚାରୀ ଛଟେଇ ପ୍ରତିବାଦରେ ଧାରଣାରେ ବସିଥିଲେ। ଟାଟା ପାୱାରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ପୂର୍ବରୁ କୌଣସି ସୂଚନା ନଦେଇ ହଠାତ୍ ଛଟେଇ ନୋଟିସ ଜାରି କରିବାରୁ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେଇଛି। ଏହି ଧାରଣାରେ ନେସ୍କୋ ପାୱାର ଏମ୍ପ୍ଲଏଜ୍ ୟୁନିଅନ, ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲଇଜ୍ ୟୁନିଅନ୍, ଓଏସଇବି ବିଜୁଳି କର୍ମଚାରୀ ସଂଘ, କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ, କେନ୍ଦୁଝର ଜିଲ୍ଲା ବିଦ୍ୟୁତ କର୍ମଚାରୀ ସଂଘ, ଓଡ଼ିଶା ରାଜ୍ୟ ବିଦୁତ କର୍ମଚାରୀ ସଂଘ, ନେସ୍କୋ ୱାର୍କସ ଏମ୍ପ୍ଲଇଜ ୟୁନିଅନ ଓ ନେସ୍କୋ ଫାଇନାନ୍ସ ଏମ୍ପ୍ଲଇଜ୍ ଆସୋସିଏସନ୍ ଭାଗ ନେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଟାଟା ପାୱାର ନୂଆ ନୂଆ କାମ ଆରମ୍ଭ କଲା ବେଳେ ମାତ୍ର ୧୦/୧୫ ହଜାର ବେତନରେ ଏହି କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ବେଳେ ସ୍ଥାନୀୟ ବେକାର ଯୁବକଯୁବତୀ ଅନ୍ୟ ଉପାୟ ନ ପାଇ ପରିବାର ପ୍ରତିପୋଷଣ ପାଇଁ କାର୍ଯ୍ୟ କରି ଆସୁଥିଲେ। ଏବେ ଛଟେଇ ହେଲେ ପରିବାର ଚିନ୍ତା ଘାରିଥିବା ନେଇ ଧାରଣାକୁ ଓଲ୍‌ହାଇଥିବା କହିଛନ୍ତି।

ଏହି ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ମାସେ ହେବ କର୍ମଚାରୀଙ୍କୁ ଛଟେଇ ନୋଟିସ କରାଯାଇଛି, ଆଜି ସେଇ ବାବଦରେ ମ୍ୟାନେଜମେଣ୍ଟକୁ ଏକ ଦାବିପତ୍ର ଦେଇଛନ୍ତି।

### ବଡ଼ସାହି ନିର୍ବାଚନମଣ୍ଡଳୀରେ ନାହିଁ ଶୀତଳଭଣ୍ଡାର

# ସଢ଼ୁଛି ଚାଷୀଙ୍କ ପରିଶ୍ରମ; ଅଧିକ ଦାମ୍‌ରେ କିଣୁଛନ୍ତି ଖାଉଟି

ବେତନଟୀ, ୧୧।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେତନଟୀ ଓ ବଡ଼ସାହି ବ୍ଲକର ନଦୀକୂଳ ଅଞ୍ଚଳରେ ଉତ୍ପାଦିତ ହେଉଥିବା ପନିପରିବା ସଂରକ୍ଷଣ ପାଇଁ ଗୋଟିଏ ବି ଶୀତଳଭଣ୍ଡାର ନିର୍ମାଣ ହୋଇନାହିଁ। ବୁଢ଼ାବଳଙ୍ଗ ଓ ଗଙ୍ଗାହାର ଅବବାହିକା ଅଞ୍ଚଳରେ ବାଇଗଣ, ଭେଣ୍ଡି, ବିଲାତି, ଜହ୍ନି, କୁନ୍ଦୁରୀ, ପୋଟଳ, କଲରା, ସଲରା, ଆଦି ପନିପରିବା ପ୍ରଚୁର ପରିମାଣରେ ଉତ୍ପାଦନ ହେଉଥିବା ସତ୍ତ୍ୱେ ସଂରକ୍ଷଣ ସୁବିଧା ନ ଥିବାରୁ ଋତୁ ଅନୁଯାୟୀ ଅଧିକ ଉତ୍ପାଦନ ସମୟରେ ବଳକା ପନିପରିବା ପଚି ନଷ୍ଟ ହୋଇଯାଉଛି। ଚାଷୀ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ନେଇ ଚାଷ କରୁଥିବା ସମୟରେ ଏହି କ୍ଷତି ସେମାନଙ୍କୁ ଚାଷ ପ୍ରତି ନିରୁତ୍ସାହିତ କରୁଛି। ଅନ୍ୟପକ୍ଷରେ ଅଣଋତୁ ସମୟରେ ଖାଉଟି ଅଧିକ ଦାମ୍‌ରେ ପରିବା କିଣୁଛନ୍ତି। ଚାଷୀ ଓ ଖାଉଟିଙ୍କ ହିତକୁ ଦୃଷ୍ଟିରେ ରଖି ବଡ଼ସାହି ନିର୍ବାଚନମଣ୍ଡଳୀରେ ଶୀତଳଭଣ୍ଡାର ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ନଚେତ୍ ଆଗାମୀ ଦିନରେ ଚାଷୀ ପରିବା ଚାଷରୁ ମୁହଁ ମୋଡ଼ିବେ, ଏଥିରେ କୌଣସି ସନ୍ଦେହ ନାହିଁ।

ସ୍ଥାନୀୟ ଚାଷୀ ଅଭିଯୋଗ କରୁଛନ୍ତି ଯେ, ସରକାର ଶୀତଳଭଣ୍ଡାର ନିର୍ମାଣ ପାଇଁ କୌଣସି ଆନ୍ତରିକତା ଦେଖାଯାଉନାହାନ୍ତି। ବଡସାହି ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଯଦି ଶୀତଳଭଣ୍ଡାର ତିଆରି ହୋଇଥା'ନ୍ତା, ତେବେ ଜିଲ୍ଲା ଭିତରେ ଓ ବାହାରକୁ ପଠାଇବା ପରେ



ବଳକା ପନିପରିବା ସୁରକ୍ଷିତ ରଖାଯାଇପାରିଥା'ନ୍ତା। ଏହା ନ ହେବାରୁ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହେଉଛି। କାଳିଆ ଓ ବଳିଆ ଯୋଜନାର ଲାଭ ନେଇ କୃଷି ଶ୍ରମିକ କ୍ଷେତରେ କାମ କରିବା ପରିବର୍ତ୍ତେ ଅନ୍ୟତ୍ର ସମୟ ବିତାଉଛନ୍ତି। ଫଳରେ ପନିପରିବା ଉତ୍ପାଦନ ହ୍ରାସ ପାଉଛି। ଫଳସ୍ୱରୂପ ବଜାରରେ ସବୁଜ ପନିପରିବା ଦର ଅସ୍ଥିର ହେଉଛି ଓ ମଧ୍ୟବିତ୍ତ ପରିବାର ଅଧିକ ମୂଲ୍ୟ ଦେଇ ପନିପରିବା କିଣିବାକୁ ବାଧ୍ୟ ହେଉଛନ୍ତି। ନଚେତ୍ ବାସି ଚାଲାଣ ପନିପରିବା କିଣି ନିଜ ପରିବାରର ଆବଶ୍ୟକତା ପୂରଣ କରୁଛନ୍ତି। ଆହୁରି କହିଛନ୍ତି, ଧାନ ଚାଷ ପାଇଁ ସରକାର ଏଫଏକ୍ୟୁ ଧାନ ୩୧୦୦ ଟଙ୍କାରେ କିଣିବେ ବୋଲି ଘୋଷଣା କରି ଉତ୍ସାହିତ କରୁଛନ୍ତି। କିନ୍ତୁ ପନିପରିବା ଚାଷୀଙ୍କ ପାଇଁ କୌଣସି ସୁବିଧା ନାହିଁ। ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ସହିତ ଯୋଗାଯୋଗ କରାଯିବାରୁ ଅଧିକାରୀ କହିଛନ୍ତି, ଶୀତଳଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ବିଚାର ଚାଲିଛି। କେନ୍ଦ୍ର ଓ ରାଜ୍ୟ ଯୋଜନା ଅନ୍ତର୍ଗତ ଅର୍ଥ ଉପଲବ୍ଧ ହେବା ପରେ କାର୍ଯ୍ୟ ଆରମ୍ଭ ହୋଇପାରେ। ତଥାପି କୌଣସି ନିର୍ଦ୍ଦିଷ୍ଟ ସମୟସୀମା ବା ପ୍ରକଳ୍ପ ସ୍ଥାନ ବିଷୟରେ ସ୍ପଷ୍ଟ ଉତ୍ତର ମିଳିନାହିଁ। ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଏହି ଦାବି ବାରମ୍ବାର କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ତା'ର କିଛି ସୁଫଳ ଦୃଶ୍ୟମାନ ହେଉନାହିଁ କିମ୍ବା ଭବିଷ୍ୟତ ପାଇଁ କିଛି ପଦକ୍ଷେପ ନିଆଯାଇଥିବା ଦେଖାଯାଉନାହିଁ ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ବର୍ତ୍ତମାନ ବେତନଟୀ ବ୍ଲକରେ ପନିପରିବା ଉତ୍ପାଦନ ହ୍ରାସ ପାଇବା ସହ ବଜାରରେ ଦର ଅସ୍ଥିର ରହିଛି। ଯେପରି ଧାନ ଚାଷରେ ଆଗ୍ରହ ବଢ଼ିଛି, ସେହିପରି ପନିପରିବା ଚାଷରେ ମଧ୍ୟ ଚାଷୀଙ୍କୁ ଉତ୍ସାହିତ କରିବାକୁ ହେବ। ନଚେତ୍ ନଦୀକୂଳ ଅଞ୍ଚଳର ଉର୍ବର ଜମି ଓ ଚାଷୀଙ୍କ ପରିଶ୍ରମ ଦୁଇଟି ଯାକ ହିଁ ନଷ୍ଟ ହୋଇଯିବ ବୋଲି ଚାଷୀ କହିଛନ୍ତି।

# ନୁଦଡିହାର ବିନ୍ଧାଣୀ ହରେକୃଷ୍ଣ ମହାନ୍ତିଙ୍କ ମୃତ୍ୟୁ

● ବାରିପଦାରୁ ଗଳିତ ମୃତଦେହ ଉଦ୍ଧାର



ବାରିପଦା/କପ୍ତିପଦା, ୧୧।୫ (ସମିସ): କପ୍ତିପଦା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ, ବିଶିଷ୍ଟ ସମାଜସେବୀ ଓ ନୁଦଡିହା ଅଞ୍ଚଳର ବିକାଶ ପୁରୁଷ (ବିନ୍ଧାଣୀ) ହରେକୃଷ୍ଣ ମହାନ୍ତି (୮୧)ଙ୍କ ମୃତ୍ୟୁ ହୋଇଯାଇଛି। ରବିବାର ପୂର୍ବାହ୍ନରେ ବାରିପଦା ଟାଉନ ପୁଲିସ ତାଙ୍କ ଗଳିତ ମୃତଦେହକୁ ଚାଞ୍ଚ ନିକଟ ବିଲରୁ ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ୧୯୪୫ ଜୁଲାଇ ୨ ତାରିଖରେ ପିତା ବାରିପଦାର ମହଓକିଲ ପଦ୍ମଲୋଚନ ମହାନ୍ତି ଓ ମାତା ବାସନ୍ତୀଙ୍କ କୋଳ ମଣ୍ଡନ କରିଥିଲେ ହରେକୃଷ୍ଣ। ଉଚ୍ଚଶିକ୍ଷା ଲାଭ କରିଥିଲେ ହେଁ ସେ ଚାକିରି ପଛରେ ନ ଗୋଡ଼ାଇ ଅଞ୍ଚଳର ନୁଦଡିହା ପଞ୍ଚାୟତ ଓ କପ୍ତିପଦା ବ୍ଲକ ଅଞ୍ଚ ବିକାଶ ପାଇଁ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ନୁଦଡିହା ପଞ୍ଚାୟତର ସରପଞ୍ଚ, କପ୍ତିପଦା ବ୍ଲକର ଉପାଧ୍ୟକ୍ଷ ହୋଇଥିଲେ। ନୁଦଡିହା ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଇନ୍ଦିରା ଗାନ୍ଧୀ ବାଳିକା ଉଚ୍ଚବିଦ୍ୟାଳୟ, ମେଘାସନ କଲେଜ, ନୁଦଡିହା ସିଟି ସ୍କୁଲ, ସବ୍‌ପୋଷ୍ଟ ଅଫିସ ଆଦି ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।

ସେହିପରି କାଳ ବନ୍ଧ ନିର୍ମାଣରେ ପ୍ରମୁଖ ଭୂମିକା ରହିଥିଲା ସ୍ୱର୍ଗତ ମହାନ୍ତିଙ୍କର। ସେ କିଛି ଦିନ ଧରି ମସ୍ତିଷ୍କଜନିତ ରୋଗରେ ପୀଡିତ ଥାଇ ୨ଦିନ ପୂର୍ବରୁ କେଉଁଆଡ଼େ ନିଖୋଜ ହୋଇଥିବା ନେଇ ଘର ଲୋକ ଥାନାରେ ଜଣାଥିଲେ। ରବିବାର ବାରିପଦା ୱାର୍ଡ ନମ୍ବର ୨୮ ଅନ୍ତର୍ଗତ ଛାଞ୍ଚ ନିକଟ ଜମି ପାଣି ଓ ପଙ୍କରୁ ପୁଲିସ ଗଳିତ ମୃତଦେହକୁ ଉଦ୍ଧାର କରିଥିଲା। ତାଙ୍କ ବଡପୁଅ ବିଦ୍ୟୁତ କୁମାର ମହାନ୍ତି ଓ ପୁତ୍ର ବୋହୂ ସ୍ୱରଲିପି ଦାସପଟ୍ଟନାୟକ ଉଭୟେ ବାରିପଦା କୋର୍ଟର ଆଇନଜୀବୀ ଅଟନ୍ତି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ବାରିପଦା ବାରୁଣୀ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ସମଗ୍ର ମୟୂରଭଞ୍ଜ, ବାରିପଦା, ଉଦଳା ଓ କପ୍ତିପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ହାତ ତିଆରି ଅନୁଷ୍ଠାନରେ ଶୋକ ପାଳନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜୀବନର ସମସ୍ତ ଉପାର୍ଜିତ ଅର୍ଥ ସେ ଅନୁଷ୍ଠାନ ତିଆରିରେ ସମର୍ପିତ କରିଥିଲେ। ତାଙ୍କ ଭଳି ସମାଜସେବୀ ଓ ନିଃସ୍ୱାର୍ଥପର ମଣିଷ ବିରଳ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

● ଘର ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର

# ହତ୍ୟା ସନ୍ଦେହ; ପୁଲିସ ତଦନ୍ତ ଜାରି



ରାଇରଙ୍ଗପୁର/ବିଶୋଇ, ୧୧।୫(ସମିସ): ବିଶୋଇ ଥାନା ଅନ୍ତର୍ଗତ ଲୁହାକାନୀ ପଞ୍ଚାୟତର କାଶିପେଣ୍ଟ ଗାଁରେ ଘର ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ମାଗୁ ସିଂଙ୍କ ପତ୍ନୀ ବାସି ସିଂ (୨୮)। ସ୍ୱାମୀ ଗୁରୁବାର ଦିନ ପିଲାଙ୍କୁ ଧରି ଭୁବନେଶ୍ୱର ଯାଇଥିବାବେଳେ ବାସିଙ୍କ ମୃତଦେହ ଘରୁ ମିଳିଥିଲା। ସ୍ଥାନୀୟ ଗ୍ରାମବାସୀ ଦେଖି ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ବିଶୋଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ହସ୍‌ପିଟାଲକୁ ପଠାଇଥିଲା। ତେବେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି। ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ନଦୀରେ ବୁଡ଼ି ନାବାଳକ ମୃତ

କପ୍ତିପଦା, ୧୧।୫(ସମିସ): ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ନଦୀକୁ ଯାଇଥିଲେ। ହେଲେ ନଦୀରେ ବୁଡ଼ି ଚାଲିଗଲା ନାବାଳକଙ୍କ ଜୀବନ। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ଅନ୍ତର୍ଗତ କୁଆଗୋଠଣା ଧୁଡ଼ାସାହି ଗ୍ରାମରେ। ଧୁଡ଼ାସାହି ଗ୍ରାମର ବଳରାମ ହେମ୍ବ୍ରମଙ୍କ ୧୨ ବର୍ଷର ପୁଅ ସୁନାରାମ ହେମ୍ବ୍ରମ ସାଙ୍ଗମାନଙ୍କ ସହିତ ଘର ନିକଟରେ ପ୍ରବାହିତ କାଳ ନଦୀକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗମାନେ ଗାଧୋଇ ସାରି ଘରକୁ ଫେରି ଆସିଥିବାବେଳେ ସୁନାରାମ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ନଦୀରେ ସେ ବୁଡ଼ିଯାଇଥିବା ଜାଣିବାକୁ ପାଇଥିଲେ। ନଦୀରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗାଧୋଇବା ସମୟରେ ପାଣିରେ ଗୋଡ଼ ଖସିଯାଇ ସେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। କପ୍ତିପଦା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

● ବାଲିଅନ୍ତା ଘଟଣା ପରେ ଚେତିଲା ପୁଲିସ

# ବାମନଘାଟୀର ବିଭିନ୍ନ ଥାନାରେ ନିୟମିତ ବ୍ରିଫିଂ ପରେଡ଼ ଆରମ୍ଭ



ରାଇରଙ୍ଗପୁର, ୧୧।୫(ସମିସ): ବାଲିଅନ୍ତା ଘଟଣା ପରେ ପୁଲିସ ପ୍ରଶାସନ ଚେତିଥିବାବେଳେ ସବୁ ଥାନାରେ ପ୍ରତିଦିନ ସକାଳ ୯ଟାରେ ବ୍ରିଫିଂ ପରେଡ୍ ହେବ ଡିଜିପି ୱାଇ.ବି. ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ବାମନଘାଟୀ ଉପଖଣ୍ଡର ବିଭିନ୍ନ ଥାନାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉପଖଣ୍ଡର ସମସ୍ତ ଥାନାରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ସଠିକ ଭାବେ ପରେଡ଼ ହୋଇଛି। ଏହାଦ୍ୱାରା ଥାନାରୁ ଅନିୟମିତା ଅଭିଯୋଗ ବା ଅବହେଳାର ପ୍ରମାଣ ମିଳିଥାଏ। ଯାହାକୁ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ, ଲୋକଙ୍କ ସହ ପୁଲିସ ସମନ୍ୱୟ, ପୁଲିସିଂ ବ୍ୟବସ୍ଥା ଆହୁରି ସକ୍ରିୟ ଓ ଲୋକାଭିମୁଖୀ ହେବ। ଏହାଦ୍ୱାରା ଥାନା ସ୍ତରରେ ସମନ୍ୱୟ, ସତର୍କତା ଓ ତ୍ୱରିତ ପ୍ରତିକ୍ରିୟା କ୍ଷମତା ଅଧିକ ସୁଦୃଢ଼ ହେବ। ଏହାକୁ ବରିଷ୍ଠ ପୁଲିସ ଅଧିକାରୀମାନେ ନିୟମିତ ଭାବେ ମନିଟରିଂ କରିବେ ବୋଲି ଜଣାପଡ଼ିଛି। ଯାହାକୁ ନେଇ ପ୍ରତି ଥାନାରେ ବ୍ରିଫିଂ ପରେଡ଼ ଆରମ୍ଭ କରାଯାଇଛି।

# ବିକଶିତ ଭାରତ ୟଙ୍ଗ୍ ଲିଡର ପୁସ୍ତକରେ ମୟୂରଭଞ୍ଜର କିଶନ



ବାରିପଦା/ଉଦଳା, ୧୧।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ମାଟିର ପୁଅ କିଶାନ କୁମାର ସାହୁ ପୁଣିଥରେ ଓଡ଼ିଶାର ଗୌରବକୁ ଜାତୀୟ ସ୍ତରରେ ଉଚ୍ଚ କରିଛନ୍ତି। ବିକଶିତ ଭାରତ ୟଙ୍ଗ ଲିଡର ଡାଇଲଗ-୨୦୨୬ରେ ଦେଶର ପ୍ରାୟ ୫୦ ଲକ୍ଷ ପ୍ରତିଭାଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୫ ଜଣ ପ୍ରେରଣାଦାୟକ ଯୁବ ପ୍ରତିଭାଙ୍କ ମଧ୍ୟରେ ସ୍ଥାନ ପାଇ କିଶନ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। କିଶନ ପୂର୍ବରୁ ମଧ୍ୟ ଅନେକ ଜାତୀୟ ମଞ୍ଚରେ ଓଡ଼ିଶାର ପ୍ରତିନିଧିତ୍ୱ କରି ନିଜ ପ୍ରତିଭାର ପ୍ରଭାବ ସାରା ଦେଶରେ ଦେଖାଇଛନ୍ତି। ତାଙ୍କ ଜୀବନ ସଂଘର୍ଷ, ଦୃଢ଼ ସଙ୍କଳ୍ପ ଓ ଯୁବ ନେତୃତ୍ୱର ଯାତ୍ରାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉନ୍ମୋଚିତ ଇନସ୍ପାଇରିଙ୍ଗ ଷ୍ଟୋରିଜ ଅଫ୍ ଭିବିୱାଏଲଡି' ପୁସ୍ତକରେ ବିଶେଷ ଭାବେ ଉଲ୍ଲେଖ କରାଯାଇଛି। ପୁସ୍ତକରେ କିଶାନଙ୍କ କାହାଣୀକୁ ଏମିତି ଜଣେ ଯୁବକଙ୍କ ଯାତ୍ରା ଭାବେ ଦର୍ଶାଯାଇଛି। ଯିଏ ସୀମିତ ସୁଯୋଗ ଓ ସମସ୍ୟା ସତ୍ତ୍ୱେ ନିଜ ପରିଶ୍ରମ, ଆତ୍ମବିଶ୍ୱାସ ଓ ଦେଶସେବାର ସ୍ୱପ୍ନକୁ କେବେ ଛାଡ଼ି ନ ଥିଲେ। ଏହାକୁ ନେଇ ସମଗ୍ର ମୟୂରଭଞ୍ଜରେ ଖୁସିର ଲହରି ଖେଳିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉଦଳା ମାଟିର ଜଣେ ସାଧାରଣ ଯୁବକଙ୍କ ସଂଘର୍ଷ ଆଜି ପ୍ରଧାନମନ୍ତ୍ରୀଙ୍କ ପୁସ୍ତକରେ ସ୍ଥାନ ପାଇବା ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ। କିଶାନ କୁମାର ସାହୁ ଆଶା ରଖିଛନ୍ତି ଯେ, ଜୀବନର କାହାଣୀ ଦେଶର ଯୁବକଙ୍କ ପାଇଁ ପ୍ରେରଣା ହେଉ, ତାହା ମୋର ସବୁଠାରୁ ବଡ଼ ସଫଳତା ହେବ। ମୁଁ ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ନାମକୁ ଦେଶ ସ୍ତରରେ ଉଚ୍ଚ କରିବାକୁ ପ୍ରୟାସ କରିବି ଓ ମାଟି ମା'ର ବିକାଶ ପାଇଁ ସଂଘର୍ଷ ଜାରି ରଖିବି।

● ଶିମିଳିପାଳ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବି ବି ଆଲୋକ ସ୍ପୋର୍ଟିଂ ଚାମ୍ପିଅନ୍, ମା' ଅମ୍ବିକା ଲାୟନ୍ସ ରନର୍ସଅପ୍

ବାରିପଦା, ୧୧।୫(ସମିସ): ସ୍ଥାନୀୟ ଲେଟକଟ ପଡ଼ିଆରେ ଶିମିଳିପାଳ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଟି-୨୦ ଶିମିଳିପାଳ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବି ବି ଆଲୋକ ସ୍ପୋର୍ଟିଂ ୭୭ ରନରେ ମା'



ଅମ୍ବିକା ଲାୟନ୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଉକ୍ତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଲୋକ ସ୍ପୋର୍ଟିଂ ୨୦ ଓଭରରେ ୮ ୱିକେଟ ହରାଇ ୧୭୩ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶମ୍ଭୁନାଥ ଗିରି ଓ ତୁଷାର ମହାକୁଡ଼ ୪୦ ରନ ଲେଖାଏଁ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ଦେବଶକ୍ତି ଗିରି, ରୁଚିକା ମଣ୍ଡଳ ଓ ଅରମାନ ଆଲାମ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମା' ଅମ୍ବିକା ଲାୟନ୍ସ ୧୫.୨ ଓଭରରେ ସମସ୍ତ ୱିକେଟ ହରାଇ ୯୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁବ୍ରତ କୁମାର ସିଂ ସର୍ବାଧିକ ୩୯ ରନ କରିଥିବାବେଳେ ବିପକ୍ଷ ଦଳର ପ୍ରିୟଙ୍କ ପଟ୍ଟନାୟକ ୪ଟି, ଆଲୋକ ରଞ୍ଜନ ନାୟକ ଓ ଲୋକନାଥ ପୃଷ୍ଟି ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମନୋଜ ଟୁଡୁ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋରିଂରେ ସହାୟତା କରିଥିଲେ।

ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଲୋକ ରଞ୍ଜନ ନାଏକ, ଶ୍ରେଷ୍ଠ ବୋଲର ଭାବେ ପ୍ରିୟଙ୍କ ପଟ୍ଟନାୟକ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅଭିନାଶ ଦେ ଓ ମ୍ୟାନ ଅଫ ଦି ସିରିଜ ଭାବେ ଲୋକନାଥ ପୃଷ୍ଟି ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ତଥା ସମାଜସେବୀ ଲଲାଟେନ୍ଦୁ ବେହେରା, ସମାଜସେବୀ ନନ୍ଦିକେଶ ଶେଜପଡ଼ା, ପୂର୍ବତନ କ୍ରିକେଟ ଖେଳାଳି ଲୋହିତ ଦାଶ, ରଜତ ସାହୁ ଓ କୌଶିକ ପଟ୍ଟନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୌରଜିତ ସାହୁ, ଦିବ୍ୟରଞ୍ଜନ ସାହୁ, ମନ୍ଥନ ସାନ୍ତରା, ମୃଣ୍ମୟ ପଣ୍ଡା ଓ ଅରମାନ ଆଲାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।

### ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଦାବି

# ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମ ଖୋଲାଯାଉ

ବାରିପଦା, ୧୧।୫(ସମିସ): ସୋମବାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। ବହୁ ସଂଘର୍ଷ ପରେ ବାରିପଦାଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କଲେଜଟି ପୂର୍ଣ୍ଣାଙ୍ଗ ହୋଇନାହିଁ କିମ୍ବା ରୋଗୀମାନେ ଉତ୍ତମ ଓ ସବୁପ୍ରକାର ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ଅତିଶୀଘ୍ର ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମ ଖୋଲିବାର ଆବଶ୍ୟକତା ଅଛି। ଏଣୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ତରଫରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୭ଟି ବିଭାଗ ସାଧାରଣ ଭେଷଜ, ସାଧାରଣ ଅସ୍ତ୍ରୋପଚାର, ସ୍ତ୍ରୀରୋଗ ଓ ପ୍ରସୂତି, ଚର୍ମ ଓ ଗୁପ୍ତରୋଗ, ଚକ୍ଷୁ, ଅସ୍ଥିଶଲ୍ୟ ଓ କାନ, ନାକ ଓ ଗଳା ବିଭାଗରେ ପିଜି ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ଏହି ବିଭାଗ ଖୋଲିଲେ ମୟୂରଭଞ୍ଜବାସୀ ଉପକୃତ ହେବେ ବୋଲି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ତେବେ ବିଳମ୍ବ କଲେ ଝାଡ଼ଖଣ୍ଡ ଦଳ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ବରିଷ୍ଠ ନେତା



ଦିବାକର ସୋରେନ, ସହର ସଭାପତି ତରେନ ସେନାପତି, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ଆଶିଷ ସାତୁଆ, ଶ୍ରବନ ମହାନ୍ତ, ପ୍ରମୋଦ ଦାସ, ଲଖଣ ଚାପିଆର, ଜଗା ସୋରେନ, ସଲମା ମାରାଣ୍ଡି, ଭଗବତୀ ଚାପିଆର ଓ ମିଳନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

### ବାରିପଦା-ଉଦଳା ରାଜପଥ ମରାମତି ଦାବି

# କିଷାନ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା, ୧୧।୫(ସମିସ): ବାରିପଦା-ଉଦଳା ୧୯ନଂ ରାଜ୍ୟ ରାଜପଥ ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ଧରି ଖରାପ ଥିବା ସତ୍ତ୍ୱେ ମରାମତି ହେଉନି। ଯାହାକୁ ନେଇ ମୟୂରଭଞ୍ଜ (ପୂର୍ବ) କିଷାନ କଂଗ୍ରେସ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହି ରାସ୍ତାର ତୁରନ୍ତ ମରାମତି ଦାବି କରି କିଷାନ କଂଗ୍ରେସର ଜିଲ୍ଲା ସଭାପତି ଦୀପକ କୁମାର ଦାଶଙ୍କ ନେତୃତ୍ୱରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ବାରିପଦାରୁ ଉଦଳାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାଟି ଅତ୍ୟନ୍ତ ବିପଦଜ୍ଜନକ ଅବସ୍ଥାରେ ରହିଛି। ୪୪ କିମି ଦୂର ରାସ୍ତାରେ ବଡ଼ ବଡ଼ ଗାତ୍ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଛି। ରାସ୍ତାର ଅବସ୍ଥା ଏତେ ଖରାପ ଯେ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। କିଷାନ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତା ମରାମତି ପାଇଁ କୌଣସି ପଦକ୍ଷେପ ନିଆ ନ ଯାଏ; ତେବେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ସଂଗଠନର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚକଅଖି ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ବଣଦାମୋଦରପୁରରେ ନାହିଁ ସ୍ଥାୟୀ ଅଙ୍ଗନବାଡ଼ି ଗୃହ

# ମିଶନ ଶକ୍ତି ଘରେ ଚାଲୁଛି ଅଙ୍ଗନବାଡ଼ି କେନ୍ଦ୍ର

ବେତନଟୀ, ୧୧।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ କେନ୍ଦୁଆ ଗ୍ରାମପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବଣଦାମୋଦରପୁର ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ସ୍ଥାୟୀ ଘର ନ ଥିବାରୁ ଗ୍ରାମବାସୀଙ୍କୁ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରାୟ ପାଞ୍ଚବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଗ୍ରାମର ଅଙ୍ଗନବାଡି କେନ୍ଦ୍ର ବର୍ତ୍ତମାନ କେବେ ଅଙ୍ଗନବାଡି ଦିଦିଙ୍କ ଘରେ ତ କେବେ ମିଶନ ଶକ୍ତି ଘରେ ଚାଲୁଛି। ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ପ୍ରାଥମିକ ଶିକ୍ଷା ଓ ସରକାରୀ ଯୋଜନାର କେନ୍ଦ୍ରସ୍ଥଳ ଭାବେ କାର୍ଯ୍ୟ କରୁଥିବା ଏହି କେନ୍ଦ୍ରରେ ପାନୀୟଜଳର କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ପିଲାମାନଙ୍କୁ ପାଣି ପିଆଇବା ପାଇଁ ପ୍ରାୟ ୧୦୦ ମିଟର ଦୂର ନଳକୂପରୁ ପାଣି ଆଣି ଦିଆଯାଉଛି। ଗର୍ଭବତୀ ମହିଳା, ନବଜାତ ଶିଶୁ, କିଶୋରୀ ବାଳିକାଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ପ୍ରଦାନରେ ମଧ୍ୟ ପ୍ରଭାବ ପଡୁଛି। ଗ୍ରାମବାସୀ ଏହି ଅବହେଳିତ ଅବସ୍ଥାର ଅନ୍ତ




ଘଟାଇ ଶୀଘ୍ର ଏକ ସ୍ଥାୟୀ ଅଙ୍ଗନବାଡି ଘର ନିର୍ମାଣ କରିବା ପାଇଁ ପ୍ରଶାସନିକ ହସ୍ତକ୍ଷେପ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

● ଗ୍ରାମବାସୀଙ୍କ ବିରୋଧ



ତୁରୁମୁଙ୍ଗା, ୧୧।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବତହସିଲ ପୁଟୁଳିଆ ଗ୍ରାମର ୭୭୪ ନମ୍ବର ପ୍ଲଟରୁ ସୋମବାର ଜବରଦଖଲ ଉଛେଦ କରିଛି ପ୍ରଶାସନ। ଉଛେଦ ସମୟରେ ବିରୋଧ ହେବା ସହ ଜେସବି ସମ୍ମୁଖକୁ ମହିଳା ଜଣଙ୍କ ପଳାଇ ଆସିବା ସହ ଡ୍ରାଇଭରଙ୍କୁ ଟେକା ମାଡ଼ କରିଥିଲେ। ଫଳରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ ପ୍ରଶାସନିକ ଅଧିକାରୀ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ନୂତନ ଜେଏମ୍ଏଫ୍ସି କୋର୍ଟ ସ୍ଥାପନ ପାଇଁ ଏହି ଉଚ୍ଛେଦ କାର୍ଯ୍ୟ ଚାଲୁରହିଥିବା ବେଳେ ପ୍ରଶାସନ ନିରାକାର ମହାନ୍ତଙ୍କ ଟାଇଲ ଘର ଅଭି ମହାନ୍ତଙ୍କ ଟିଣ ଛପର ଘର ସହ ଅର୍ଜୁନ ମହାନ୍ତଙ୍କ ବ୍ରଏଲର ଫାର୍ମ ଘରକୁ ଜେସିବି ସହାୟତାରେ ଭାଙ୍ଗି ଉଚ୍ଛେଦ କରୁଛି। ମାଜିଷ୍ଟ୍ରେଟ ଭାବରେ ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମଙ୍କ ସହ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ, ଅତିରିକ୍ତ ତହସିଲଦାର ଶରଣ ଜେନା, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲଦାରଙ୍କ ଆବାସିକ କକ୍ଷରେ ସାପ



ହାଟଡ଼ିହୀ,୧୧।୫(ସମିସ): ହାଟଡିହୀ ତହସିଲଦାରଙ୍କ ବାସଭବନରେ ଦେଖାଯାଇଛି ବିଷାକ୍ତ ସାପ। ରବିବାର ସନ୍ଧ୍ୟାରେ ତହସିଲଦାର ସଞ୍ଜୟ କୁମାର ସାମନ୍ତରା ରୁମ ଭିତରକୁ ପଶିଯିବା ବେଳେ ରୁମ ଭିତରେ ଏକ ବିରାଟକାୟ ସାପ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ସେ ସଙ୍ଗେ ସଙ୍ଗେ କର୍ମଚାରୀଙ୍କୁ ଡାକି ସାପଟିକୁ ବାହାର କରିବାକୁ କହିଥିଲେ। କର୍ମଚାରୀମାନେ ସାପଟିକୁ ବାହାରକୁ ବାହାର କରିଥିବା ବେଳେ ଏହା ଏକ ରଣା ସାପ ବୋଲି ଜଣାଯାଇଛି। ତହସିଲଦାରଙ୍କ ବାସଭବନ ଅସୁରକ୍ଷିତ ହୋଇପଡିଥିବାବେଳେ ପୂର୍ବରୁ ଏହି ଗୃହରୁ ଅନେକ ବିଷଧର ସାପ ବାହାର କରାଯାଇଥିବାର ନଜିର ରହିଛି। ଏଭଳି ଅସୁରକ୍ଷିତ ବାସସ୍ଥଳୀକୁ ସମ୍ପୂର୍ଣ୍ଣ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କିମ୍ବା ଏହାକୁ ଉତ୍ତମ ରୂପେ ମରାମତି କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ସ୍କର୍ପିଓ ଧକ୍କାରେ ନାବାଳକ ଗୁରୁତର



ତୁରୁମୁଙ୍ଗା, ୧୧।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାଧୁପଡ଼ା ନିକଟରେ ଦୁର୍ଘଟଣା ଘଟି ଏକ ସ୍କର୍ପିଓ ଗାଡି ଧକ୍କାରେ ଜଣେ ନାବାଳକ ଆହତ ହୋଇଛନ୍ତି। ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ନାବାଳକ ଚିନ୍ମୟ ପାଇକରାୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସାଧୁପଡା ନିକଟରେ ଚିନ୍ମୟ ପାଇକରାୟ ସାଇକଲରେ ଯାଉଥିବା ବେଳେ ଏକ ଦ୍ରୁତ ଗତିରେ ସ୍କର୍ପିଓ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

# ରାସଗୋବିନ୍ଦପୁର ଦୁର୍ଗା ମଣ୍ଡପ ପାଲଟିଛି ଡମ୍ପିଂୟାର୍ଡ

ରାସଗୋବିନ୍ଦପୁର, ୧୧।୫(ସମିସ): ରାସଗୋବିନ୍ଦପୁର ବଜାର ଅଞ୍ଚଳରେ ଥିବା ଦୁର୍ଗା ମଣ୍ଡପ ପାଖ ଏବେ ଆଳିଆ ଗଦାରେ ପରିଣତ ହୋଇଛି। ବିପୁଳ ପରିମାଣର ଆବର୍ଜନା ପକାଯିବା ଯୋଗୁଁ ସମଗ୍ର ଅଞ୍ଚଳରେ ଦୁର୍ଗନ୍ଧ ବ୍ୟାପିବା ସହ ପରିବେଶ ପ୍ରଦୂଷିତ ହେଉଛି। ଏହା ସ୍ୱଚ୍ଛ ଭାରତ ମିଶନର ଉଦ୍ଦେଶ୍ୟକୁ ବିରୋଧ କରୁଛି। ସ୍ଥାନୀୟ ପ୍ରିନ୍ସ ଟେଲରର ମାଲିକ ଜୟନ୍ତ ଦାସ କହିଛନ୍ତି, ଦୁର୍ଗନ୍ଧ ଅସହ୍ୟ ହେଉଥିବାରୁ ଦୋକାନ ଖୋଲିବା ମୁସ୍କିଲ ହୋଇପଡିଛି। ମୋ' ଛୋଟ ପରିବାର ଏହି ରୋଜଗାର ଉପରେ ନିର୍ଭରଶୀଳ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଅଞ୍ଚଳର କିଛି ଦୋକାନୀ ରାତି ଅଧରେ କଚରା ଫିଙ୍ଗୁଛନ୍ତି, ଯାହା ସମସ୍ୟାକୁ ଅଧିକ ବଢ଼ାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ପ୍ରତିଦିନ ଏହି ରାସ୍ତା ଦେଇ ଯା'ଆସ କରୁଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଜୟନ୍ତ ଦାସଙ୍କ ସହ ସ୍ଥାନୀୟ ନାଗରିକ ଗଣମାଧମ ଜରିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ କଚରା ଉଠାଇବା, ନିୟମିତ ସଫେଇ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦୁର୍ଗା ମଣ୍ଡପ ଭଳି ଧାର୍ମିକ ସ୍ଥାନ ପାଖର ଅବସ୍ଥା ଶୀଘ୍ର ସୁଧାରିବାକୁ ଲୋକେ ଅନୁରୋଧ କରିଛନ୍ତି।




# ତରୁହାଁରେ ଜଳକଷ୍ଟ: ପୋଖରୀ ପାଣିରୁ ବ୍ୟାପୁଛି ସ୍ୱାସ୍ଥ୍ୟଜନିତ ସମସ୍ୟା

ଆନନ୍ଦପୁର,୧୧।୫ (ସମିସ):

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକର ଗ୍ରାମାଞ୍ଚଳରେ ଦେଖାଦେଇଛି ଜଳ ସଙ୍କଟର ବିକଳ ଚିତ୍ର। ସରକାର ଗାଁ ଗାଁକୁ ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆଜି ବି କିଛି ଗ୍ରାମରେ ଲୋକେ ପୋଖରୀ ପାଣି ଉପରେ ନିର୍ଭର କରୁଛନ୍ତି। ତରୁଆଁ ଟିକର ସାହିରେ ଦୀର୍ଘ ଦିନ ଧରି ଜଳ ସମସ୍ୟା ଲାଗି ରହିଥିବା ବେଳେ ବସୁଧା ଯୋଜନା ଓ ମେଗା ପାନୀୟଜଳ ପ୍ରକଳ୍ପ ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି। ପାଣି ଅଭାବରୁ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି। ତରୁଆଁ ପଞ୍ଚାୟତ ୯ ନଂ ୱାର୍ଡ ଟିକର ସାହିରେ ପ୍ରାୟ ପ୍ରତ୍ୟେକ ପରିବାର ଏବେ ପାଣି ସମସ୍ୟାରେ ଜର୍ଜରିତ। ଗାଁରେ ଥିବା ନଳକୂପ ଅଚଳ ହୋଇପଡିଛି। ଗ୍ରାମବାସୀ ନିକଟସ୍ଥ ପୋଖରୀ



ଓ ଅସୁରକ୍ଷିତ ଜଳ ଉତ୍ସ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଦୂଷିତ ପାଣି ବ୍ୟବହାର କରିବା ଯୋଗୁଁ ଜ୍ୱର, ପେଟ ରୋଗ ଓ ଚର୍ମ ରୋଗରେ ଅନେକ ଆକ୍ରାନ୍ତ ହେଲେଣି। ମହିଳାମାନେ ଦୂରଦୂରାନ୍ତରୁ କଳସୀ ଓ ବାଲ୍ଟିରେ ପାଣି ଆଣୁଥିବା ଦୃଶ୍ୟ ଏବେ ସାଧାରଣ ଘଟଣା ପାଲଟିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ପ୍ରାୟ ଛଅ ମାସ ପୂର୍ବରୁ ବିଡ଼ିଓ ଗାଁକୁ ଆସି ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏନେଇ ଗ୍ରାମବାସୀ ପ୍ରଶାସନଙ୍କୁ ଏକାଧିକ ଥର ଅବଗତ କରିଥିଲେ ମଧ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ ହୋଇ ନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୀଘ୍ର ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସୋର୍ଣ୍ଣପ୍ରଭା ଭଞ୍ଜ, ଛବି ମହାଳିକ, ଲକ୍ଷ୍ମୀପ୍ରିୟା ସାହୁ, ମାତାଜୀ ସାହୁ, ଅଖଜୀ ମହାଳିକ, ପ୍ରିତିରାଣୀ ଭଞ୍ଜ, ସୃତିରାଣୀ ଭଞ୍ଜ, ମାଳତୀ ସାହୁ, ମାତାଜୀ ଭଞ୍ଜ, ଜାନକୀ ଭଞ୍ଜ, ଦୌପ୍ରତି ଭଞ୍ଜ, ଗାୟତ୍ରୀ ଭଞ୍ଜ, ଦୀପାଳି ଭଞ୍ଜ, ଚିନ୍ମୟୀ ଭଞ୍ଜ, ଚେତାବନୀ ଦେଇଛନ୍ତି।

# ସୁମି ଜାରିକା ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ

ଶରତ,୧୧।୫(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ଧପଡା ରାଜସ୍ୱ ଗ୍ରାମର ଧନାସାହିରେ ଜଣେ ଆଦିବାସୀ ବୃଦ୍ଧା ତଥା ବିଧବା ମହିଳା ସୁମି ଜାରିକା ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ସେ ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାର ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେ ୨୦୨୦ରୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଥିଲେ ହେଁ ତାଙ୍କୁ ଭତ୍ତା ମିଳୁ ନ ଥିବା ଗଣମାଧମ ନିକଟରେ ଲୁହ ଛଳ ଛଳ ଆଖିରେ ଅଭିଯୋଗ କରିଛନ୍ତି। ସୁମି ଜାରିକାଙ୍କ ଦିବ୍ୟାଙ୍ଗ ପ୍ରମାଣ ପତ୍ରରେ ସେ ୬୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ଉଲ୍ଲେଖ ରହିଥିଲେ ମଧ ତାଙ୍କୁ ଏହି ଯୋଜନାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଗତ ପନ୍ଦର ଦିନ ପୂର୍ବେ ତାଙ୍କ ସ୍ୱାମୀ ସାନବାହାଦୁଲ ଜାରିକା ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବାବେଳେ ସେ ବର୍ତ୍ତମାନ ଏକୁଟିଆ ଦୁଃଖର ବଳୟ ଭିତରେ କାଳାତିପାତ



କରୁଛନ୍ତି। ତାଙ୍କ ସ୍ୱାମୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଯାହା ହରିଶ୍ଚନ୍ଦ୍ର ସହାୟତା ଯୋଜନା କୁହାଯାଉଛି, ସେହି ଯୋଜନାରେ ତାଙ୍କୁ ୨୦୦୦ ଟଙ୍କା ପ୍ରଦାନ କରାଯାଇ ନ ଥିବା ମଧ ଅଭିଯୋଗ କରିଛନ୍ତି। ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନାରେ ଘର ମିଳିନି। ସେ ଗୋଟିଏ ମାଟି ଘରେ ରହୁଛନ୍ତି। ଯାହା ଦୁଇଟି ଆଜବେଷ୍ଟସ ଦ୍ୱାରା ଆଚ୍ଛାଦିତ କରାଯାଇଛି । ତାଙ୍କର କେହି ସନ୍ତାନ ନାହାନ୍ତି। ଏହି ଅସହାୟ ବିଧବା ଦିବ୍ୟାଙ୍ଗ ମହିଳାଙ୍କୁ ତୁରନ୍ତ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବା ସହିତ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବାକୁ ସାମାଜିକ କର୍ମୀ ଗାମାଏ ରିମିଲ ସିଂ ଗୋଇପାଇ ଦାବି କରିଛନ୍ତି। ଏଥିପ୍ରତି ଉଭୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ବ୍ଲକ ପ୍ରଶାସନ ସୁମି ଜାରିକାଙ୍କ ଘରକୁ ଆସି ତାଙ୍କ ଦୁଃଖ ଶୁଣିବା ସହିତ ତାଙ୍କୁ ସମସ୍ତ ଆବଶ୍ୟକ ସେବା ଯୋଗାଇ ଦେବାକୁ ଶ୍ରୀ ଗୋଇପାଇ ନିବେଦନ କରିଛନ୍ତି।

● ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା

# ବିହାରରୁ ଆଉ ଜଣେ ଗିରଫ

ବଡବିଲ,୧୧।୫(ସମିସ): କେନ୍ଦୁଝର ଜିଲ୍ଲା ବଡବିଲ ସହରରେ ଥିବା ବ୍ୟାଙ୍କ ଅଫ ମହାରାଷ୍ଟ୍ରରୁ ଗତ ଜାନୁଆରୀ ୧୯ ତାରିଖରେ ହୋଇଥିବା ଡ଼କାୟତି ଘଟଣାରେ ସ୍ଥାନୀୟ ପୁଲିସ ଆଉ ଜଣକୁ ଗିରଫ କରିଛି। ପୂର୍ବରୁ ଏହି ଘଟଣା ରେ ୭ ଜଣ ଗିରଫ ହୋଇଥିବା ବେଳେ ଆଜି ଗିରଫ ସଂଖ୍ୟା ୮ ରେ ପହଞ୍ଚିଛି। ସୂଚନା ମୁତାବକ, ବିହାର ରାଜ୍ୟ ଅରବଲ ଜିଲ୍ଲା, ମେହେଣ୍ଡିଆ ଥାନା ଅଞ୍ଚଳର ରୌସନ କୁମାର ଅଲାଦୁ(୩୪ବର୍ଷ)କୁ ଗିରଫ କରାଯାଇଛି। ପୂର୍ବରୁ ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ସୁନା ଚେନ, ଗୋଟିଏ ସୁନା ମୁଦି, ଦୁଇଟି ମୋବାଇଲ ଫୋନ୍, ଦୁଇଟି ସ୍କାରପିଓ ଗାଡି, ଗୋଟିଏ ମଟର ସାଇକଲ ଜବତ କରାଯାଇଛି। ପ୍ରାୟ ୭ କେଜି ସୁନା ଅଳଙ୍କାର ଏବଂ ୪-୫ ଲକ୍ଷ ନଗଦ ଟଙ୍କା ଲୁଟ୍ ହୋଇଥିବା ଏହି ବ୍ୟାଙ୍କ ଡ଼କାୟତି ଘଟଣାରେ ଝାଡ଼ଖଣ୍ଡ ଓ ବିହାର ପ୍ରଦେଶର ଲୁଟେରାମାନେ ସଂପୃକ୍ତ ଥିବା ବେଳେ ଜାନୁଆରୀ ୨୪ ତାରିଖରେ ଝାଡଖଣ୍ଡ ପ୍ରଦେଶ ଧାନବାଦ ସହରରୁ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଏହାର ତିନି ଦିନ ପରେ ବିଲେଇପଦାରୁ ଜଣକୁ ଗିରଫ କରାଯାଇଥିଲା। ପ୍ରାୟ ଏକ ସପ୍ତାହ ପରେ ବିହାରରୁ ସିପୁ କୁମାରକୁ ଗିରଫ କରାଯାଇଥିଲା। ଏହି ଡ଼କାୟତି ଘଟଣାରେ ବିହାର ପାଟନାର ପ୍ରାୟ ୪ ଜଣ ସଂପୃକ୍ତ ଥିବାର ଜଣାଯାଇଛି। ଆହୁରି କିଛି ଡକାୟତଙ୍କୁ ଧରିବାକୁ ପ୍ରୟାସ ଜାରି ରହିଛି ବୋଲି ଥାନାଧିକାରୀ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି। ଗିରଫ ରୌସନକୁ ଅଦାଲତ ଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ବେଆଇନ ଚାଲାଣ: ଗୋରୁ ସହ ଭ୍ୟାନ୍ ଜବତ

ତୁରୁମୁଙ୍ଗା, ୧୧।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ନିହୁଆଁ ଛକ ନିକଟରୁ ତୁରୁମୁଙ୍ଗା ପୁଲିସ ସୋମବାର ଭୋରରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି। ଗାଡିର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ବେଳେ ଗାଡିକୁ ଜବତ କରି ଥାନାକୁ ଆଣି ଗାଡି ଭିତରୁ ୧୦ ଗୋରୁଙ୍କୁ ଉଦ୍ଧାର କରି ପଶୁ ଚିକିତ୍ସକଙ୍କ ଦ୍ୱାରା ଗୋରୁଗୁଡିକର ଚିକିତ୍ସା କାରାଯାଇ ରାଜନଗର ନନ୍ଦିନୀ ଗୋଶାଳାରେ ଛଡ଼ାଯାଇଛି। ୭ଟି ଗାଇ ଏବଂ ୩ଟି ବାଛୁରି ଥିବା ପୁଲିସ କହିଛି। ପାଟ୍ରୋଲିଂ ସମୟରେ ଏଏସଆଇ ଦେବେନ୍ଦ୍ର ମୁର୍ମୁ ଗାଡିକୁ ଧରି ଜବତ କରିଥିବା ବେଳେ ଏଏସଆଇ ସୁଜାତା ମହାନ୍ତ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଅର୍ଥ ତୋଷାରପାତ ଅଭିଯୋଗରେ ଡାକ କର୍ମଚାରୀ ନିଲମ୍ବିତ

ହାଟଡ଼ିହୀ,୧୧।୫(ସମିସ): ଅର୍ଥ ତୋଷାରପାତ ଅଭିଯୋଗରେ ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବଞ୍ଚୋ ଶାଖା ଡ଼ାକ କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଡ଼ାକ କର୍ମଚାରୀ ଜଣଙ୍କ ୧୯୯୨ରେ ଚାକିରିରେ ଯୋଗଦାନ କରିଥିଲେ। ତାଙ୍କ ଚାକିରି କାଳ ମଧ୍ୟରେ ସେ ଦୁଇ ଦୁଇଥର ଅର୍ଥ ତୋଷାରପାତ ଘଟଣା ଘଟାଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଇଛି। ଗତ ୧୯୯୬-୯୮ରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ବେଳେ ୨୦୨୪-୨୫ରେ ପାଖାପାଖି ୩ଲକ୍ଷ ଟଙ୍କାର ଅର୍ଥ ତୋଷାରପାତ କରିଥିବା ନେଇ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଆନନ୍ଦପୁର ଡାକ ନିରୀକ୍ଷକ କୁମାର ପ୍ରସାଦ ଜେନା କହିଛନ୍ତି। ମାର୍ଚ୍ଚ ପ୍ରଥମ ସପ୍ତାହରେ ଉକ୍ତ କର୍ମଚାରୀଙ୍କୁ ନିଲମ୍ବନ କରାଯାଇ କାର୍ଯ୍ୟରୁ ନିବୃତ୍ତ କରାଯାଇଛି। ସୂଚନା ଅନୁସାରେ, ପୂର୍ବରୁ ଡ଼ାକ କାର୍ଯ୍ୟାଳୟ ଉକ୍ତ କର୍ମଚାରୀଙ୍କ ଘରେ ଚାଲୁଥିଲା ବେଳେ ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଚାଲିଛି। ଲୋକଙ୍କୁ ଡ଼ାକ ସେବା ଯୋଗାଇବା ପାଇଁ ନିଲମ୍ବିତ କର୍ମଚାରୀଙ୍କ ବଦଳରେ ସହାୟକ ଶାଖା ପୋଷ୍ଟ ମାଷ୍ଟର ମାଟା ବାନାରାଙ୍କୁ ଶାଖା ପୋଷ୍ଟ ମାଷ୍ଟର ଭାବେ ବିଭାଗ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ହାତୀ ସହ ମଉଜ ଘଟଣାରେ ଆଉ ଜଣେ ଗିରଫ

ତୁରୁମୁଙ୍ଗା,୧୧।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ୍ ରୁଡିଆପଡ଼ାରେ କିଛି ଦିନ ତଳେ ଡେରା ପକାଇଥିବା ବେଳେ ହାତୀଙ୍କୁ ଠେଙ୍ଗାରେ ପିଟିବା, ଲାଞ୍ଜ ଟାଣିବା, ଡ୍ରୋନ ଓ ମୋବାଇଲ କ୍ୟାମେରା ସାହାଯ୍ୟରେ ହାତୀପଲଙ୍କ ଭିଡିଓ ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧମରେ ପୋଷ୍ଟିଂ କରିବା ନାବାଳକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ପୂର୍ବରୁ ୬ ଜଣଙ୍କୁ ବନ ବିଭାଗ ଗିରଫ କରିଥିବା ବେଳେ ସୋମବାର ଆଉ ଜଣେ ନାବାଳକକୁ କୋର୍ଟ ଚାଲଣ କରାଯାଇଥିବା ଜଣାପଡ଼ିଛି। ଘଟଗାଁ ରେଞ୍ଜ ତୋରାଣି ପୋଖରୀ ଗ୍ରାମର ଉକ୍ତ ଅଭିଯୁକ୍ତ ସହ ପୂର୍ବରୁ ସମ୍ପୃକ୍ତ ୨ ନାବାଳକଙ୍କୁ ରାଉରକେଲା ଜୁଭେଲାଇନ୍ କୋର୍ଟରେ ହାଜର କରାଯିବ ବୋଲି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଓ ବନପାଳ ନିରଞ୍ଜନ ସେଠୀ କହିଛନ୍ତି।

# ବିଦ୍ୟୁତ୍ ବିଭାଗ ମିଳିତ ମଞ୍ଚ ବିକ୍ଷୋଭ

ଉଦଳା,୧୧।୫(ସମିସ): ଟାଟା ପାୱାରର ଶ୍ରମିକ ମାରଣନୀତି ବିରୋଧରେ ତାତିଲେ ଠିକା କର୍ମଚାରୀ। କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଛଟେଇ ପ୍ରକ୍ରିୟାକୁ ତୀବ୍ର ବିରୋଧ କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉଦଳା ଟାଟା ପାୱାର ପକ୍ଷରୁ ଠିକା କର୍ମଚାରୀଙ୍କୁ ଛଟେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ନୋଟିସ ଦିଆଯାଇଛି। ଯାହାକୁ ନେଇ ତାତିଛନ୍ତି ଉଦଳା ଟିପିଏନଓଡ଼ିଏଲ ଅଧୀନରେ କାର୍ଯ୍ୟରତ କର୍ମଚାରୀ। ଉଦଳା ଡିଭିଜନ ଅଧିନରେ କାର୍ଯ୍ୟରତ ସମସ୍ତ ଛଟେଇ ପ୍ରକ୍ରିୟା ବନ୍ଦ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବା ସହିତ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



# ମହାବାହୁ ବାର୍ଷିକ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଉଦଳା,୧୧।୫(ସମିସ): ଭକ୍ତିଜ୍ଞାନ ସଞ୍ଚାର ସେବା ସମିତି ପକ୍ଷରୁ ଚଳିତ ବର୍ଷ ରଥଯାତ୍ରାରେ ପ୍ରକାଶ ପାଇବାକୁ ଯାଉଥିବା ଆଧ୍ୟାତ୍ମିକ ପୁସ୍ତକ ମହାବାହୁ ପାଇଁ ପ୍ରସ୍ତୁତି ବୈଠକ ମହାବାହୁର ମୁଖ୍ୟ ସମ୍ପାଦକ ଡ. ଦିଲ୍ଲୀପ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ପ୍ରମିଳା ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଇଂ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡାକ୍ତର ସଚିଦାନନ୍ଦ ପରିଡା ଯୋଗଦେଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ସହିତ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଧାତିକ ପୁସ୍ତକ ମହାବାହୁ ରଥଯାତ୍ରା ବିଶେଷାଙ୍କ ପ୍ରସ୍ତୁତି ଓ ମହାବାହୁ ବାର୍ଷିକ ଉତ୍ସବ ଆୟୋଜନ ଉପରେ ଆଲୋକପାତ କରିଥିଲେ। ଉକ୍ତ ବୈଠକକୁ ମହାବାହୁର ସମ୍ପାଦକ ରବିକାନ୍ତ ମହାପାତ୍ର ପରିଚାଳନା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଏଥିସହିତ ଜଗନ୍ନାଥ ପରମ୍ପରା




ଓ ସଂସ୍କୃତି ଉପରେ କବିତା, ପ୍ରବନ୍ଧ ଓ ଅନୁଭୂତିରେ ଜଗନ୍ନାଥ ଆଧାରିତ ଲେଖା ପଠାଇବାକୁ ଇଚ୍ଛୁକ ବ୍ୟକ୍ତି ଆସନ୍ତା ଜୁନ୍ ମାସ ୫ ତାରିଖ ସୁଦ୍ଧା ମୁଖ୍ୟ ସମ୍ପାଦକ ଡ. ଦିଲ୍ଲୀପ ଦୀକ୍ଷିତ, ସମ୍ପାଦକ ରବିକାନ୍ତ ମହାପାତ୍ର, ୱାର୍ଡନଂ୩, ନାଗପାଳ, ଉଦଳା, ମୟୂରଭଞ୍ଜ, ପିନ୍-୭୫୭୦୪ରେ ପଠାଇପାରିବେ। କିମ୍ବା ହ୍ୱାଟସ୍ଆପ୍ ନମ୍ବର ୯୪୩୮୨ ୦୦୮୩୬, ୯୯୩୭୧ ୫୧୩୧୦, ୯୪୩୮୩ ୧୯୦୭୮, ୯୮୫୩୪ ୩୦୨୨୪, ୯୪୩୮୪ ୫୫୬୬୦ରେ ପ୍ରେରଣ କରିପାରିବେ ବୋଲି ସମ୍ପାଦକ ସୂଚନା ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭକ୍ତିଜ୍ଞାନ ସଞ୍ଚାର ସେବା ସମିତିର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୋଥାଳ, ଶିକ୍ଷାବିତ୍ କିଶୋର ଦାସବାବୁ, ସହସମ୍ପାଦକ ପ୍ରାକ୍ତନ ପ୍ରାଧାପକ ଭୋଳାନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଶେଷରେ ମହାବାହୁର ସହସମ୍ପାଦକ ତଥା ଅଧାପକ ଦିଲ୍ଲୀପ କୁମାର ପ୍ରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଶତାୟୁ ଆମ୍ବ ଗଛ ଓ ବିଦ୍ୟୁତ୍ ତାର

ଗୋରୁମହିଷାଣୀ, ୧୧।୫(ସମିସ):

ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଲେଇଶୀଳା ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଗୋରୁମହିଷାଣୀ ବଜାରର ଅନେକ ସ୍ଥାନରେ ପୁରୁଣା ଗଛ ସବୁ ରହିଛି। ବିଶେଚରି ଆମ୍ବେଦକର ଛକ ପାଖରେ ରମେଶ ସାହୁ ଦୋକାନକୁ ଲାଗି ଶହେ ବର୍ଷର ଆମ୍ବ ଗଛ ରହିଛି। ଏହି ଗଛରୁ ଅନେକ ସମୟରେ ଡାଳ ଭାଙ୍ଗି ଅନେକ କ୍ଷତି କରୁଛି। ସେହିପରି ରାହୁଲ ଦୋକାନ, ଅନୀଲ ଦାସ ଦୋକାନ ପାଖରେ ମଧ ବହୁ ପୁରୁଣା ଆମ୍ବ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗୋରୁମହିଷାଣୀ ବଜାରରେ ସବୁ ସମୟରେ ଭିଡ଼ ରହୁଥିବାବେଳେ ଏଠାରେ ମଙ୍ଗଳବାର ହାଟ ହୋଇଥାଏ। ଶହ ଶହ ଲୋକଙ୍କ ସମାଗମ ହୋଇଥାଏ। ଅନେକ ସମୟରେ ଗଛର ଡାଳ ସବୁ ଭାଙ୍ଗି ଧନଜୀବନ ନଷ୍ଟ







ହୋଇଥାଏ। କିଛିବର୍ଷ ପୂର୍ବେ ଜଣେ ବ୍ୟକ୍ତିଙ୍କ ଡାଳ ପଡ଼ି ମୃତ୍ୟୁ ଘଟିଥିଲା। ବର୍ତ୍ତମାନ କାଳ ବୈଶାଖୀ ସମୟ ଥିବାରୁ ପ୍ରତ୍ୟେକ ଦିନ ପବନରେ ଡାଳ ଭାଙ୍ଗିବା ଦେଖାଯାଉଛି। କୁଲେଇଶିଳା ପଞ୍ଚାୟତରେ ଅଭିଯୋଗ କରାଯାଇଥିଲେ ହେଁ ଗଛ ଡାଳ କଟାଯାଉ ନ ଥିବା ଅଭିଯୋଗ ହେଉଛି।

ସେହିପରି ଆମ୍ବେଦକର ଛକ ପାଖରେ ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ତାର ବହୁତ୍ ତଳକୁ ଝୁଲି ଆସିଛି। ଫଳରେ ବଡ଼ ବଡ଼ ଗାଡ଼ି ତାର ସ୍ପର୍ଶରେ ଆସି ବିପଦ ଆଶଙ୍କା ସୃଷ୍ଟି କରୁଛି। ଏହି ଛକରେ ବହୁତ୍ ଭିଡ ଲାଗିଥାଏ ଓ ଏହା ଗୋରୁମହିଷାଣୀର ମୁଖ୍ୟ ରାସ୍ତା ଅଟେ। ଯାତ୍ରୀବାହୀ ବସ୍ ଏହି ରାସ୍ତାରେ ଯାତାୟାତ କରିଥାଏ। ଯାହାକି ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଆମ୍ବ ଗଛ ଡାଳ କାଟିବା ସହ ବିଦ୍ୟୁତ୍ ତାର ସଜାଡିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# କାଠ ବୋଝେଇ ପିକ୍ଅପ୍ ଜବତ

କୁଳିଅଣା,୧୧।୫(ସମିସ): କୁଳିଅଣା ବ୍ଲକ ରଙ୍ଗିବେଡ଼ା ବିଟ୍ରୁ କାଠ ବୋଝେଇ କରି ଆସୁଥିବା ଏକ ପିକ୍ଅପ୍କୁ ଜବତ କରାଯାଇଛି। ଏ ନେଇ ଚାନ୍ଦୁଆ ବନପାଳ ପଦ୍ମାବତୀ ବେହେରାଙ୍କ ସହିତ ଏକ ସତନ୍ତ୍ର ଟିମ୍ ପୂର୍ବରୁ ଖବର ପାଇ ଗାଡ଼ିକୁ ଅଟକାଇ ଥିଲେ। ଜବତ କାଠ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।



## ପରିବହନ ବିଭାଗର ଫାଇନ ଆଦାୟ ପ୍ରସଙ୍ଗ

# ଫାଇନ ଆଦାୟ ନାଁରେ ଓଡ଼ିଶାବାସୀଙ୍କୁ ଶୋଷଣ କରୁଛନ୍ତି ରାଜ୍ୟ ସରକାର: ବିଜେଡି

- ସଡ଼କ ଦୁର୍ଘଟଣା ରୋକିବାରେ ପରିବହନ ବିଭାଗ ବିଫଳ
- ଫାଇନ ଆଦାୟ ନାଁରେ ଜନତାଙ୍କ ଠାରୁ ଜିଜିଆ କର ଆଦାୟ କରୁଛନ୍ତି ସରକାର

ଭୁବନେଶ୍ୱର,୧୧।୫(ସମିସ): ରାଜ୍ୟରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱର ସଡ଼କ ଦୁର୍ଘଟଣାର ପେଣ୍ଠସ୍ଥଳୀ ପାଲଟି ଥିବାବେଳେ ପରିବହନ ବିଭାଗ ଦୁର୍ଘଟଣା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ପରିବହନ ବିଭାଗର ଅପାରଗତା କାରଣରୁ ରାଜ୍ୟରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଛି। ସାଧାରଣ ଜନତାଙ୍କ ସୁରକ୍ଷାକୁ ବେଖାତିର କରି ପରିବହନ ବିଭାଗ ଯେଣତେଣ ଉପାୟରେ କେମିତି ଲୋକଙ୍କ ଠାରୁ ଫାଇନ ଆଦାୟ କରାଯିବ, ସେଥିରେ ବ୍ୟସ୍ତ ରହୁଛି। ରାଜ୍ୟରେ ଚାଲୁଥିବା ସମସ୍ତ ଗାଡ଼ି ଓ ସାଧାରଣ ଜନତା ଭୁଲ୍ କରନ୍ତୁ ବା ନ କରନ୍ତୁ ତାକୁ ତର୍ଜମା ନକରି ଫାଇନ ଆଦାୟରେ ପରିବହନ ବିଭାଗ ମାତିଛି ବୋଲି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଉଦବେଗ ପ୍ରକାଶ କରିଛନ୍ତି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଥିଲେ ଯେ ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ ରାଜ୍ୟର ସମସ୍ତ ଆରଟିଓ ମାନଙ୍କ ପାଇଁ ଏକ ନିର୍ଦ୍ଦେନାମା ଜାରି କରି ଅର୍ଥ ଆଦାୟ ପାଇଁ ଟାର୍ଗେଟ ଦେଇଛନ୍ତି। ସେଥିପାଇଁ ଲୋକଙ୍କଠାରୁ ମୋଟା ଅଙ୍କର ଫାଇନ ବିଭିନ୍ନ ଆଳ ଦେଖାଇ ଆଦାୟ କରାଯାଉଛି। ଟ୍ରାଫିକ ବ୍ୟବସ୍ଥା ରାଜ୍ୟରେ ଠିକ୍ ଭାବେ ଚାଲୁଛି କି ନ ଚାଲୁଛୁ ତାକୁ ଅନୁଧ୍ୟାନ ନ କରି କେମିତି ସାଧାରଣ ଜନତାଙ୍କ ଠାରୁ ମୋଟା ଅଙ୍କର ଫାଇନ ଆଦାୟ ହେବ ସେଥିପାଇଁ ପରିବହନ କମିଶନର ଖସଡ଼ା ପ୍ରସ୍ତୁତ କରିଛନ୍ତି । ଦୁଃଖ ଓ ପରିତାପର ବିଷୟ ରାଜ୍ୟରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅକାଳରେ ନିରୀହ ଜୀବନ ଚାଲିଯାଉଛି। ସରକାରଙ୍କ ଏଥିପ୍ରତି ତିଳେ ହେଲେ ନିଘା ନାହିଁ। ରାତି ୧୦ଟା ପରେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରିବାର ନିୟମ ଥିବାବେଳେ ସନ୍ଧ୍ୟା ହେଲେ ପୁଲିସକୁ ହାତଗୁଞ୍ଜା ଦିଆଯାଇ ବେଧଡ଼କ ଭାବେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରୁଛି । କିଛି ଦିନ ତଳେ ଏକ ହାଇୱା ସହର ମଧ୍ୟରେ ୩ ଜଣ ନିରୀହ ପିଲାଙ୍କ ଉପରେ ଚଢ଼ାଇ ମାରିଦେଲା । ପରିବହନ କମିଶନର, ପୁଲିସ କମିଶନର ଓ ସହରରେ ପ୍ରତି ଛକରେ ଲାଗିଥିବା ଏଆଇ କ୍ୟାମେରା ଏପର୍ଯ୍ୟନ୍ତ ସେ ଗାଡ଼ିଟିକୁ ଧରିବାକୁ ସକ୍ଷମ ହେଲେ ନାହିଁ। ଛୋଟ ଛୋଟ ଭୁଲ୍ ପାଇଁ ଗାଡ଼ି ଚାଳକମାନେ ଲୋକ ଅଦାଲତରେ ଦୋଷ ସ୍ୱୀକାର କରି ଦେଉଥିବା ଫାଇନକୁ ଆଇନ ମନ୍ତ୍ରୀ କନଭିକ୍ସନ୍ ରେଟ୍ ବଢ଼ିଥିବା ନେଇ ଗଣମାଧ୍ୟମରେ ସୂଚନା ଦେବା ନିନ୍ଦନୀୟ। ଫାଇନ ଆଦାୟ ନାଁରେ ସରକାର ସାଧାରଣ ଜନତାଙ୍କ ଠାରୁ ଜିଜିଆ କର ଆଦାୟ କରିବା ବନ୍ଦ କରନ୍ତୁ। ନଚେତ୍ ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀରେ କହିଛନ୍ତି।

# ପୁଅର ଟାଙ୍ଗିଆ ଚୋଟରେ ମାଆ ମୃତ

ଲହୁଣୀପଡ଼ା,୧୧।୫(ସମିସ): ପୁଅର ଟାଙ୍ଗିଆ ଚୋଟରେ ମାଆର ମୃତ୍ୟୁ। ଏଭଳି ଏକ ଅଭାବନୀୟ ଘଟଣା କେବଲାଙ୍ଗ ଥାନା ଅନ୍ତର୍ଗତ ବିମଲାଗଡ ଝୁମ୍ପୁଡି ବସ୍ତିରେ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଉମାବତୀ ମାହାଲି (୪୫)। ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗତକାଲି ରାତି ପାଖାପାଖି ୮ଟା ବେଳେ କୌଣସି କାରଣକୁ ନେଇ ପୁଅ ବୁଧୁରାମ ମାହାଲି(୨୪) ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ମାଆ ଉମାବତୀ ମାହାଲି ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ବୁଝାଇବା ପାଇଁ ଯାଇଥିଲେ। ସେତିକିବେଳେ ନୃଶଂସ ପୁଅ ଟାଙ୍ଗିଆ ଉଠାଇ ମାଆର ମୁଣ୍ଡକୁ ଚୋଟ ପକାଇଥିଲା। ଘଟଣାସ୍ଥଳରେ ଉମାବତୀ ଗୁରୁତର ହୋଇ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। କିନ୍ତୁ କେହି ତାଙ୍କୁ ଡାକ୍ତରଖାନାକୁ ନେଇନଥିଲେ। ଫଳରେ ଆଜି ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ବଡ଼ ମାଆର ପୁଅ ସମା ମାହାଲି କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପଞ୍ଚନାମା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ବୁଧୁରାମ ମାହାଲିକୁ ଅଟକ ରଖି ପଚାରାଉଚୁରା ଜାରି ରଖିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

## ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲଟ୍ ପେପର ଜାରି ପ୍ରସଙ୍ଗ

# ସିଇଓଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର,୧୧।୫(ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଶାସକ ବିଜେପି ଦୁଇ ବିଧାକ ଦ୍ୱିତୀୟ ବାଲାଟ ବ୍ୟବହାର ଘଟଣାରେ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ସାକ୍ଷାତ କରିଛି ବିଜେଡି ପ୍ରତିନିଧି ଦଳ। ସାକ୍ଷାତ ସମୟରେ ବିଜେଡିର ପ୍ରତିନିଧି ଦଳ ନିଜର ଅଭିଯୋଗ ଏବଂ ଉଦ୍‌ବେଗ ଜଣାଇଥିଲେ। ବିଜେପି ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ବେଆଇନ ଭାବେ ଦ୍ୱିତୀୟ ବାଲାଟ ପେପର ବ୍ୟବହାର କରିଥିବା ବେଳେ ଏହି ଭୋଟଦ୍ୱୟକୁ ନାକଚ୍ କରାଯିବା ସହ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ବିଜୟୀ ଘୋଷଣା କରିବାକୁ ପ୍ରତିନିଧିମଣ୍ଡଳୀ ଦାବି ଉପସ୍ଥାପନ କରିଥିଲେ। ତେବେ ରାଜ୍ୟ ନିର୍ବାଚନ ଅଧିକାରୀ ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସମର୍ଥ ପ୍ରକାଶ କଲେ, ଯାହା ସବୁଠାରୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ବୋଲି ବିଜେଡିର ବରିଷ୍ଠ ବିଧାୟକ ତଥା ନିର୍ବାଚନରେ ବିଜେଡି ପକ୍ଷରୁ ନିଯୁକ୍ତ କାଉଣ୍ଟିଂ ଏଜେଣ୍ଟ ଡ. ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

**ଦୁଇ ଭୋଟ ନାକଚ ସହ ଦତ୍ତେଶ୍ୱରଙ୍କୁ ବିଜୟୀ ଘୋଷଣା ଦାବି**

**ଅଭିଯୋଗକୁ ବିଚାର କରିବା ପାଇଁ ଅସମର୍ଥତା ପ୍ରକାଶ କଲେ ସିଇଓ: ଅରୁଣ**

**ବିଜେପି ପ୍ରରୋଚନାରେ ଦ୍ୱିତୀୟ ବାଲଟ ଦେଇଥିଲେ ମୁଖ୍ୟ ନିର୍ବାଚନ ଅଧିକାରୀ**

ସିଇଓଙ୍କୁ ସାକ୍ଷାତ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡ. ସାହୁ କହିଛନ୍ତି ଯେ ରାଜ୍ୟ ନିର୍ବାଚନ କମିସନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ଭୋଟ ଦେଲା ବେଳେ ବ୍ୟବହାର ହେଉଥିବା କଲମରୁ ଅତ୍ୟାଧିକ କାଳି ବୋହିଗଲା। ଆଶ୍ଚର୍ଯ୍ୟର ବିଷୟ ଉକ୍ତ କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେଲାବେଳେ ବ୍ୟବହାର କରିଥିଲେ, କିନ୍ତୁ ସେଥିରୁ କାଳି ବୋହି ନ ଥିଲା ବେଳେ ବିଧାୟିକା ଉପାସନା ମହାପାତ୍ର ଭୋଟ ପାଇଁ ବ୍ୟବହାର କଲା ବେଳେ କେମିତି କାଳି ବୋହିଲା? ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଧାୟିକାଙ୍କ ଭୋଟ ନାକଚ୍ ହୋଇଥିଲା, ଯାହାକୁ ବିଜେଡି ଏଜେଣ୍ଟ ବିରୋଧ କରି ଅଭିଯୋଗ କରିଥିଲେ। କିନ୍ତୁ ନିର୍ବାଚନ ଅଧିକାରୀ ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲଟ ପ୍ରଦାନକରିଥିଲେ, ଯାହା ନିର୍ବାଚନର ନିୟମକୁ ଉଲ୍ଲଙ୍ଘନ କରୁଛି। ଯଦି ଭାରତବର୍ଷରେ ସମ୍ବିଧାନକୁ ରକ୍ଷା କରୁଥିବା ସଂସ୍ଥାମାନେ ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ନାହିଁ, ତାହା ହେଲେ ଦେଶରେ ଗଣତନ୍ତ୍ର ଦୁର୍ବଳ ହେବ। ଏହା ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେପିର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅନୈତିକ ଭାବେ ଦ୍ୱିତୀୟ ବାଲଟ ପେପର ଜାରି କରିଥିଲେ ନିର୍ବାଚନ ଅଧିକାରୀ; ଯାହା ନିର୍ବାଚନର ନୀତି ବିରୋଧୀ। ତେଣୁ ବିଜୁ ଜନତା ଦଳ ଏହାକୁ କଡ଼ା ବିରୋଧ କରି ଗତ ଏପ୍ରିଲ ୨୮ ତାରିଖରେ ଭାରତୀୟ ନିର୍ବାଚନ କମିସନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲା। ଏପ୍ରିଲ ୨୯ ତାରିଖରେ ଭାରତୀୟ ନିର୍ବାଚନ କମିଶସନର ରାଜ୍ୟ ନିର୍ବାଚନ କମିଶନରଙ୍କୁ ଏନେଇ ନିର୍ଦ୍ଦେଶ ଦେଇ ବିଜୁ ଜନତା ଦଳ ସହ ଏହି ପ୍ରସଙ୍ଗରେ ତୁରନ୍ତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶକ୍ରମେ ରାଜ୍ୟ ନିର୍ବାଚନ କମିସନର ଦେଇଥିବା ନିର୍ଦ୍ଧାରିତ ସମୟରେ ଆଜି ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲଟ ପେପର ବ୍ୟବହାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ରାଜ୍ୟ ନିର୍ବାଚନ ଅଧିକାରୀକୁ ଭେଟିଥିଲେ। ଏହି ସାକ୍ଷାତ ସମୟରେ ବିଜେଡି ପକ୍ଷରୁ ରାଜ୍ୟସଭା ନିର୍ବାଚନ ବେଳେ ବିଜେପିର ଦୁଇ ବିଧାୟକଙ୍କ ଦ୍ୱିତୀୟ ବାଲଟ ବ୍ୟବହାର ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ବିଜୟୀ ପ୍ରାର୍ଥୀ ଦିଲ୍ଲୀପ ପ୍ରାର୍ଥୀଙ୍କୁ ଉଭୟ ଉପାସନା ଏବଂ ପୂର୍ଣ୍ଣଚନ୍ଦ୍ରଙ୍କ ଭୋଟ ମିଳିଥିବା ବେଳେ ମୋଟ ଉପରେ ତାଙ୍କୁ ପ୍ରଥମ ପସନ୍ଦ ଭୋଟ ୨୩ଟି ମିଳିଥିଲା। ସମାନ ସଂଖ୍ୟକ ଭୋଟ ବିଜେଡି ଦ୍ୱାରା ଘୋଷିତ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ମଧ୍ୟ ମିଳିଥିଲା। ତେଣୁ ଏହି ଦୁଇଟି ଭୋଟ ନାକଚ ହେଲେ ପ୍ରଥମ ପସନ୍ଦ ଭୋଟ ଆଧାରରେ ଦତ୍ତେଶ୍ୱରଙ୍କୁ ବିଜୟୀ ଘୋଷଣା କରିବାକୁ ଯୁକ୍ତି ଦର୍ଶାଇଥିଲା ଦଳ। ଏହାସହ ଗତ ମାର୍ଚ୍ଚ ୧୬ ତାରିଖରେ ଦଳ ପକ୍ଷରୁ ହୋଇଥିବା ଅଭିଯୋଗର ବିଚାର କରିବାକୁ ଆଜି ଦାବି କରିଥିଲେ ପ୍ରତିନିଧିମଣ୍ଡଳୀ। ଏହାସହ ଦ୍ୱିତୀୟ ବାଲଟ ପେପରର ବେଆଇନ ପ୍ରଦାନ ଘଟଣାରେ ଏକ ସମୟବଦ୍ଧ, ସ୍ୱାଧୀନ ଏବଂ ସ୍ୱଚ୍ଛ ତଦନ୍ତ ଏବଂ ବାଲଟ ପେପର ହିସାବ, ଭିଡିଓ ରେକର୍ଡିଂ ଏବଂ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ସମେତ ସମସ୍ତ ପ୍ରାସଙ୍ଗିକ ଆଇନଗତ ରେକର୍ଡକୁ ସୁରକ୍ଷିତ ରଖାଯାଉ ବୋଲି ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଥିଲା। ଏତଦ୍ ବ୍ୟତୀତ ନିର୍ବାଚନ ପରିଚାଳନା ନିୟମ, ୧୯୬୧ର ରୁଲ-୪୧ର ଉଲ୍ଲଂଘନ ହୋଇଛି କି ନାହିଁ, ସେନେଇ ଅନୁସନ୍ଧାନ କରିବାକୁ ଦାବି କରିଥିଲେ ପ୍ରତିନିଧିମଣ୍ଡଳୀ। ମାତ୍ର ଦାବିଗୁଡ଼ିକ ଉପରେ କୌଣସି ପଦକ୍ଷେପ ନେବାକୁ ସିଇଓ ଅସମର୍ଥତା ପ୍ରକାଶ କରିଥିବା ଜଣାପଡ଼ିଛି। ବିଜେଡି ପ୍ରତିନିଧିମଣ୍ଡଳୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଡ. ଅରୁଣ କୁମାର ସାହୁ, ସାଂସଦ ଡ. ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ ସାମିଲ ଥିଲେ।



# ଜଙ୍ଗଲକଟାକୁ ବିରୋଧ କରିବାରୁ ବୁଲିଲା ଖଣ୍ଡା



**ଉତ୍ୟକ୍ତ ଲୋକଙ୍କ ବୈଶିଙ୍ଗା-ରୁପ୍ସା ରାସ୍ତା ଅବରୋଧ**

ବୈଶିଙ୍ଗା/ବେତନଟୀ, ୧୧।୫ (ସମିସ): ଜଙ୍ଗଲ କଟାକୁ ବିରୋଧ କରିବାରୁ ବୁଲିଲା ଖଣ୍ଡା। ମୟୂରଭଞ୍ଜ ଜିଲ୍ଲା ପୁରୁଣିଆ ପଞ୍ଚାୟତର ପଥରସାହି ଗ୍ରାମରେ ଏପରି ଏକ ଘଟଣା ଘଟିଛି। ଜଙ୍ଗଲ କାଟିବା ପାଇଁ ଅନୁମତି ପ୍ରଦାନକୁ ନେଇ ଗ୍ରାମବାସୀ ବିରୋଧ କରିଥିଲେ। ଗତକାଲି ଜଙ୍ଗଲ କାଟିବାକୁ ଆସିଥିବା ଯୁବକମାନେ ଧମକଚମକ ଦେବା ସହ ଖଣ୍ଡା, ଭୁଜାଲି ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ। ଏ ସଂପର୍କରେ ଗତକାଲି ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ, ପୁଲିସ କୌଣସି ପଦକ୍ଷେପ ନ ନେବାରୁ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଥିଲା। ତେବେ ଆଜି ପୁଣି ଅଭିଯୁକ୍ତମାନେ ବିଜେପି ନେତା ଚନ୍ଦ୍ରହାସ୍ୟ ପାଣିଗ୍ରାହୀଙ୍କ ଘର ସମ୍ମୁଖରେ ଖଣ୍ଡା, ଭୁଜାଲି ବୁଲାଇବା ସହ ଧମକ ଦେଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକ ବୈଶିଙ୍ଗା-ରୁପ୍ସା ରାସ୍ତା ଅବରୋଧ କରିଥିଲେ। ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସେମାନେ ଅଭିଯୋଗ କରିଥିଲେ।

**ସପ୍ତାହକରେ ତିନୋଟି ଭିଡ଼ ହତ୍ୟା**

# ସରକାରୀ ନିଷ୍କ୍ରିୟତାକୁ ନେଇ ବର୍ଷିଲା କଂଗ୍ରେସ



ଭୁବନେଶ୍ୱର,୧୧।୫(ସମିସ): ରାଜ୍ୟରେ କ୍ରମାଗତ ହତ୍ୟା, ଲୁଣ୍ଠନ, ଗଣ ଦୁଷ୍କର୍ମ ତଥା ଉଦବେଗଜନକ ଅମାନବୀୟ ମବ ଲିଂଚିଂ ହତ୍ୟାରେ ଅହେତୁକ ବୃଦ୍ଧି ପାଇଛି। ଗତ ସପ୍ତାହ ମଧ୍ୟରେ ତିନି ତିନୋଟି ଭିଡ଼ ଜନିତ ହତ୍ୟାକାଣ୍ଡ ଘଟିଛି। ଆଇନ ଶୃଙ୍ଖଳା ଅବସ୍ଥା ଏଭଳିସ୍ତରକୁ ଆସିଲାଣି ଯେ, ରାଜ୍ୟର ଜଣେ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାରଙ୍କୁ ରାଜଧର୍ମ ପାଳନ ପାଇଁ ଚେତାଇବାକୁ ପଡୁଛି। ରାଜ୍ୟର ଭୁଶୁଡି ପଡ଼ିଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ବିରୋଧରେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟ ଘେରିଛି କଂଗ୍ରେସ। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବିଶାଳ ପ୍ରତିବାଦ ଓ ଘେରାଓ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟରେ ଅପରାଧ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଅମାନବୀୟ ଭିଡ଼ ହିଂସା ହତ୍ୟାକାଣ୍ଡ ବଢୁଥିଲେ ମଧ୍ୟ ଏସବୁର ପ୍ରତିକାର ପାଇଁ ସରକାର କିମ୍ବା ମୁଖ୍ୟମନ୍ତ୍ରୀ କାହା ପାଖରେ ସମୟ ନାହିଁ। ପୁଲିସ ଫୋର୍ସ ଅପରାଧୀଙ୍କୁ ଘୋଡ଼େଇବାରେ ବ୍ୟସ୍ତ ରହୁଛି। ଅପରାଧୀମାନେ ବିଜେପି, ଆରଏସଏସ ଓ ଭିଏଚପିରେ ମିଶି ଯାଉଛନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ସାଧାରଣ ଜନତା ମଧ୍ୟ ସାହସ ପାଇ ଏଭଳି ଭିଡ ହିଂସା କରିବାକୁ ପ୍ରଶ୍ରୟ ପାଉଛନ୍ତି। ବିଚ ରାସ୍ତାରେ ଲୋକଙ୍କୁ ପିଟିପିଟି ମାରି ଦେଉଛନ୍ତି। ଏ ସରକାରଙ୍କ ବିରୋଧରେ ଯେତେ କହିଲେ ମଧ କମ ପଡ଼ିବ। ସରକାର ନିର୍ଲଜତାର ସୀମା ପାରି ହୋଇ ସାରିଲେଣି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଛି ଓ ପୁଲିସ ସମ୍ପୂର୍ଣ୍ଣ ରୂପେ ସରକାରୀ ଦଳର ହାତ ବାରିସୀ ସାଜି କାମ କରୁଛି ବୋଲି କହିଛନ୍ତି। ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବା ପାଇଁ ଦାବି କରିବା ସହ ଦୋଷୀ ମାନଙ୍କୁ ତୁରନ୍ତ ଦଣ୍ଡ ମିଳିବା ଓ ପୁଲିସ ଅଫିସର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଜିର ଏହି ଘେରାଓ ଓ ପ୍ରତିବାଦ

**ପୁଲିସ କମିସନରେଟ୍ ଘେରିଲେ ନେତା ଓ କର୍ମୀ**

କାର୍ଯ୍ୟକ୍ରମରେ ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା, ଖୋର୍ଦ୍ଧା ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଅବଶିଷ୍ଟାଂଶ...

### ବଙ୍ଗୋପସାଗରରେ ଲଘୁଚାପ...

ଯୋଗୁଁ ବିଜୁଳି ଘଡ଼ଘଡ଼ି ସମେତ ବର୍ଷା ପବନ ଅନୁଭୂତ ହୋଇଛି।

ମଙ୍ଗଳବାର ମଧ୍ୟ ଅନେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ବେଗରେ ପବନ ବହିବା ଯୋଗୁଁ କିଛି କିଛି ସ୍ଥାନରେ ଗଛ ଡାଳ ଭାଙ୍ଗିଛି। ଏହି କ୍ରମରେ ମଙ୍ଗଳବାର ପାଇଁ ରାଜ୍ୟର ୧୭ଟି ଜିଲ୍ଲାକୁ ବିଜୁଳି, ଘଡଘଡି ସହ ବର୍ଷା ସମ୍ଭାବନା ଆକଳନ କରି ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ଆଗାମୀ ୨ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନଥିବା ବେଳେ ଏହା ପରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଗତ ୨୪ ଘଣ୍ଟାରେ ୮ଟି ଜିଲ୍ଲାରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି।

### ପୁଣି ସୁପ୍ରିମକୋର୍ଟ...

କରିବାରୁ କୋର୍ଟ କହିଲେ ଯେ ସମୟସୀମା ମଧ୍ୟରେ ମାମଲାର ସମାଧାନ ଜରୁରୀ। ତେଣୁ ଟ୍ରିବୁନାଲ ବ୍ୟବସ୍ଥାରେ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ।

ସୂଚନାଯୋଗ୍ୟ ଯେ ବିବାଦୀୟ ଏସ୍ଆଇଆର୍ ମଧ୍ୟରେ ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ହୋଇଥିଲା ଏବଂ ଏଥିରେ ବିଜେପି ୨୦୭ ଆସନ ପାଇଥିବା ବେଳେ ଟିଏମସି ଆସନ ସଂଖ୍ୟା ୮୦କୁ ହ୍ରାସ ପାଇଥିଲା। ନିର୍ବାଚନରେ ୯୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ଏସ୍ଆଇଆର୍ ପ୍ରକ୍ରିୟା ବେଳେ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କାଟି ଦିଆଯାଇଥିଲା। ଟିଏମସି ଅଭିଯୋଗ କରିଥିଲା ଯେ ଏସ୍ଆଇଆର୍ ପ୍ରକ୍ରିୟା ବେଳେ ଏହାର ଭୋଟରଙ୍କୁ ନିର୍ଦ୍ଦିଷ୍ଟ ଭାବେ ଟାର୍ଗେଟ କରି କାଟି ଦିଆଯାଇଛି। ଟିଏମସିକୁ ହରାଇବା ଲାଗି ବିଜେପି ଏବଂ ନିର୍ବାଚନ କମିସନ ଏଭଳି ଅସାଧୁ ମେଣ୍ଟ କରିଥିଲେ ବୋଲି ପାର୍ଟି ଅଭିଯୋଗ କରିଥିଲା। ନିର୍ବାଚନ କମିସନଙ୍କ ତଥ୍ୟ ଅନୁଯାୟୀ ୨୦୨୧ ନିର୍ବାଚନରେ ଯେଉଁଠି ଟିଏମ୍ସି ଭଲ ପ୍ରଦର୍ଶନ କରିଥିଲା, ସେଠାରେ ଏସଆଇଆର ବେଳେ ସର୍ବାଧିକ ଭୋଟର କଟିଛନ୍ତି। ତଥାପି ଭୋଟର କାଟ୍ ସତ୍ତ୍ୱେ କିଛି ଆସନରେ ଟିଏମସି ଭଲ ଭୋଟ ବ୍ୟବଧାନରେ ଜିତିଛି। ଯେଉଁ ୨୧ଟିଆସନରେ ୨୦ ପ୍ରତିଶତରୁ ଅଧିକ ଭୋଟର କଟିଛନ୍ତି, ସେଥିମଧ୍ୟରୁ ପାଖାପାଖି ୧୦ ଆସନରେ ବିଜେପି ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

### ତେଲ ମାଡ଼ରେ...

ଦୋହଲାଇଦେଇଛି। ଦୁଇ ପ୍ରମୁଖ ସୂଚକାଙ୍କ ସେନ୍ସେକ୍ସ ଏବଂ ନିଫ୍ଟି ଦେଢ ପ୍ରତିଶତ ଯାଏ ହ୍ରାସ ପାଇଛି। କାରବାର ଶେଷ ବେଳକୁ ସେନ୍ସେକ୍ସରେ ୧୩୭୦ ପଏଣ୍ଟ ହ୍ରାସ ଘଟି ୭୫,୯୫୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୩୭୫ ପଏଣ୍ଟରୁ ଅଧିକ ହ୍ରାସ ପାଇ ୨୩,୮୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଦିନର କାରବରେ ମିଡ୍କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ସଗୁଡିକ ଆଜି ଚାପରେ ରହିଥିଲା। ପୂର୍ବ କାରବାର ଦିନ ମେ' ୮ରେ ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ୪.୭୩ ଲକ୍ଷ କୋଟି ଟଙ୍କା ରହିଥିଲା। ଆଜିର କାରବାରରେ ଏହା ହ୍ରାସ ପାଇ ୪.୬୭ ଲକ୍ଷ କୋଟି ଟଙ୍କା ହୋଇଛି। ଏହାର ଅର୍ଥ ହେଉଛି ନିବେଶକଙ୍କୁ ଆଜି ବଜାର କାରବାରରେ ୫.୬୭ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ସେନ୍ସେକ୍ସରେ ତାଲିକାଭୁକ୍ତ ୩୦ ସେୟାର ମଧ୍ୟରୁ କେବଳ ୬ଟି ସେୟାର ସବୁଜ ସଙ୍କେତ ସହ ବନ୍ଦ ହୋଇଛି।

### ଚାଷୀ ମାଗିଲେ...

ସେହିପରି, ପରିବାରର ଗୁଜୁରାଣ, ଛୁଆଙ୍କ ପାଠପଢ଼ା ମଧ୍ୟ ତୁଲାଇ ପାରୁନାହାନ୍ତି। ଏଥିରେ ଅତିଷ୍ଠ ହୋଇ ସେ ଜୀବନ ହାରିବାକୁ ସ୍ଥିର କରିଛନ୍ତି। ତେଣୁ, ସେ ଇଚ୍ଛାମୃତ୍ୟୁ ପାଇଁ ସରକାରଙ୍କୁ ଆବେଦନ କରିଛନ୍ତି।

### ନୟାଗଡ଼ରେ ଆକ୍ରୋଶ...

ରାଜପଥକୁ ଅବରୋଧ କରିଥିଲେ। ଅପରପକ୍ଷେ, ମୃତକଙ୍କ ବାପା ସଦାଶିବ ସାହୁଙ୍କ ଅଭିଯୋଗ ଆଧାରରେ ଓଡ଼ଗାଁ ଥାନା ପୁଲିସ ପୂର୍ଣ୍ଣଚନ୍ଦ୍ର ନାୟକ, ମୁନା ସାହୁ, ଜଗନ୍ନାଥ ପଣ୍ଡା, କୁଲୁ ଭଞ୍ଜ ସମେତ ମୋଟ ୬ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ଥାନାରେ ନମ୍ବର ୧୨୩/୨୬ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ପାଇଁ ପୁଲିସର ଏକ ଟିମ୍ ଗଠନ ହୋଇଛି। ସେହିପରି, ଏହି ଘଟଣାରେ ଓଡ଼ଗାଁ ଥାନା ଏଏସ୍ଆଇ ମନୋରଞ୍ଜନ ଦେହୁରୀଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି।

ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ମୃତଦେହକୁ ଓଡ଼ଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ଡାକ୍ତର ନିଳାଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ ପରୀକ୍ଷା ପାଇଁ କଟକ ପଠାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ରାଞ୍ଚଳ ପୁଲିସ୍ ଆଇଜି ଡ. ସତ୍ୟଜିତ ନାୟକ, ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତର ସମୀକ୍ଷା କରିଛନ୍ତି।

ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ସାଢ଼େ ୧ଟାରୁ ୨ଟା ମଧ୍ୟରେ ଏହି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। କଦଳୀବନ୍ଧ ଅଞ୍ଚଳର ଏକ ସାହିରେ ଦୁଇଟି ୪୦୭ ଟ୍ରକ୍‌ରେ ବେଆଇନ ଭାବେ ମାଙ୍କଡ଼ା ପଥର ଅନଲୋଡ୍ କରାଯାଉଥିଲା। ଏହା ଦେଖି ଅଜିତ ଓ ତାଙ୍କ ସହଯୋଗୀ ସନ୍ତୋଷ ପ୍ରଧାନ ଓଡ଼ଗାଁ ପୁଲିସକୁ ଖବର ଦେଇଥିଲେ। କିନ୍ତୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିନଥିଲା। ଖବର ପାଇ ଟ୍ରକ୍ ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଜିତ୍ ଏବଂ ସନ୍ତୋଷ ସହ ଆଲୋଚନା କରୁଥିବା ବେଳେ ଏକ ବୋଲେରୋ ଓ ବାଇକ୍‌ରେ ଅନ୍ୟ କିଛି ଅଭିଯୁକ୍ତ ସେଠାରେ ଆସି ପହଞ୍ଚିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ପରେ ଘଟଣା ଉଗ୍ରରୂପ ନେଇଥିଲା। ଅଭିଯୁକ୍ତମାନେ ଗାଡ଼ିରୁ ଧାରୁଆ ଅସ୍ତ୍ର ବାହାର କରି ଅଜିତଙ୍କୁ ଆକ୍ରମଣ କରିଥିଲେ। ଅଜିତ ପ୍ରତିରୋଧ କରିବାରେ ବିଫଳ ହୋଇ ତଳେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ତାଙ୍କ ଦୁଇ ହାତକୁ ମଧ୍ୟ ହାଣି ଦେଇଥିଲେ। ଏହା ଦେଖି ସହଯୋଗୀ ସନ୍ତୋଷ ପ୍ରଧାନ ଜୀବନ ବିକଳରେ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ।

ଖବର ପାଇ ପରିବାର ଓ ସ୍ଥାନୀୟ ଲୋକେ ରାତି ପ୍ରାୟ ୩ଟାରୁ ୨୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୁଇ ପାର୍ଶ୍ୱରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ୫ଟି ଦାବି ରଖିଥିଲେ। ବେଆଇନ ମାଙ୍କଡ଼ା ଖଣି କାରବାର ବନ୍ଦ, ଏଏସ୍ଆଇ ମନୋରଞ୍ଜନ ଦେହୁରିଙ୍କୁ ନିଲମ୍ବନ, ପରିବାରକୁ କ୍ଷତିପୂରଣ, ୭ ଦିନ ମଧ୍ୟରେ ଦୋଷୀଙ୍କୁ ଗିରଫ ଏବଂ ଫାଶୀ ଦେବା ପାଇଁ ଦାବି କରିଥିଲେ। ଉତ୍ତେଜନା ବଢ଼ିବାରୁ ସେଠାରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ ପ୍ରମୁଖ ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦିନ ପ୍ରାୟ ୧୧ଟାରେ ଅବରୋଧ ହଟିଥିଲା।

### ଯୁବକଙ୍କୁ ହତ୍ୟା ...

ଘରକୁ ଆସିବା ପାଇଁ ବାହାରିଥିଲେ। କିନ୍ତୁ ଘରେ ପହଞ୍ଚିନଥିଲେ। ସଞ୍ଜୟଙ୍କ ମାଆଙ୍କଠାରୁ ମିଳିଥିବା ସୂଚନାନୁସାରେ, ସଞ୍ଜୟ ବାଲିସାହି ଗ୍ରାମର ଜଣେ ମହିଳାଙ୍କୁ ଭଲ ପାଉଥିଲେ। ଏହାକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିୟା, ଏଏସ୍ଆଇ ଶାହା ଆଲାମ ଖାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଆସନ୍ତାକାଲି ସାଇଣ୍ଟିଫିକ୍ ଟିମ୍ ଆସିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଓଡ଼ଗାଁ ଥାନା ଅଞ୍ଚଳରେ ଗତରାତିରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହାଣି ହତ୍ୟା କରାଯାଇଥିବା ବେଳେ ଗଣିଆ ଥାନା ଅଞ୍ଚଳର ଏହି ଘଟଣା ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଆଇନକୁ ଭୟ...

କରୁଛନ୍ତି। ପରିସ୍ଥିତି ଏମିତି ଯେ, ଯୁବକ ଜଣକ ମୁହଁ ମାଡ଼ି ପଡ଼ି ଯାଉଥିବା ବେଳେ ଉଠିବାକୁ ସୁଯୋଗ ପାଉ ନାହାନ୍ତି। ସୋର ଓ ରାୟଗଡ଼ାରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ରାୟଗଡ଼ା ସହରରେ ଜଣେ ଯୁବକକୁ ଗୁଳିକରି ହତ୍ୟା ପରେ ନାଗାବଳୀ ନଦୀ ତଟରେ ଫିଙ୍ଗି ଦେଇଛନ୍ତି। ସୋରରେ ଜଣେ ମହିଳାଙ୍କୁ କଟୁରିରେ ହାଣି ହତ୍ୟା କରାଯାଇଛି। ପୁଲିସ ବି ଏଥିରୁ ବାଦ ପଡ଼ିନାହିଁ। ଜଣେ ଅଟୋ ଡ୍ରାଇଭର ଜନୈକ ମହିଳା କନଷ୍ଟେବଲଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଛନ୍ତି।


ବଲାଙ୍ଗୀରରେ ଘଟିଥିବା ଘଟଣା ଆହୁରି ସ୍ପର୍ଶକାତର। ନ୍ୟାୟ ଦେବାରେ ପୁଲିସର ବିଫଳତା ଜଣେ ଯୁବକଙ୍କ ଜୀବନ ନେଇଛି। ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି, କ୍ରୋଧାନ୍ୱିତ ଲୋକମାନେ ପ୍ରତିବାଦ ସ୍ୱରୂପ ଥାନା ଆଗରେ ଯୁବକଙ୍କ ଶବ ରଖି ବାଣ ଫୁଟାଇ ପ୍ରତିବାଦ କରିଛନ୍ତି। ସମ୍ବଲପୁରରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଲୋକମାନେ ଏକତ୍ରିତ ହୋଇ ସଙ୍ଗଠିତ ଅପରାଧ ଓ ଭିଡ଼ ହିଂସା ଭିଆଉଛନ୍ତି। ଆକ୍ରମଣର ଦୃଶ୍ୟ ଯେତିକି ହୃଦୟ ବିଦାରକ ସେତିକି ସମ୍ବେଦନଶୀଳ। ପରିସ୍ଥିତି ଏମିତି ହେଲାଣି, ପୁଲିସର ଅସହାୟତାକୁ ଲୋକେ ଉପହାସ କରୁଛନ୍ତି। ଆଇନଶୃଙ୍ଖଳା ପ୍ରତି ଲୋକଙ୍କର ଭୟ ନାହିଁ। ପୁଲିସ କେବଳ ଉଚ୍ଚସ୍ତରୀୟ ବୈଠକ, ରୋଲକଲ୍, ବ୍ରିଫିଂ ପରେଡ଼ କରି ଆଇନଶୃଙ୍ଖଳା ସଜାଡ଼ିବା ପାଇଁ ଯୋଜନା ଚଳାଇଛି। ମାତ୍ର ରାଜ୍ୟର ଅବସ୍ଥା ଦିନକୁ ଦିନ ରସାତଳକୁ ଯାଉଛି।

### ଶୀର୍ଷ ସ୍ଥାନ ଲାଗି ପଞ୍ଜାବ କିଙ୍ଗସର ଜୋରଦାର ପ୍ରୟାସ

# ପ୍ରିୟାଂଶ ଓ ଶ୍ରେୟସଙ୍କ ବିସ୍ଫୋରକ ଅର୍ଦ୍ଧଶତକ



**ଧର୍ମଶାଳା,୧୧।୫(ଏଜେନ୍ସି):** ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟ ଓ ଅଧିନାୟକ ଶ୍ରେୟସ ଆୟରଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ସହ ଆଜି ଅନୁଷ୍ଠିତ ଆଇପିଏଲ୍‌ର ୫୫ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୧୦ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ସର୍ବାଧିକ ଅପରାଜିତ ୫୯ ଓ ପ୍ରିୟାଂଶ ଆର୍ଯ୍ୟ ୨୪ ବଲ୍‌ରେ ୫୦ ରନ୍ ପୂରଣ କରିବା ପରେ ୩୩ବଲ୍‌ର ସାମ୍ନା କରି ୨ ଚୌକା ଓ ୬ ଛକା ସହ ୫୬ରନ୍‌ରେ ଆଉଟ ହୋଇଥିଲେ। ସେ ଓ ପ୍ରଭସିମରନ ସିଂହଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଦଳ ୨.୪ ଓଭରରେ ୫୦ରନ୍ ପୂରଣ କରିଥିଲା ଓ ପ୍ରଥମ ୱିକେଟରୁ ୪୧ବଲ୍‌ରେ ୭୮ ରନ୍ ଉଠାଇଥିଲା। କିନ୍ତୁ ଉଭୟ ଖେଳାଳି ୧୯ରନ୍ ମଧ୍ୟରେ ପାଭିଲିଅନ ଫେରିଯାଇଥିଲେ। ପ୍ରଭସିମରନ ୧୫ବଲ୍‌ରେ ୧୮ରନ୍ କରିଥିଲେ। ୯୭ ରନ୍‌ରେ ଦ୍ୱିତୀୟ ୱିକେଟ ପତନ ପରେ ଆୟର ଓ କୁପର କନୋଲୀ ୫୩ବଲ୍‌ରୁ ୮୩ ରନ୍ ଉଠାଇ ପଞ୍ଜାବକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। କନୋଲୀ ୨୭ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୩୮ ରନ୍ କରିଥିଲେ। ଆୟର ୩୬ବଲ୍‌ରୁ ୫ଚୌକା ଓ ୩ଛକା ସହ ୫୯ ଓ ସୂର୍ଯ୍ୟାଂଶ ଶେଡ୍‌ଗେ ୮ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ୨୧ ରନ୍‌ରେ ଅପରାଜିତ ରହିଥିଲେ। ମାର୍କସ ଷ୍ଟୋଇନିସ ୧ ଓ ଶଶାଙ୍କ ସିଂ ୦ ରନ୍ କରି ଫେଲ୍ ମାରିଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ଇନିଂସର ପ୍ରଥମ ଓଭରରେ ୨୨ ରନ୍ ବ୍ୟୟ କରିଥିଲେ। ଏହା ପରେ ଲୁଙ୍ଗି ଏନ୍‌ଗିଡି ତୃତୀୟ ଓଭରରେ ୧୭ରନ୍ ବ୍ୟୟ କରିବା ଫଳରେ ପଞ୍ଜାବ ୨.୪ ଓଭରରେ ୫୦ରନ୍ ପୂରଣ କରିଥିଲା। ଆଇପିଏଲ୍‌ରେ ଟିମ୍ ଅର୍ଦ୍ଧଶତକରେ ଏହା ଦ୍ରୁତତମ। ବ୍ୟୟବହୁଳ ବୋଲିଂ କରିଥିବା ଷ୍ଟାର୍କ ଓ ନବାଗତ ତିୱାରୀଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।



**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ହାଇଦରାବାଦ
ଭେନ୍ୟୁ-ଅହମ୍ମଦାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ପ୍ଲେ ଅଫ୍‌ରୁ ମୁମ୍ବାଇ ବାଦ୍ ପଡ଼ିଲା

ରାୟପୁର: ଭୁବନେଶ୍ୱର କୁମାର (୪/୨୩)ଙ୍କ ଘାତକ ବୋଲିଂ ଏବଂ କ୍ରୁନାଲ ପାଣ୍ଡ୍ୟା (୪୬ବଲ୍‌ରେ ୭୩ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୫୪ତମ ଲିଗ୍ ମ୍ୟାଚ୍‌ର ଶେଷ ବଲରେ ମୁମ୍ବାଇ ଇଣ୍ଡିଆନ୍ସକୁ ୨ ୱିକେଟରେ ପରାସ୍ତ କରିଛି। ଏହା ଫଳରେ ଏକାଦଶ ମ୍ୟାଚ୍‌ରୁ ୭ମ ବିଜୟ ସହ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ଅଧିକାର କରିଛି। ସନ୍‌ରାଇଜର୍ସ ହାଇଦରାବାଦ୍ ଓ ଗୁଜରାଟ ଜାଏଣ୍ଟସ ପଏଣ୍ଟ ଟେବୁଲର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ଗୁଜରାଟ | ୧୧ | ୭ | ୪ | ୦ | ୧୪ | +୦.୨୨୮ |
| ପଞ୍ଜାବ* | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ଚେନ୍ନାଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ* | ୧୧ | ୪ | ୭ | ୦ | ୮ | -୧.୧୫୪ |
| ମୁମ୍ବାଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ବାର୍ସିଲୋନାକୁ ୨୯ତମ ଲା ଲିଗା ଟାଇଟଲ୍

**ବାର୍ସିଲୋନା, ୧୧।୫ (ଏଜେନ୍ସି):** ସ୍ପାନିଶ ଫୁଟ୍‌ବଲ ଲିଗ୍‌ର ଚଳିତ ୯୫ତମ ସଂସ୍କରଣରେ ବାର୍ସିଲୋନା କ୍ଲବ ବାଜିମାତ୍ କରିଛି। ଗତକାଲି ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ବାର୍ସିଲୋନା ୨-୦ ଗୋଲ୍‌ରେ ଅନ୍ୟତମ ଫେଭରାଇଟ୍ ଦଳ ରିଅଲ ମାଦ୍ରିଦକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧର ୯ମ ଓ ୧୮ତମ ମିନିଟରେ ଯଥାକ୍ରମେ ମାର୍କସ ରଶଫୋର୍ଡ ଓ ଫେରାନ ଟୋରେସ ବାର୍ସିଲୋନା ପାଇଁ ଏହି ବିଜୟସୂଚକ ଗୋଲ୍ ଦେଇଥିଲେ। ଫଳରେ ଚଳିତ ସିଜନରେ ୩୫ତମ ମ୍ୟାଚରୁ ୩୦ତମ ବିଜୟ ସହ ବାର୍ସିଲୋନା ୯୧ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିବା ସହ ଟ୍ରଫି ଜିତିଛି। ସିଜନରେ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ସମସ୍ତ ୧୮ଟି ଯାକ ମ୍ୟାଚ୍‌ରେ ବାର୍ସିଲୋନା ବିଜୟ ହାସଲ କରିଛି। ଲା ଲିଗା ଇତିହାସରେ ବାର୍ସିଲୋନା ୨୯ଥର ଲାଗି ଏହି ସମ୍ମାନଜନକ ଟାଇଟଲ୍ ହାସଲ କରିଛି। ରିଅଲ ମାଦ୍ରିଦ ରେକର୍ଡ ୩୬ ଲା ଲିଗା ଟାଇଟଲ୍ ଜିତି ତାଲିକାର ଶୀର୍ଷରେ ରହିଛି।



## ବୁମ୍‌ରାଙ୍କୁ ବିଶ୍ରାମ, ସୂର୍ଯ୍ୟ ଓ ତିଳକଙ୍କୁ ବାଦ୍ ଦିଆଯାଉ

**ମୁମ୍ବାଇ,୧୧।୫(ଏଜେନ୍ସି)**

ରାୟପୁରରେ ଗତକାଲି ମେ ୧୦ ତାରିଖରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଆର୍‌ସିବିଠାରୁ ଶେଷ ଓଭରରେ ପରାଜିତ ହେବା ପରେ ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ୬ଷ୍ଠ ଥର ଟାଇଟଲ ଜିତିପାରିବ ନାହିଁ। ଏହି ଦଳ ଏବେ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ଫଳରେ ଏଭଳି ହୋଇଛି। ସେହିପରି ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ୨୦୨୨ରୁ ୨୦୨୬ ମଧ୍ୟରେ ଚତୁର୍ଥଥର ସକାଶେ ପ୍ଲେ ଅଫ୍‌ରେ ପ୍ରବେଶ କରିପାରି ନାହିଁ। ଏଭଳି ଦୟନୀୟ ପ୍ରଦର୍ଶନ ମୁମ୍ବାଇ ଇଣ୍ଡିଆନ୍ସର ସମର୍ଥକ ଓ ମ୍ୟାନେଜ୍‌ମେଣ୍ଟକୁ ବିଚଳିତ କରିଛି। ଚଳିତ ସିଜନରେ ମୁମ୍ବାଇ ଏବେ ଆଉ ମାତ୍ର ୩ଟି ମ୍ୟାଚ୍ ଯଥା ପଞ୍ଜାବ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ସହ ଖେଳିବ। ଏହି ମ୍ୟାଚ୍ ଗୁଡିକରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ସମର୍ଥକମାନେ ଦାବି କରିଛନ୍ତି। ସେ ଏହି ସିଜନରେ ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇନାହାନ୍ତି। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଡ୍ରେସିଂ ରୁମ୍‌ରେ ସେପରି କିଛି ଭଲ ପରିବେଶ ନାହିଁ ବୋଲି କୁହାଯାଏ। ଏଭଳି ସମୟରେ ଭଲ ଫର୍ମରେ ନ ଥିବା ଦୁଇ ବରିଷ୍ଠ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମାଙ୍କୁ ଏହି ୩ଟି ମ୍ୟାଚ୍‌ରୁ ବାଦ୍ ଦେବାକୁ ଦାବି ହୋଇଛି। ଉଭୟ ଖେଳାଳି ୧୧ଟି ଲେଖାଏଁ ମ୍ୟାଚ୍ ଖେଳିଲା ପରେ ଯଥାକ୍ରମେ ୧୯୫ ଓ ୨୬୧ ରନ୍ କରିଛନ୍ତି। ତିଳକ ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଅର୍ଦ୍ଧଶତକ ହାସଲ କରି ମୋଟରେ ୧୫୮ ରନ୍ କରିଛନ୍ତି। ଅର୍ଥାତ୍ ସେ ଅନ୍ୟ ୯ଟି ଇନିଂସରେ ମାତ୍ର ୧୦୩ ରନ୍‌ର ଯୋଗଦାନ ଦେଇଛନ୍ତି। ଏଭଳି ଦାବିକୁ ହେଡ୍ କୋଚ୍ ମାହେଲା ଜୟବର୍ଦ୍ଧନେ ଗ୍ରହଣ କରିବାକୁ ଅସ୍ୱୀକାର କରିଛନ୍ତି। କୋର ଗ୍ରୁପ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଡ୍ରପ୍ କରିବା କିମ୍ବା ବିଶ୍ରାମ ଦେବା ଘାତକ ସାବ୍ୟସ୍ତ ହେବ ବୋଲି ଜୟବର୍ଦ୍ଧନେ ଆଶା କରୁଛନ୍ତି।

ମୁମ୍ବାଇ ପ୍ଲେ ଅଫ୍‌ରେ ପ୍ରବେଶ କରି ପାରି ନ ଥିଲେ ମଧ୍ୟ ରିୟାନ ରିକେଲଟନଙ୍କ ଶକ୍ତିଶାଳୀ ଖେଳ, ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ, କର୍ବିନ ବୋଶ୍‌ଙ୍କ ବୋଲିଂ କିଛି ନୂଆ ଆଶା ସୃଷ୍ଟି କରିଥିଲା। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଫଳତା ଦଳକୁ ବିପର୍ଯ୍ୟୟ ଆଡକୁ ନେଇଯାଇଥିଲା। ଅଧିନାୟକ ଭାବେ ନେତୃତ୍ୱ ନେବାରେ ହେଉ, କିମ୍ବା ବ୍ୟାଟିଂ ଓ ବୋଲିଂରେ ପାଣ୍ଡ୍ୟା ବିଫଳ ହେବା ଦଳ ଲାଗି ଅଭିଶାପ ସାବ୍ୟସ୍ତ ହୋଇଛି।

## ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଦ୍ୱିତୀୟଥର ଛକା ମାରିଲେ ଆର୍ଯ୍ୟ

**ଧର୍ମଶାଳା,୧୧।୫(ଏଜେନ୍ସି):** ଏଠାରେ ଆଜି ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଛକା ମାରିଛନ୍ତି ପଞ୍ଜାବ ଓପନର ପ୍ରିୟାଂଶ ଆର୍ଯ୍ୟ। ପ୍ରତିପକ୍ଷ ଦଳର କିଂବଦନ୍ତୀ ଫାଷ୍ଟ ବୋଲର ଅଷ୍ଟ୍ରେଲୀୟ ମିଚେଲ ଷ୍ଟାର୍କଙ୍କୁ କଭର ପଏଣ୍ଟ ଅଞ୍ଚଳକୁ ବିରାଟ ସଟ୍ ମାରି ଏହି ଛକା ମାରିଥିଲେ। ମ୍ୟାଚ୍‌ର ପ୍ରଥମ ବଲ୍‌ରେ ପ୍ରିୟାଂଶ ଦ୍ୱିତୀୟଥର ଓ ଇନିଂସରେ ତୃତୀୟଥର ପ୍ରଥମ ବଲ୍‌ରେ ପ୍ରିୟାଂଶ ଛକା ମାରିବାରେ ସମର୍ଥ ହୋଇଛନ୍ତି। ମୁଲାନପୁରରେ ୨୦୨୫ରେ ଖେଳାଯାଇଥିବା ସିଏସ୍‌କେ ବିପକ୍ଷ ମ୍ୟାଚ୍‌ରେ ଖଲୀଲ ଅହମ୍ମଦ୍ ବୋଲିଂ କରିଥିବା ପ୍ରଥମ ବଲ୍‌ରେ ଛକା ମାରିଥିଲେ। ଗୋଟିଏ ଆଇପିଏଲ୍ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଏଯାଏ ୬ଥର ଛକା ମରାଯାଇଛି। ଏହା ମଧ୍ୟରୁ ପଞ୍ଜାବର ପ୍ରିୟାଂଶ ଆର୍ଯ୍ୟ ୨ଥର ଏହି ସଫଳତା ପାଇଛନ୍ତି। ତାଙ୍କ ବ୍ୟତୀତ ୨୦୦୯ରେ ରାଜସ୍ଥାନ ରୟାଲ୍ସର ନମନ ଓଝା, ୨୦୧୯ରେ ବେଙ୍ଗାଲୁରୁର ବିରାଟ କୋହଲି, ୨୦୨୪ରେ କୋଲକାତାର ଫିଲ ସଲ୍ଟ ଓ ୨୦୨୬ରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଛକା ମାରିଛନ୍ତି। ପ୍ରିୟାଂଶ ଆର୍ଯ୍ୟ ୨ଥର ଏହା କରିଥିଲାବେଳେ ମିଚେଲ ଷ୍ଟାର୍କଙ୍କ ବୋଲିଂରେ ଏହା ଦୁଇଥର ଦେଖିବାକୁ ମିଳିଛି। ଚଳିତବର୍ଷ ଜୟସ୍ୱାଲ ଜୟପୁରରେ ଷ୍ଟାର୍କଙ୍କୁ ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଛକା ମାରିଥିଲେ। ଏଠାରେ ଷ୍ଟାର୍କ ବୋଲିଂ କରିଥିବା ପ୍ରଥମ ଓଭରରେ ପଞ୍ଜାବ ୨୨ ରନ୍ ସଂଗ୍ରହ କରିଥିଲା। ଯାହାକି ଦଳ ଲାଗି ପ୍ରଥମ ଓଭରରେ ସର୍ବାଧିକ ରନ୍ ସଂଗ୍ରହ କରିବାର ରେକର୍ଡ କରିଥିଲା।

## ଅଶ୍ଳୀଳ ଭାଷା ପାଇଁ ଫ୍ଲାୱାର ଦଣ୍ଡିତ



**ରାୟପୁର,୧୧।୫(ଏଜେନ୍ସି):** ଏଠାରେ ରବିବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍‌ର ୫୪ତମ ଲିଗ୍ ମ୍ୟାଚ୍ ବେଳେ ଚତୁର୍ଥ ଅମ୍ପାୟାରଙ୍କ ସହ ଅଶ୍ଳୀଳ ଭାଷା ବ୍ୟବହାର କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ହେଡ କୋଚ୍ ଆଣ୍ଡି ଫ୍ଲାୱାର ଦଣ୍ଡିତ ହୋଇଛନ୍ତି। ଫ୍ଲାୱାରଙ୍କ ଆଚରଣ ଆଇପିଏଲ୍ ଆଚରଣ ସଂହିତାର ଲେଭଲ-୧ ଅପରାଧ ଭାବେ ବିବେଚନା କରାଯାଉଛି। ଏଭଳି କରିବା ଫଳରେ ସେ ଆଚରଣ ସଂହିତାର ଧାରା ୨.୩ ଉଲ୍ଲଙ୍ଘନ କରିଛନ୍ତି। ଫ୍ଲାୱାରଙ୍କ ନାମରେ ଅମ୍ପାୟାର ଅଭିଯୋଗ ଆଣିବା ପରେ ମ୍ୟାଚ୍ ରେଫରି ଅମିତ ଶର୍ମା ଶୁଣାଣି ଲାଗି ସମୟ ଧାର୍ଯ୍ୟ କରିଥିଲେ। କିନ୍ତୁ ଫ୍ଲାୱାର ଏହି ଅପରାଧକୁ ସ୍ୱୀକାର କରିବା ପରେ ମ୍ୟାଚ୍ ରେଫରି ଦଣ୍ଡ ଆକାରରେ ତାଙ୍କ ମ୍ୟାଚ୍ ଫି'ର ୧୫ ଶତକଡ଼ା କାଟିନେଇଥିଲେ। ଏହି ଘଟଣା ଆର୍‌ସିବି ରନ୍ ଚେଜ୍ କରିବା ବେଳେ ଇନିଂସ ୧୭.୨ ଓଭରରେ ଘଟିଥିଲା। ଘଜନଫର ଅଲିଙ୍କ ବୋଲିଂରେ କ୍ରୁନାଲ ପାଣ୍ଡ୍ୟା ଏକ ବଡ଼ ସଟ୍ ମାରିଥିଲେ। ବାଉଣ୍ଡାରୀ ଲାଇନ୍‌ରେ ତାହାକୁ ନମନ ଧୀର ଧରିଥିଲେ ମଧ୍ୟ ନିୟନ୍ତ୍ରଣ ହରାଇ ବାଉଣ୍ଡାରୀ ବାହାରକୁ ଚାଲିଯାଇଥିଲେ। କିନ୍ତୁ ବାହାରକୁ ଯିବା ପୂର୍ବରୁ ବଲ୍ ପଡ଼ିଆ ମଧ୍ୟକୁ ପକାଇଦେଇଥିଲେ ମଧ୍ୟ ସେଠାରେ ଥିବା ଫିଲ୍ଡର ତିଳକ ବର୍ମା ତାହାକୁ ଧରି ପାରି ନ ଥିଲେ। ଫ୍ଲାୱାରଙ୍କ କହିବା କଥା ହେଲା ନମନ ଧୀର କ୍ୟାଚ୍ ଧରିବା ବେଳେ ବାଉଣ୍ଡରୀ ଲାଇନ୍ ଟଚ୍ କରିଛନ୍ତି। ଏଣୁ ଏହାକୁ ୬ ରନ୍ ଦିଆଯାଉ। ଟିଭି ରିପ୍ଲେ'କୁ ଦେଖିବା ପରେ ଚତୁର୍ଥ ଅମ୍ପାୟାର ଏହି ଦାବିକୁ ନାକଚ କରିଦେଇଥିଲେ ଓ କୌଣସି ରନ୍ ହୋଇ ନ ଥିଲା। ଏହି ଘଟଣାକୁ ନେଇ ଫ୍ଲାୱାର ଓ ଚତୁର୍ଥ ଅମ୍ପାୟାରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଫ୍ଲାୱାର ଅଶ୍ଳୀଳତା ଭାଷା ପ୍ରୟୋଗ କରିଥିବାର ଅଭିଯୋଗ ହୋଇଥିଲା।

## ଚର୍ଚ୍ଚାରେ ପର୍ଣ୍ଣଷ୍ଟାର୍‌ଙ୍କ ସହ କୋହଲିଙ୍କ ଫଟୋ

**ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି):** ଆର୍‌ସିବିର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ବର୍ତ୍ତମାନ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରୁଛନ୍ତି। ଅବଶ୍ୟ ଶେଷ ଦୁଇଟି ମୁକାବିଲାରେ ସେ ଖାତା ଖୋଲିପାରି ନାହାନ୍ତି। କିନ୍ତୁ ଏଭଳି ସମୟରେ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ବେଶ୍ ଭାଇରାଲ ହୋଇଛି। ଯେଉଁଥିରେ କୋହଲିଙ୍କୁ ପର୍ଣ୍ଣ ଷ୍ଟାର କେଣ୍ଡ୍ରା ଲଷ୍ଟଙ୍କ ସହିତ ଦେଖିବାକୁ ମିଳିଛି। କିଙ୍ଗ କୋହଲିଙ୍କ ଏହି ଫଟୋ ଇଣ୍ଟରନେଟରେ ନିଆଁ ପରି ବ୍ୟାପିଯାଉଛି। ୪୭ ବର୍ଷୀୟ ଆମେରିକୀୟ ପର୍ଣ୍ଣଷ୍ଟାର୍ କେଣ୍ଡ୍ରା ନିଜେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଫଟୋ ସେୟାର କରିଛନ୍ତି। ଫଟୋରେ କୋହଲିଙ୍କୁ ଏକ କାଫେରେ କେଣ୍ଡ୍ରାଙ୍କ ପାଖରେ ବସିଥିବାର ଦେଖାଯାଉଛି। ଫଟୋ ପଛର ପ୍ରକୃତ ସତ୍ୟତାକୁ ନେଇ ପ୍ରଶ୍ନ ଉଠିଛି। ଏହି ଫଟୋ ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା ପରି ମନେ ହେଉଛି। କାରଣ କେଣ୍ଡ୍ରାଙ୍କ ସହ କୋହଲିଙ୍କ ଏପରି ସାକ୍ଷାତ ହୋଇଥିବାର କୌଣସି ଖବର ନାହିଁ।



## ବାଂଲା-ପାକ୍ ଟେଷ୍ଟରେ ବର୍ଷା ବାଧକ

**ଢାକା,୧୧।୫(ଏଜେନ୍ସି):** ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନ ଖେଳ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ଫଳରେ ଚତୁର୍ଥ ଦିନ ଖେଳରେ ୪୦ ଓଭର ଖେଳ ହୋଇପାରି ନାହିଁ। ପ୍ରଥମ ଇନିଂସରେ ୨୭ ରନ୍‌ରେ ଅଗ୍ରଣୀ ରହିଥିବା ବାଂଲାଦେଶ ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟରେ ହରାଇ ୧୫୨ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନାଜମୋଲ ହୋସେନ ସାଣ୍ଟୋ ୫୮ ଓ ମୁସଫିକର ରହିମ ୧୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଜି ସକାଳେ ବର୍ଷା ହେବା ପୂର୍ବରୁ ବାଂଲାଦେଶର ଦୁଇ ଓପନରଙ୍କୁ ପାକିସ୍ତାନ ୨୩ ରନ୍‌ରେ ପାଭିଲିଅନ ଫେରାଇଦେଇଥିଲା। କିନ୍ତୁ ମୋମିନୁଲ ଓ ନାଜମୋଲ ତୃତୀୟ ୱିକେଟରେ ୧୦୫ ରନ୍ ସଂଗ୍ରହ କରି ବାଂଲାଦେଶକୁ ବିପଦରୁ ରକ୍ଷା କରିଥିଲେ। ମୋମିନୁଲ ଅନାବଶ୍ୟକ ଭାବେ ଏକ ସଟ୍ ମାରିବାକୁ ଯାଇ ଧରାପଡ଼ିଥିଲେ। ଆଉଟ ହେବା ପୂର୍ବରୁ ସେ ୫୬ରନ୍ ଯୋଗଦାନ କରିଥିଲେ। ସାହିନ ଆଫ୍ରିଦୀ, ମହମ୍ମଦ୍ ଆବାସ ଓ ହାସନ ଅଲି ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଆରମ୍ଭ

**ଭୁବନେଶ୍ୱର, ୧୧।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ସୋମବାର ପ୍ରଥମ ଦିବସରେ ୯ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭୁବନେଶ୍ୱର-ବି ୩୫ ରନରେ ନୟାଗଡ଼କୁ, ସମ୍ବଲପୁର-ଏ ୫ ୱିକେଟରେ ପାରାଦୀପକୁ, ଗଜପତି ୩ ୱିକେଟରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୪୬ ରନରେ କେନ୍ଦ୍ରାପଡ଼ାକୁ, କନ୍ଧମାଳ ୧୫ ରନରେ ସମ୍ବଲପୁର-ବି'କୁ, ନବରଙ୍ଗପୁର ୬୪ ରନରେ ବୌଦ୍ଧକୁ, ଯାଜପୁର ୭ ୱିକେଟରେ କଟକ-ବି'କୁ, ରାଉରକେଲା ୭ ୱିକେଟରେ କିଟ୍‌କୁ, ଦେଓଗଡ଼ ୧୮୩ ରନରେ ରାୟଗଡ଼କୁ ପରାସ୍ତ କରିଛି। ପ୍ରଥମ ଦିନରେ ଭୁବନେଶ୍ୱରର ଅନୁରାଗ ସାମନ୍ତରାୟ (୧୦୪ ରନ୍) ଏକମାତ୍ର ବ୍ୟାଟର ଭାବେ ଶତକୀୟ ପାଳି ଖେଳିଛନ୍ତି। ନବରଙ୍ଗପୁରର ଆୟୁଷ୍ମାନ ପଣ୍ଡା (୫/୩୫), ନବରଙ୍ଗପୁରର ଦୀପକ ପାତ୍ର (୬/୨୬), କନ୍ଧମାଳର ପ୍ରୀତମ ସାମଲ (୪/୧୩), ଗଜପତିର ଜେମ୍ସ ଲିମା (୩ ୱିକେଟ ଓ ୧୩ ରନ୍), ପ୍ରଭାବୀ ପ୍ରଦର୍ଶନ କରିଥିଲେ।

### ରାଜ୍ୟ ସିନିଅର ପେନଚାକ ସିଲାଟ୍ ଚାମ୍ପିଅନସିପ୍

## ଝାରସୁଗୁଡ଼ା ଚାମ୍ପିଅନ, ସୁନ୍ଦରଗଡ଼ ରନର୍ସଅପ୍

**ଭୁବନେଶ୍ୱର, ୧୧।୫ (ସମିସ):** ରାଜ୍ୟ ସିନିଅର୍ ପେଞ୍ଚକ ସିଲାଟ ଚାମ୍ପିଅନସିପର ୯ମ ସଂସ୍କରଣ ଅନୁଗୋଳର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ପ୍ରଥମ ଓ ଖୋର୍ଦ୍ଧା ଦ୍ୱିତୀୟ ରନର୍ସଅପ ହୋଇଛି। ଏଥିରେ ୧୫ ଜିଲ୍ଲାର ୩୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେହିଭଳି ୨୫ଜଣ ରେଫରୀ ଭାବରେ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବରେ ଜିଲ୍ଲା ମ୍ୟୁନିସିପାଲଟି ଅଧକ୍ଷନ ଅକ୍ଷୟ କୁମାର ସାମନ୍ତ, ପଦ୍ମିନୀ ସିଂ, ରାଜ୍ୟ ପେନଚାକ୍ ସଂଘର ସମ୍ପାଦକ ଗୁରୁ ପ୍ରେମ୍ ସିଂହ ଥାପା, ଅନୁଗୋଳ ଜିଲ୍ଲା ସଂଘ ସଭାପତି ରାଜେଶ ଦାସ, ସଂପାଦକ ସୁଧାଂଶୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଏହି ଚାମ୍ପିଅନସିପକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ପେନଚାକ ସିଲାଟ ସଂଘର ସଭାପତି ତାପସ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ଭବାନୀ କୁମାରୀ ସାହୁ, ଉପଦେଷ୍ଟା ସୁମନ ମୋଦି, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଜିତେନ୍ଦ୍ର କୁମାର ରାଉତ, ଜିଲ୍ଲା କ୍ରୀଡ଼ା ଅଫିସର ଅକ୍ଷୟ କୁମାର ସିଠ୍ ପରିଚାଳନରେ ସହଯୋଗ କରିଥିଲେ।



### ■ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍

## ଭାରତର ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ

**ମୁମ୍ବଇ,୧୧।୫(ଏଜେନ୍ସି):** ଭାରତୀୟ ମହିଳା ଦଳର ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ ହୋଇଯାଇଛି। ଏଏଫ୍‌ସି କପ୍ ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାର୍ଟର ଫାଇନାଲରେ ଚୀନ୍‌ଠାରୁ ୩-୦ ଗୋଲରେ ଭାରତ ହାରିଯିବା ପରେ ବିଶ୍ୱକପ୍ ଖେଳିବା ଆଶା ମଉଳିଯାଇଥିଲା। ଭାରତ ପ୍ରଥମଥର ଏସୀୟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଚୀନ୍‌ରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଥିଲେ ଭାରତକୁ ବିଶ୍ୱକପ୍ ଖେଳିବାକୁ ସୁଯୋଗ ମିଳିଥାନ୍ତା। କିନ୍ତୁ ତାହା ସମ୍ଭବ ହୋଇପାରି ନ ଥିଲା। ଲିଗ୍ ପର୍ଯ୍ୟାୟରେ ଲେବାନନ୍‌କୁ ୪-୦ ଗୋଲରେ ପରାସ୍ତ କରି ଭାରତ ଦୀର୍ଘ ୨୧ ବର୍ଷର ବ୍ୟବଧାନ ପରେ ଏସିଆନ୍ କପ୍‌ରେ ବିଜୟର ସ୍ୱାଦ ଚାଖିଥିଲା। ଏବେ ସେମିଫାଇନାଲରେ ଚୀନ୍ ସହ ଉତ୍ତର କୋରିଆର ମୁକାବିଲା ହେବ। ଆଜି ଖେଳାଯାଇଥିବା ଅନ୍ୟ କ୍ୱାର୍ଟର ଫାଇନାଲରେ ଉତ୍ତର କୋରିଆ ୬-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲା।

### କଳିଙ୍ଗ ବାସ୍କେଟବଲ୍ ଲିଗ୍

## ସିଲଭର୍ ସିଟି ଫାଲକନ୍ସ ଜିତିଲା ଟାଇଟଲ୍

**ଭୁବନେଶ୍ୱର, ୧୧।୫ (ସମିସ)**

ଏମ୍-ଥ୍ରୀ ପାର୍ଟ୍ନର୍ସ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ବାସ୍କେଟବଲ୍ ଲିଗ୍‌ର ପ୍ରଥମ ସଂସ୍କରଣ ଉଦଯାପିତ ହୋଇଯାଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ କଟକର ସିଲଭର ସିଟି ଫାଲକନ୍ସ ଦଳ ୧୦୯-୮୩ ପଏଣ୍ଟରେ ସିଲ୍କ ସିଟି ସ୍ପାର୍ଟନ୍ସ (ଗଞ୍ଜାମ)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଅମିତ କୁମାର ସାସମଲଙ୍କ ନେତୃତ୍ୱାଧୀନ ସିଲଭର ସିଟି ପାଇଁ ସୁରେଶ ଦାସ, ଆୟୁଷମାନ ନାୟକ, ହାର୍ଦ୍ଦିକ ପଟ୍ଟନାୟକ ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଚାମ୍ପିଅନ ଦଳର ଏ. ଶିବା ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର (ଏମଭିପି), ସେକ୍ ସୈଫୁଦ୍ଦିନ ବେଷ୍ଟ ଡଙ୍କର ଓ ହର୍ଷ ସିଂହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଶ୍ୱ ପ୍ରକାଶ ବେଉରା ଚାମ୍ପିଅନ ଦଳର ମାଲିକ, ଅନ୍ତର୍ଜାତୀୟ ଖେଳାଳି ଅଶୋକ କୁମାର ନାୟକ କୋଚ, ଅମରେଶ ପାତ୍ର, ଶଶୀକାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ ଉପଦେଷ୍ଟା ରହିଥିଲେ। ଉଦଯାପନୀ ଉତ୍ସବରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ୍ ସିଲ୍କ ସିଟିକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମେ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଫ୍ରାଞ୍ଚାଇଜଭିତ୍ତିକ ବାସ୍କେଟବଲ୍ ଲିଗ୍‌ରେ ୬ଟି ଦଳ ଭାଗନେଇଥିଲେ।




### ପ୍ରଥମ ଶୁଭାଶିଷ କର ଓ ଶେଖ୍ ହୀରା ମେମୋରିଆଲ୍ ଫୁଟ୍‌ବଲ୍

## ରକ୍‌ଷ୍ଟାରକୁ ହରାଇ ମା' ମଙ୍ଗଳା ଚାମ୍ପିଅନ

**କଟକ,୧୧।୫ (ସମିସ)**

ଶୁଭାଶିଷ କର ଓ ଶେଖ୍ ହୀରାଙ୍କ ସ୍ମୃତିରେ ୟୁଥ୍ ଗ୍ୟାଲାକ୍ସି କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଦିବାରାତ୍ର ଆନ୍ତଃ କ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ କଟକରୁ ୬ଟି ଏବଂ ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଗୋଟିଏ ରହିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ମା ମଙ୍ଗଳା କ୍ଲବ୍(କଟକ) ୧-୦ ଗୋଲ୍‌ରେ ରକ୍‌ଷ୍ଟାର୍ ସେଭେଣ୍ଟିନ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଏଥିପୂର୍ବରୁ ସେମିଫାଇନାଲରେ ମା ମଙ୍ଗଳା ଅନ୍ୟତମ କଟକ ଦଳ ଚାନ୍ଦ କ୍ଲବକୁ ଏବଂ ଦ୍ୱିତୀୟ ସେମିରେ ଓନ୍ କ୍ଲବକୁ ହରାଇ ରକ୍‌ଷ୍ଟାର୍ ଫାଇନାଲକୁ ଉଠିଥିଲା। ଦେବଜିତ୍ ସିଂହ ଶ୍ରେଷ୍ଠ ଗୋଲ୍ କିପର୍, ଶେଖ୍ ନୱାଜିସ୍ ନୁର ଶ୍ରେଷ୍ଠ ଡିଫେଣ୍ଡର, ଚନ୍ଦନ ଦାସ ଶ୍ରେଷ୍ଠ ମିଡଫିଲ୍ଡର, ଗଣେଶ ସେଠୀ ଶ୍ରେଷ୍ଠ ଫରୱାର୍ଡ ଓ ସୁନିଲ ସୋରେନ ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପୁରସ୍କାର ହାସଲ କରିଥିଲେ।

ଉଦଯାପନୀ ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, କର୍ପୋରେଟର ଏ. ଶ୍ରୀଦେବୀ ଯୋଗଦେଇ ଚାମ୍ପିଅନ ମା ମଙ୍ଗଳା ଦଳକୁ ଶୁଭାଶିଷ କର ମେମୋରିଆଲ୍ କପ୍ ଓ ରନର୍ସଅପ୍ ରକ୍‌ଷ୍ଟାର ଦଳକୁ ଶେଖ୍ ହୀରା କପ୍ ପ୍ରଦାନ କରିଥିଲେ। ସଞ୍ଜୀବ ଦାସ, ସେଖାୱତ୍ ଖାନ୍, ବାବୁନା ଭୋଇ, ଆଶୀର୍ବାଦ କାନୁନ୍‌ଗୋ, ଶେଖ୍ ହାୟାତ ରେଫରି ଭାବେ ଏବଂ ମହମ୍ମଦ ଜହୁରୀ ମ୍ୟାଚ କମିଶନର ଓ ରାଜ୍‌ଦୀପ୍ ଦାସ ଫିଜିଓ ଭାବେ ଦାୟିତ୍ୱ ତୁଲାଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS